◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ◆VOLUME- 43 ◆ISSUE-268 ◆FRIDAY ◆27 MARCH 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୬୮ ◆ଶୁକ୍ରବାର ◆୨୭ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଖାର୍ଗରେ ଇରାନର ସମରସଜ୍ଜା

## ଆମେରିକାର ସମ୍ଭାବ୍ୟ ଆକ୍ରମଣ ପୂର୍ବରୁ ଖଞ୍ଜିଲା ମାଇନ୍ସ




■ ତେହେରାନ, ୨୬ ।୩ (ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ନେବାକୁ ଯାଉଛି । ଆମେରିକା ପକ୍ଷରୁ ସ୍ଥଳସେନା ଅଭିଯାନର ଆଶଙ୍କା କରି ଇରାନ ମଧ୍ୟ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ଚାରିପଟେ ଇରାନ ମାଇନ୍ସ ବିଛାଇବା ସହ ଅତିରିକ୍ତ ସୈନ୍ୟ ମୁତୟନ କରିଛି । ଆମେରିକା ଗଣମାଧ୍ୟମର ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଖାର୍ଗ ଦ୍ୱୀପକୁ ନିଜ ଦଖଲକୁ ନେବା ପାଇଁ ଯୋଜନା କରୁଛି । ଏହି ଦ୍ୱୀପକୁ କବ୍‌ଜା କରି ଇରାନ ଉପରେ ଚାପ ପକାଇବା ଏବଂ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଖୋଲିବା ପାଇଁ ▶ପୃଷ୍ଠା-୭

## ଭାରତ ସମେତ ୫ ମିତ୍ର ରାଷ୍ଟ୍ରଙ୍କୁ ହର୍ମୁଜ ଖୋଲା

■ ନୂଆଦିଲ୍ଲୀ, ୨୬ ।୩ (ଏଜେନ୍ସି): ଜାରି ରହିଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଇରାନ ଘୋଷଣା କରିଛି ଯେ 'ହର୍ମୁଜ ପ୍ରଣାଳୀ' ଦେଇ ଭାରତ ସମେତ ୫ଟି ମିତ୍ର ଦେଶର ଜାହାଜ ଚଳାଚଳ ଉପରେ କୌଣସି କଟକଣା ରହିବ ନାହିଁ । ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଘାଚି କହିଛନ୍ତି ଯେ ଭାରତ, ରୁଷ, ଚୀନ୍, ପାକିସ୍ତାନ ଓ ଇରାକ ପରି ଦେଶଗୁଡ଼ିକର ତୈଳ ଜାହାଜକୁ ନିରାପଦରେ ଯିବାକୁ ଅନୁମତି ଦିଆଯାଇଛି । ବାଂଲାଦେଶର ଜାହାଜକୁ ମଧ୍ୟ ଅନୁମତି ମିଳିପାରେ ବୋଲି ସେ ସୂଚନା ଦେଇଛନ୍ତି । ତେବେ ଆମେରିକା, ଇସ୍ରାଏଲ ଏବଂ ଯୁଦ୍ଧରେ ସମ୍ପୃକ୍ତ ଥିବା କିଛି ଉପସାଗରୀୟ ଦେଶ ପାଇଁ ଏହି ପଥ ବନ୍ଦ ରହିବ ବୋଲି ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ ଆଜି

■ ନୂଆଦିଲ୍ଲୀ, ୨୬।୩: ପଶ୍ଚିମ ଏସିଆ ସଙ୍କଟ ପରିପ୍ରେକ୍ଷୀରେ ରାଜ୍ୟମାନେ କେତେ ପ୍ରସ୍ତୁତ ଅଛନ୍ତି, ସେ ସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଭିଡିଓ କନଫେରେନସିଂ ଜରିଆରେ ଆଲୋଚନା କରିବେ । ତେବେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏଥିରେ ସାମିଲ ହେବେନାହିଁ । ପରବର୍ତ୍ତୀ ସମୟରେ କ୍ୟାବିନେଟ ସଚିବ ଏହି ରାଜ୍ୟର ମୁଖ୍ୟ ସଚିବମାନଙ୍କ ସହିତ ପୃଥକ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

# ମଦ ଦୋକାନୀଙ୍କୁ ୩ ବର୍ଷିଆ ଲିଜ୍

- ଏପ୍ରିଲରୁ ନୂଆ ଅବକାରୀ ନୀତି
- ପ୍ରତିବର୍ଷ ବଢ଼ିବ ୧୦% ଟିକସ
- ବଡ଼ଦାଣ୍ଡରେ ରହିବନି ମଦ ଦୋକାନ
- ସର୍ବନିମ୍ନ ବଦଳରେ ନିଶ୍ଚିତ କୋଟା
- ମଦ୍ୟପ ଦେବେ ଅଧ ପ୍ରତିଶତ 'ଡି-ଆଡିକ୍ସନ୍ ସେସ୍'

■ ଭୁବନେଶ୍ୱର, ୨୬।୩ (ସମିସ): ଏପ୍ରିଲ ୧ରୁ ରାଜ୍ୟରେ କାର୍ଯ୍ୟକାରୀ ହେବ ନୂଆ ଅବକାରୀ ନୀତି । ନୂଆ ଅବକାରୀ ନୀତି ଅନୁସାରେ ରାଜ୍ୟରେ ଆଉ ଠିପି ବନ୍ଦ ମଦ ଦୋକାନ ଖୋଲିବ ନାହିଁ । ତେବେ ଶିଳ୍ପାଞ୍ଚଳରେ ତିନି ତାରକାରୁ ଊର୍ଦ୍ଧ୍ୱ ହୋଟେଲ, କ୍ଲବ୍ ଆଦିରେ ଠିପି ଖୋଲା ମଦ ବିକ୍ରି ଅନୁମତି ମିଳିବ । ଅନୁରୂପ ଭାବରେ ମଦ ଦୋକାନ ପଟ୍ଟାଦାରଙ୍କୁ ଆସନ୍ତା ବର୍ଷଠାରୁ ବର୍ଷିକିଆ ଲିଜ୍ ବଦଳରେ ୩ ବର୍ଷ ପାଇଁ ଲିଜ୍ ମିଳିବ । ଦୋକାନ ପିଛା ଟିକସ ବର୍ଷକୁ ୧୦% ବୃଦ୍ଧି ପାଇବ । ସେହିପରି ମଦ୍ୟପାନର ଅପକାରିତା ▶ପୃଷ୍ଠା-୭



## ବାରବାଟୀରେ ଭାରତ-ଶ୍ରୀଲଙ୍କା ଟି-୨୦

କଟକର ବାରବାଟୀ ଷ୍ଟାଡିୟମ୍‌ରେ ଡିସେମ୍ବର ୨୪ ତାରିଖରେ ଭାରତ-ଶ୍ରୀଲଙ୍କା ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ତିନିଟିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ୨୨ ତାରିଖରେ ରାଜକୋଟ୍ ଓ ତୃତୀୟ ମ୍ୟାଚ୍ ୨୭ ତାରିଖରେ ପୁଣେରେ ହେବ ।






## ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ

# ଦୋଷୀକୁ ଫାଶୀ

■ ବ୍ରହ୍ମପୁର, ୨୬।୩ (ସମିସ): ୯ ବର୍ଷର ଜଣେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ ମାମଲାର ବିଚାର କରି ବ୍ରହ୍ମପୁର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି ରୋହିତଲାଲ ପଣ୍ଡା ଐତିହାସିକ ରାୟ ଶୁଣାଇଛନ୍ତି । ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ସଂପୃକ୍ତ ଅଭିଯୁକ୍ତକୁ କୋର୍ଟ ଫାଶୀଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ଅଭିଯୁକ୍ତଜଣଙ୍କ ହେଲେ, ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅଞ୍ଚଳର କେଶବ ନାହାକ ଓରଫ୍ କେଶା (୩୦) । ଏହାସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି ।

୨୦୨୧ ନଭେମ୍ବର ୨୧ରେ ପୋଲସରା ଥାନା ଅଞ୍ଚଳର ଜଣେ ନାବାଳିକା ନିଜ ମା'ଙ୍କ ସହ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ । ଅଭିଯୁକ୍ତ କେଶବ ନାବାଳିକାଙ୍କୁ ଗାଁ ନିକଟ ନଦୀକୁ ମାଛ ଧରିବାକୁ ଡାକିନେଇ ▶ପୃଷ୍ଠା-୭

# ବିଧାୟକଙ୍କ ଦରମା ଓ ଭତ୍ତା ବିଲ୍ ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ



### ଚଳିତ ଅଧିବେଶନରେ ପୁଣି ଆସିବ ନୂଆ ଦରମା-ଭତ୍ତା ବିଲ୍

### ନୂଆ ବିଲ୍‌ରେ ଦରମା ଓ ପେନସନ ୨୫୦% ବୃଦ୍ଧି ସମ୍ଭାବନା

■ ଭୁବନେଶ୍ୱର, ୨୬।୩ (ସମିସ): ବିଧାୟକଙ୍କ ଦରମା, ଭତ୍ତା ଏବଂ ପେନସନ ସହ ବାଚସ୍ପତି, ଉପ ବାଚସ୍ପତି ଏବଂ ମନ୍ତ୍ରୀଙ୍କ ଦରମା ବୃଦ୍ଧି ସମ୍ପର୍କିତ ୪ଟି ବିଲକୁ ପ୍ରତ୍ୟାହାର କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର ।ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାର ଅନୁମତି ଲୋଡିଛନ୍ତି । ଗୁରୁବାର ବିଧାନସଭା ସଚିବ ସତ୍ୟବ୍ରତ ରାଉତ ସମସ୍ତ ବିଧାୟକଙ୍କୁ ଚିଠି ଲେଖି ଏନେଇ ଅବଗତ କରାଇଛନ୍ତି ।

ସୂଚନା ଅନୁସାରେ ସରକାର ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ୪ଟି ବିଲ ପ୍ରତ୍ୟାହାର ପାଇଁ ଇଚ୍ଛା ପ୍ରକାଶ କରିଥିବା ସଂକ୍ରାନ୍ତରେ ବିଧାନସଭା ସଚିବ ବିଧାୟକମାନଙ୍କୁ ନୋଟିସ ଦେଇଛନ୍ତି । ଏଥିରେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନସନ (ସଂଶୋଧନ) ବିଲ୍, ବାଚସ୍ପତିଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍, ଉପବାଚସ୍ପତିଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍ ଓ ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍ ରହିଛି । ଆସନ୍ତା ୩୦ ତାରିଖରେ ଏହି ୪ ବିଲ ପ୍ରତ୍ୟାହାର ପାଇଁ ଗୃହରେ ବିଧିବଦ୍ଧ ପ୍ରସ୍ତାବ ଆଗତ ହେବ ବୋଲି ବିଧାନସଭା ସୂତ୍ରରୁ ଜଣାପଡ଼ିଛି । ତେବେ ଏହି ଦରମା ଓ ଭତ୍ତା ବିଲ୍ ପ୍ରତ୍ୟାହାର ପରେ ସରକାର ନୂଆ ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ଅନ୍ୟଏକ ସଂଶୋଧିତ ବିଲ୍ ଚଳିତ ଅଧିବେଶନରେ ଆଣିବାର ସମ୍ଭାବନା ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଦରମା ଓ ଭତ୍ତାରେ ୩୫୦% ବୃଦ୍ଧିକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିବାରୁ ଏହାକୁ ହ୍ରାସ କରି ୨୫୦% ଅର୍ଥାତ୍ ଅଢ଼େଇଗୁଣ କରିବା ପାଇଁ ଏହି ▶ପୃଷ୍ଠା-୭




## ବଡ଼ଦାଣ୍ଡରେ ଗଡୁଛି ଗରିବୀପଣିଆ

# କୋଳରେ ପିଲାକୁ ଧରି ହାତ ପାତୁଛି 'ସୁଭଦ୍ରା'

ପୁରୀ, ୨୬।୩ (ସମିସ): ଗରିବ, ନିଃସହାୟଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ସମସ୍ତଙ୍କ ମୁଣ୍ଡକୁ ଛାତ, ପେଟକୁ ଭାତ ଯୋଗାଇ ଦେଉଛନ୍ତି। ଦେଢ଼ବର୍ଷ ଭିତରେ 'ସୁଭଦ୍ରା' ଯୋଜନାରେ ଓଡ଼ିଶାର ଅନେକ ମହିଳା ଲକ୍ଷପତି ଆଉ ମହାଲକ୍ଷପତି ହେଲେଣି। ବିଭିନ୍ନ ସଭା ସମିତିରେ ଏମିତି ଗଳା ଫଟାଇ ଚିତ୍କାର କରୁଛନ୍ତି ନେତା, ମନ୍ତ୍ରୀ। ଅଧିକାରୀମାନେ ମଧ୍ୟ ଏଥିରେ ମୁଣ୍ଡ ଟୁଙ୍ଗାରୁଛନ୍ତି। ହେଲେ ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଏବେ ବି ବହୁ ଲୋକ ଅଛନ୍ତି ଯିଏ ଦିହକୁ କନା, ପେଟକୁ ଦାନା ମୁଠାଏ ପାଇଁ ଅହରହ ସଂଘର୍ଷ କରୁଛନ୍ତି। ଆଉ ଏହି ସଂଘର୍ଷ ଏତେ ଲମ୍ବା ଯେ ଅନେକେ ନିଜ ଭିଟାମାଟିଠାରୁ ଦୂରେଇ ଯିବାକୁ ବାଧ୍ୟ ହେଉଛନ୍ତି, ଯାହାର ଏକ ନିଚ୍ଛକ ଚିତ୍ର ଦେଖିବାକୁ ମିଳିଛି ଶ୍ରୀମନ୍ଦିର ନିକଟରେ।

ଗୁରୁବାର ବଡ଼ଦାଣ୍ଡରେ ମୁଣ୍ଡ ଗଡ଼ାଉଥିବା ଜଣେ ମହିଳାର ଗରିବୀପଣିଆ ହିଁ ଏହା ସ୍ପଷ୍ଟ କରୁଥିଲା। ଚଇତି ଖରାରେ ନିଜର ନିଷ୍ପାପ ଶିଶୁକୁ କୋଳରେ ଧରି ହାତ ପାତୁଥିଲା ଜଣେ 'ସୁଭଦ୍ରା' ମା'। ସୁଦୂର ମୟୂରଭଞ୍ଜରୁ ଆସି ପୁରୀରେ ଭିକ୍ଷାବୃତ୍ତି କରୁଥିବା ଏହି ମହିଳା ହେଉଛନ୍ତି ବିଳାସିନୀ। ଯଦିଓ ପିଲା ପାଇଁ ଅନ୍ୟକୁ ହାତ ପତାଉଥିଲେ କିନ୍ତୁ ସେ ଥିଲେ ବେଶ୍ ସ୍ୱାଭିମାନୀ। କାରଣ ତାଙ୍କ ସମ୍ପୂର୍ଣ୍ଣ ପରିଚୟ ଦେବାକୁ ସେ ରାଜି ହୋଇ ନ ଥିଲେ। ଇଚ୍ଛା ହେଲେ କେହି ଟଙ୍କିଏ, ଦୁଇଟଙ୍କା ତାଙ୍କ ଗାମୁଛା ଉପରେ ପକାଇ ଆଗକୁ ଚାଲିଯାଉଥିଲେ। ହେଲେ ଦୁଃଖିନୀ ମା'ର ମୁହଁକୁ ଚାହିଁ ରହିଥିଲା ପିଲାଟି। ଏହି ଦୃଶ୍ୟ ଅନେକଙ୍କୁ ବ୍ୟଥିତ କରିଥିଲା।

ଏଠାରେ ପ୍ରଶ୍ନ ଉଠୁଛି, କୁଆଡ଼େ ଗଲା ନୀଳାଦ୍ରି ନିଳୟ ଯୋଜନା? ଏକଦା ପୁରୀ ସହରକୁ ଭିକାରୀମୁକ୍ତ କରିବା ଲାଗି ଏହି ଯୋଜନା ପରିକଳ୍ପନା କରାଯାଇଥିଲା। ସହରରେ ଥିବା ସମସ୍ତ ଭିକାରୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ପୂର୍ବ ସରକାର ସମୟରେ ଜିଲ୍ଲା ପ୍ରଶାସନ ଏହି ଯୋଜନା ଆରମ୍ଭ କରିଥିଲା। ରାଜ୍ୟର ପ୍ରଥମ ସହର ଭାବେ ୨୦୨୦ ମାର୍ଚ୍ଚରେ ପୁରୀରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ବଡ଼ଦାଣ୍ଡ ହେଉ କିମ୍ବା ପାଖଆଖ ଅଞ୍ଚଳରେ ଭିକ୍ଷୁକମାନଙ୍କୁ ନୀଳାଦ୍ରି ନିଳୟ ଯୋଜନାରେ ଥଇଥାନ କରିବା ଥିଲା ଏହାର ମୂଳ ଉଦ୍ଦେଶ୍ୟ। ଏକାଧିକ ସ୍ଥାନରେ ଏଥିପାଇଁ ଆଶ୍ରୟସ୍ଥଳ ନିର୍ମାଣ କରାଯାଇ ଭିକ୍ଷୁକମାନଙ୍କୁ ନିଆଯାଇ ସେଠାରେ ରଖାଯାଉଥିଲା। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ରହିଥିଲେ। ସେମାନେ ସହରସାରା ବୁଲି ଭିକ୍ଷାବୃତ୍ତି କରୁଥିବା



ଲୋକଙ୍କୁ ଆଣି ଆଶ୍ରୟସ୍ଥଳରେ ପହଞ୍ଚାଉଥିଲେ। ସେମାନଙ୍କୁ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯାଉଥିଲା। ଯୋଗ, ପ୍ରାଣାୟମ ସହ ସକାଳେ ଜଳଖିଆ, ମଧ୍ୟାହ୍ନ ଭୋଜନ, ରାତ୍ର ଭୋଜନ ମଧ୍ୟ ପ୍ରଦାନ କରାଯାଉଥିଲା। ଏପରିକି, ସେମାନେ ଯେପରି ଭିକ୍ଷାବୃତ୍ତି ଛାଡ଼ି ସମ୍ମାନର ସହ ସମାଜରେ ଯେପରି ବଞ୍ଚିପାରିବେ, ସେଥିଲାଗି ପ୍ରଶାସନ ପକ୍ଷରୁ ଧୂପକାଠି, ଝାଡୁ, ସିଏଫ୍ଏଲ୍ ବଲ୍ବ ତିଆରି ସହ ବିଭିନ୍ନ ପ୍ରକାର ଚିତ୍ରକଳା ପ୍ରସ୍ତୁତ କରିବାର ତାଲିମ ଦିଆଯାଉଥିଲା।

ତାଲିମପ୍ରାପ୍ତ ମହିଳା ଓ ପୁରୁଷମାନେ ଜୀବିକା ପାଇଁ ଏଭଳି ନାନା ପ୍ରକାରର ସାମଗ୍ରୀ ତିଆରି କରି ଅର୍ଥ ଉପାର୍ଜନ କରୁଥିଲେ। ଏପରିକି, ପରବର୍ତ୍ତୀ ସମୟରେ ଯେଉଁମାନେ ଇଚ୍ଛା କରୁଥିଲେ, ସେମାନଙ୍କୁ ସଠିକ୍ ଭାବେ କାଉନ୍ସେଲିଂ କରି ପରିବାରଲୋକଙ୍କ ଜିମା ଦିଆଯାଉଥିଲା। ହେଲେ ଏହି ଯୋଜନା ଏବେ ଏକପ୍ରକାର ବାଟବଣା ହୋଇଯାଇଛି। ପୁରୀ ସହର, ଏପରିକି ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ନିକଟରେ ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ଦେଖିବାକୁ ମିଳୁଛି। ବିଳାସିନୀଙ୍କ ଭଳି ଗରିବ ଅସହାୟ ମହିଳାଙ୍କ ପାଇଁ କ'ଣ ସରକାରୀ ଯୋଜନା ନାହିଁ? ସେ କ'ଣ 'ସୁଭଦ୍ରା'ର ଜଣେ ହିତାଧିକାରୀ ନୁହଁନ୍ତି? ଏଭଳି ପ୍ରଶ୍ନ ସମସ୍ତଙ୍କ ଉଙ୍କି ମାରୁଥିବା ବେଳେ ତାଙ୍କ କୋଳରେ ଥିବା ନିଷ୍ପାପ ଶିଶୁଟିର ଭବିଷ୍ୟତ କ'ଣ ହେବ, ତାହା ସମସ୍ତ ଦେଖଣାହାରୀଙ୍କୁ ବିଚଳିତ କରିଛି।

# ୧ ପର୍ଯ୍ୟନ୍ତ କମିବନି କାଳବୈଶାଖୀ

ଭୁବନେଶ୍ୱର,୨୬।୩(ସମିସ): ଟ୍ରଫଲାଇନ୍ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଜାରି ରହିଛି। କ୍ରମାଗତ ୩ ଦିନ ହେବ ଏହି ସ୍ଥିତି ଲାଗି ରହିଥିବାରୁ ବ୍ୟାପକ ସ୍ଥାନରେ ବର୍ଷା ପବନ ଜନିତ କ୍ଷୟକ୍ଷତି ଘଟୁଛି। ଦିନବେଳା ପ୍ରବଳ ଖରା ହେଉଥିଲେ ମଧ୍ୟ ଅପରାହ୍ଣ ପରେ ପାଗରେ ପରିବର୍ତ୍ତନ ଆସୁଛି ଓ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଅନୁଭୂତ ହେଉଛି। ଗତ ଦୁଇ ଦିନ ହେବ ଉତ୍ତର ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିବା ବେଳେ ଗୁରୁବାର ଭୁବନେଶ୍ୱର ସମେତ କଟକ ଓ ଅନ୍ୟ କେତେକ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଅନୁଭୂତ ହୋଇଛି। ଏହି ସମୟରେ ସ୍ଥାନେ ସ୍ଥାନେ କୁଆପଥର ମାଡ଼ନେଇ ମଧ୍ୟ ସୂଚନା ମିଳିଛି।

ଗୁରୁବାର ଦିନ ବେଳା ପାଗ ସ୍ୱାଭାବିକ ରହିଥିଲା। ଅପରାହ୍ଣ ୪ ଟା ପରେ ରାଜଧାନୀ ଭୁବନେଶ୍ୱରରେ ହଠାତ ପାଗ ବଦଳିଥିଲା। ଆକାଶରେ ମେଘ ଘୋଟି ଆସିଥିଲା। ପ୍ରାୟ ୪ଟା ୪୫ ବେଳକୁ ପବନ ବହିବା ଆରମ୍ଭ ହେବା ସହ ଅଧଘଣ୍ଟା ଧରି ପବନ ବହିବା ସହ ଆକାଶରେ ବିଜୁଳି ଚମକୁଥିଲା। ବର୍ଷା ସମୟରେ ପବନର ବେଗ ମଧ୍ୟ ପ୍ରାୟ ୪୦-୫୦ କିମି ପର୍ଯ୍ୟନ୍ତ ପହଞ୍ଚିଥିଲା। କଟକରେ ମଧ୍ୟ ଅପରାହ୍ଣରେ କୁଆପଥର ମାଡ଼ ସହ ବର୍ଷା ପବନ ହୋଇଥିବା ସୂଚନା ମିଳିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏଭଳି ସ୍ଥିତି ପ୍ରାୟ ୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଦିନ ବେଳା ଯେଉଁଦିନ ଅଧିକ ଗରମ ଗୁଳୁଗୁଳି ହେବ, ସେହିଦିନ କାଳବୈଶାଖୀର ଆଶଙ୍କା ଅଧିକ ରହିବ। ସାଧାରଣତଃ ମାର୍ଚ୍ଚ ଶେଷ ସପ୍ତାହରୁ ରାଜ୍ୟରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥାଏ। ଉପକୂଳ ସମେତ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାରେ କାଳବୈଶାଖୀ ସ୍ଥିତି ସୃଷ୍ଟି ହୁଏ। ଏହି ସମୟରେ ପବନ ଯୋଗୁଁ ଗଛ ଭାଙ୍ଗିବା ଓ ବିଜୁଳି, ଘଡ଼ଘଡ଼ିର ଆଶଙ୍କା ରହୁଥିବାରୁ ସତର୍କତା ଅବଲମ୍ବନ ପାଇଁ ପାଣିପାଗ କେନ୍ଦ୍ର ଓ ଏସାଆରସିଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଗୁରୁବାର ୩୮.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ଟିଟିଲାଗଡ଼ ୩୮.୫, ସମ୍ବଲପୁର ୩୮.୪, ଭବାନୀପାଟଣାରେ ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ ହୋଇଛି। କାଳବୈଶାଖୀ ଜନିତ ସ୍ଥିତି ପାଇଁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଥିବାରୁ ଏହି ସମୟରେ ସତର୍କତା ଅବଲମ୍ବନ କରିବାକୁ ଜିଲ୍ଲା ପ୍ରଶାସନକୁ ଏସ୍ଆରସିଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଇଛି। ପାଗକୁ ଦେଖି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିବା ବେଳେ ଯଦି କାଳବୈଶାଖୀ ପ୍ରଭାବରେ କୌଣସି ସ୍ଥାନରେ କ୍ଷୟକ୍ଷତି ହୁଏ ତେବେ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି।

## ନିଶା ଉଜାଡ଼ିଲା ପରିବାର

# ସଜନା ଛୁଇଁ ବିକ୍ରି ଟଙ୍କା ନ ଦେବାରୁ ବାପାକୁ ପିଟିପିଟି ହତ୍ୟା





ମୋରଡ଼ା, ୨୬।୩ (ସମିସ): ନିଶା ପୁଣି ଏକ ପରିବାର ଉଜାଡ଼ିଛି। ସଜନା ଛୁଇଁ ବିକ୍ରି ବାବଦ ମାତ୍ର ୪୦୦ ଟଙ୍କା ନ ଦେବାରୁ ବାପାକୁ ଲୁହା ନଳୀ ଓ ବାଉଁଶରେ ପିଟିପିଟି ମାରିଦେଲା ନିଶାସକ୍ତ ପୁଅ। ମୋରଡ଼ା ଥାନା ଅଧୀନ ହଳଦୀପାଳ ପଞ୍ଚାୟତ ଲଦଡ଼ିହି ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଗୋବିନ୍ଦ ମାରାଣ୍ଡି। ପୁଲିସ ଗୋବିନ୍ଦଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଏହି ଘଟଣାରେ ଅଭିଯୁକ୍ତ ପୁଅ ମଧୁ ମାରାଣ୍ଡିକୁ ଗିରଫ କରିଛି। ଗୋବିନ୍ଦଙ୍କ ଝିଅଙ୍କ କହିବା ମୁତାବକ, ପ୍ରତିଦିନ ମଧୁ ନିଶା ଖାଇ ପରିବାରଲୋକଙ୍କ ସହ ଝଗଡ଼ା କରିଥାଏ। ନିଶା ପାଇଁ ଟଙ୍କା ନ ଦେଲେ ଘରଲୋକଙ୍କୁ ନିର୍ମମ ଭାବେ ମାରପିଟ୍ କରିଥାଏ। ବୁଧବାର ଦିନ ଗୋବିନ୍ଦ ବାଡ଼ିରେ ହୋଇଥିବା କିଛି ସଜନା ଛୁଇଁ ବିକ୍ରି କରିଥିବା ୪୦୦ଟଙ୍କା ଆଣିଥିଲେ। ଏ ବାବଦରେ ମଧୁ ଜାଣିବା ପରେ ତାଙ୍କୁ ଟଙ୍କା ମାଗିଥିଲା। କିନ୍ତୁ ଗୋବିନ୍ଦ ମନା କରିବାରୁ ନିଶାସକ୍ତ ମଧୁ ପାଖରେ ପଡ଼ିଥିବା ବାଉଁଶ କାଠ ଓ ଲୁହା ନଳୀରେ ପିଟିପିଟି ଗୋବିନ୍ଦଙ୍କୁ ହତ୍ୟା କରିଥିଲା। ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଆସାମୀ ମଧୁକୁ ଗିରଫ କରିଥିଲେ।

# ବାପାକୁ ହତ୍ୟା; ଜେଲ୍ ଗଲେ ୩ ପୁଅ



ମହୁଲଡିହା, ୨୬।୩ (ସମିସ): ସାଲେଇବେଡ଼ା ପଞ୍ଚାୟତ କାଶୀବେଡ଼ା ଗ୍ରାମରେ ବାପାକୁ ପିଟିପିଟି ହତ୍ୟା ଘଟଣାରେ ଅଭିଯୁକ୍ତ ୩ପୁଅଙ୍କୁ କୋର୍ଟଚାଲାଣ କରିଛି ଠାକୁରମୁଣ୍ଡା ଥାନା ପୁଲିସ। ସେମାନେ ହେଲେ, ତୁରାମ ଗାଗରାଇ (୨୮), ଈଶ୍ୱର ଗାଗରାଇ (୨୪) ଓ ପର୍ଶୁରାମ ଗାଗରାଇ (୨୧)। ଏନେଇ ଥାନାରେ ନମ୍ବର ୩୫/୨୬ରେ ଏକ ମାମଲା ରୁଜୁ ହୋଇଛି। ଗ୍ରାମର ସୁଲେ ଗାଗରାଇ ସବୁବେଳେ ନିଶା ଖାଇ ପରିବାରଲୋକଙ୍କ ସହ ଝଗଡ଼ା, ମାରପିଟ୍ କରୁଥିଲେ। ଗତ ୨୩ ତାରିଖରେ ସୁଲେ ନିଶାସକ୍ତ ଅବସ୍ଥାରେ ନିଜ ସ୍ତ୍ରୀଙ୍କୁ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ। ମା' ପ୍ରତି ଏ ଅତ୍ୟାଚାର ଦେଖି ଘରେ ଥିବା ୩ ପୁଅଙ୍କ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ସେମାନେ ବାପା ସୁଲେଙ୍କୁ ଏକ ଠେଙ୍ଗାରେ ନିସ୍ତୁକ ପିଟିଥିଲେ। ପରେ ସେମାନେ ଗୁରୁତର ସୁଲେଙ୍କୁ ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଅଭିଯୁକ୍ତମାନେ ମଧ୍ୟ ଥାନାରେ ଆତ୍ମସମର୍ପଣ କରିଥିଲେ। ଆଜି ପୁଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କରଞ୍ଜିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଅଷ୍ଟମ ଦିନରେ ବି ବିଧାନସଭା ଅଚଳ

# ଏସସିବି ଅଗ୍ନିକାଣ୍ଡ ମୃତକଙ୍କୁ ବିରୋଧୀଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୬।୩(ସମିସ): ଗତ ୧୬ ତାରିଖରେ ଏସସିବି ଅଗ୍ନିକାଣ୍ଡ ଘଟଣାରେ ୧୩ ଜଣଙ୍କ ଜୀବନ ଯାଇଥିବା ବେଳେ ଗୁରୁବାର ଏନେଇ ଭିନ୍ନ ଢଙ୍ଗରେ ପ୍ରତିବାଦ କରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। କ୍ରମାଗତ ଅଷ୍ଟମ ଦିନ ଗୃହ ଅଚଳ କରିବା ପରେ ବିରୋଧୀ ସଦସ୍ୟ ବିଧାନସଭା ପରିସରରେ ଏସ୍ସିବି ମୃତକମାନଙ୍କୁ ଏକାଦଶାହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏସ୍ସିବି ନିଆଁରେ ୧୩ ଜଣଙ୍କ ମୃତ୍ୟୁ ଘଟଣାକୁ ୧୧ ଦିନ ବିତିଥିବା ବେଳେ ଏଯାବତ୍ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଲେ ନାହିଁ, ଏସସିବି ଅଧିକ୍ଷକଙ୍କୁ ଗିରଫ କରାଗଲା ନାହିଁ। ରୋଗୀମାନଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ, ନିଆଁରେ ସେମାନଙ୍କୁ ପୋଡ଼ି ହତ୍ୟା କରାଯାଇଛି । ତେଣୁ ଏସସିବି ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଗଲେ ଆଗାମୀ ଦିନରେ ରାଜ୍ୟର ଅନ୍ୟ ହସ୍ପିଟାଲରେ ଏପରି ଅଘଟଣ ଘଟିପାରେ। ତେଣୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବରଖାସ୍ତ ନ କରିବା ଯାଏଁ ପ୍ରତିବାଦ ଜାରି ରହିବ ବୋଲି ବିରୋଧୀ କହିଛନ୍ତି। ଅନ୍ୟପକ୍ଷରେ ଅଚଳାବସ୍ଥା ମଧ୍ୟରେ ଗୃହରେ ଶୂନ୍ୟକାଳ ଚାଲିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିରୋଧୀଙ୍କୁ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିବାକୁ କରିଥିବା ଆହ୍ୱାନକୁ ବିରୋଧୀ ପ୍ରତ୍ୟାଖ୍ୟାନ କରିଛନ୍ତି ।

ଗୁରୁବାର ବିରୋଧୀ ଦଳ ବିଜେଡି, କଂଗ୍ରେସ ଓ ସିପିଆଇଏମ୍ ସଦସ୍ୟ ମାନେ ପ୍ରଶ୍ନକାଳ ଆରମ୍ଭରୁ ହଟ୍ଟଗୋଳ କରିଥିଲେ। ହାତରେ ପୋଷ୍ଟର ଧରି ଗୃହର ମଧ୍ୟ ଭାଗରେ ଜୋରଦାର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବିଜେପି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଖୁଥିଲେ। ଗୃହର ଅସ୍ୱାଭାବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଚସ୍ପତି ଗୃହକୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଗୃହ ମୁଲତବୀ ହେବ ପରେ ବିରୋଧୀ ସଦସ୍ୟମାନେ ବିଧାନସଭା ପରିସରରେ ଏସସିବି ଅଗ୍ନିକାଣ୍ଡ ଘଟଣାରେ ମୃତ୧୩ ଜଣଙ୍କ ନାମ ଲେଖି ସେମାନଙ୍କୁ ପ୍ରତୀକାତ୍ମକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜଣେ ପରେ ଜଣେ ବିଧାୟକ ଫୁଲ ଦେଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଥିବାର ଦେଖିବାକୁ ମିଳିଥିଲା। ବିଧାନସଭାରେ ମଧ୍ୟ ବିରୋଧୀ ସରକାରଙ୍କୁ ଏହି ପ୍ରସଙ୍ଗରେ ପୁଣି ଘେରିଥିଲେ। ପ୍ରଶ୍ନକାଳ ପରି ଶୂନ୍ୟକାଳ ମଧ୍ୟ ଅଚଳ କରିଥିଲେ।

### ଗୃହକାର୍ଯ୍ୟରେ ଯୋଗଦାନ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୂନ୍ୟକାଳରେ ବିରୋଧୀଙ୍କ ପ୍ରତିବାଦକୁ ସମାଲୋଚନା କରି କହିଥିଲେ ଯେ ଏସସିବି ଘଟଣାରେ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ତଥାପି ବିରୋଧୀ ଦଳମାନେ ଗୃହ କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ଲଗାତାର ଅଷ୍ଟମ ଦିନରେ ଗୃହରେ ଅଚଳାବସ୍ଥା ଲାଗିରହିଛି। ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଆଲୋଚନା କରିଲେ ମଧ୍ୟ ବିରୋଧୀ ଦଳ ଶୁଣୁ ନାହାନ୍ତି। ଲୋକଙ୍କ ସମସ୍ୟା କଥା ଗୃହରେ ଆଲୋଚନା ହୋଇପାରୁନାହିଁ। ତେଣୁ ବିରୋଧୀ ଆଲୋଚନାକୁ ଆସନ୍ତୁ। ବିରୋଧୀ ସେମାନଙ୍କର ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ। ଏହାରି ମଧ୍ୟରେ ବିରୋଧୀ ଦଳର ବିଧାୟକମାନେ କକ୍ଷତ୍ୟାଗ କରି ଚାଲିଯିବା ପରେ ବିଜେପି ବିଧାୟକ ଇରାଶିଶ୍ ଆଚାର୍ଯ୍ୟ, ସନାତନ ବିଜୁଳି, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅମରେନ୍ଦ୍ର ଦାସ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ବିରୋଧୀଙ୍କ ଆଚରଣକୁ ନିନ୍ଦା କରିଥିଲେ।

ଅପରପକ୍ଷେ ଆଜି ପବିତ୍ର ଅଶୋକାଷ୍ଟମୀ ଥିବାରୁ ଗୃହ କାର୍ଯ୍ୟସୂଚୀରେ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଖର୍ଚ୍ଚଦାବି ଆସନ୍ତା ୩୦ ତାରିଖରେ ଗିଲୋଟିନ ମାଧ୍ୟମରେ ଗୃହୀତ କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରସ୍ତାବ ଆଣିଥିଲେ। ଏହାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ସମର୍ଥନ କରିବା ପରେ ଆସନ୍ତା ୩୦ରେ ଉଭୟ ବିଭାଗର ଖର୍ଚ୍ଚଦାବି କିଲୋଟିନ ଆକାରରେ ପାରିତ ହେବ ବୋଲି ବାଚସ୍ପତି ଘୋଷଣା କରିଥିଲେ। ଏହାସହ୧୨ଟା ୩୮ ମିନିଟରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।

# ରାଜ୍ୟରେ ଉତ୍କଟ ହେଉଛି ଗ୍ୟାସ୍ ସଙ୍କଟ

- ଦୈନିକ ଆବଶ୍ୟକତା ୧.୭ ଲକ୍ଷ ସିଲିଣ୍ଡର, ଆସୁଛି ୧.୪ ଲକ୍ଷ
- ରନ୍ଧନ ଗ୍ୟାସ ଅଭାବ ଅଭିଯୋଗକୁ ମାନିବାକୁ ମନ୍ତ୍ରୀ ନାରାଜ
- ୯ ରାଜ୍ୟର ଯୋଗାଣ ମନ୍ତ୍ରୀଙ୍କ ସହ ଆଜି କେନ୍ଦ୍ର ସରକାରଙ୍କ ବୈଠକ

ଭୁବନେଶ୍ୱର,୨୬।୩(ସମିସ): ସାରା ରାଜ୍ୟରେ ରନ୍ଧନ ଗ୍ୟାସକୁ ନେଇ ସଙ୍କଟ ଜାରି ରହିଛି। ଗ୍ୟାସ ବୁକିଂ କରି ଡିଏସି ନଂ ଆସିବାର ସପ୍ତାହେ ପରେ ମଧ୍ୟ ଗ୍ୟାସ ମିଳୁନି। ଘରୋଇ ଭାବେ ଯେଉଁ ଗ୍ୟାସ ବାହାରେ ବିକ୍ରି ହେଉଥିଲା, ତାହା ଏବେ ୩-୪ ହଜାର ଟଙ୍କାରେ ଚଢ଼ା ଦରରେ ବିକ୍ରି ହେଉଛି। ଏଭଳି ସ୍ଥିତିରେ ରାଜ୍ୟରେ ଗ୍ୟାସ, ପେଟ୍ରୋଲ ଓ ଡିଜେଲର କୌଣସି ଅଭାବ ନାହିଁ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗୁରୁବାର ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟରେ ଏହି ସାମଗ୍ରୀର ଯଥେଷ୍ଟ ମହଜୁଦ ରହିଛି। ହୋଟେଲକୁ ଆବଶ୍ୟକ ଥିବା ରନ୍ଧନ ଗ୍ୟାସର ୫୦ ପ୍ରତିଶତ ଯୋଗାଇବାକୁ ସକ୍ଷମ କରାଯାଇଛି। ଘରୋଇ କ୍ଷେତ୍ରକୁ କୌଣସି ପ୍ରତିବନ୍ଧକ ଲଗାଯାଇ ନାହିଁ। ଅନ୍ୟପଟେ ଗ୍ୟାସ ସଙ୍କଟକୁ ନେଇ ଦିଲ୍ଲୀରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ଓ ୯ଟି ରାଜ୍ୟର ଯୋଗାଣ ମନ୍ତ୍ରୀ ଏଥିରେ ଯୋଗ ଦେବେ ବୋଲି ସେ ସୂଚନା ଦେଇଛନ୍ତି ।

ରାଜ୍ୟରେ ଏବେ ରନ୍ଧନ ଗ୍ୟାସ ଉପଭୋକ୍ତାଙ୍କ ସଂଖ୍ୟା କୋଟିଏରୁ ଅଧିକ। ଉପଭୋକ୍ତାଙ୍କ ପାଇଁ ଦୈନିକ ଓଡ଼ିଶାକୁ ୧ ଲକ୍ଷ ୪୦ ହଜାର ଗ୍ୟାସ ସିଲିଣ୍ଡର ଆସୁଛି; ମାତ୍ର ଏବେ ଦୈନିକ ବୁକିଂ ସଂଖ୍ୟା ୧ଲକ୍ଷ ୭୦ ହଜାରରୁ ଅଧିକ। ଫଳରେ ଗ୍ୟାସକୁ ନେଇ ସଙ୍କଟଜନକ ସ୍ଥିତି ଉପୁଜିଛି। ଲୋକମାନଙ୍କ ଘରେ ଗ୍ୟାସ ମହଜୁଦ ଥିବା ସତ୍ତ୍ୱେ ଛାନିଆ ହୋଇ ବୁକିଂ କରୁଛନ୍ତି ବୋଲି ସଂଘ କହୁଥିଲେ ମଧ୍ୟ ବାସ୍ତବ ସ୍ଥିତି କିଛି ଅଲଗା। କାରଣ ଗ୍ୟାସ ଅଫିସ୍ କିମ୍ବା ଗୋଦାମ ଆଗରେ ଶହ ଶହ ଲୋକ ଧାଡ଼ି ହୋଇ ଗ୍ୟାସ ନେବାକୁ ଅପେକ୍ଷା କରୁଛନ୍ତି। ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ଯୋଗୁଁ ଗ୍ୟାସ ଆମଦାନୀ ବାଧାପ୍ରାପ୍ତ ହୋଇଥିବାରୁ ବାଣିଜ୍ୟିକ ଗ୍ୟାସ ଉପରେ ବଡ଼ ଧରଣର କଟକଣା ଲାଗିଛି। ତେଣୁ ଉଠା ଦୋକାନୀମାନେ ଚଢ଼ା ଦରରେ ଗ୍ୟାସ କିଣୁଥିବା ଦର୍ଶାଇ ପ୍ରତି ଖାଦ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି କରିଛନ୍ତି ।

ଅନ୍ୟପଟେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଟାଙ୍କି ମଧ୍ୟ ବନ୍ଦ ହେବା ଆରମ୍ଭ ହୋଇଛି। ତେଲ କମ୍ପାନୀଙ୍କ କହିବା ଅନୁଯାୟୀ ତେଲ ଟାଙ୍କି ମାଲିକମାନେ ନଗଦ ଟଙ୍କା ଦେଇ କମ୍ପାନୀଠୁ ତେଲ କିଣିବେ। ଏବେ ବାକି କାରବାର ବନ୍ଦ ହୋଇ ଥିବାରୁ ନଗଦ ନ ଦେଲେ ଟାଙ୍କି ମାଲିକଙ୍କୁ ତେଲ ଦିଆଯାଉ ନାହିଁ। ଫଳରେ ଗ୍ରାହକ ହଇରାଣ ହେଉଛନ୍ତି। ପୂର୍ବରୁ ତୈଳ କମ୍ପାନୀମାନେ ବାକିରେ କଞ୍ଚାମାଲ କିଣୁଥିଲେ। ଏବେ ସେମାନଙ୍କୁ ନଗଦ ଟଙ୍କା ଦେଇ କିଣିବାକୁ ପଡୁଛି। ତେଣୁ ସେମାନେ ନଗଦ ଦେଣନେଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଭୁବନେଶ୍ୱରରେ ଏବେ ୪୨ଟି ପେଟ୍ରୋଲ ପମ୍ପ ରହିଛି। ଭୁବନେଶ୍ୱର ଦୈନିକ ୩ଲକ୍ଷ ୧୨ ହଜାର ଲିଟର ପେଟ୍ରୋଲ ଓ ୨ଲକ୍ଷ ୧୫ ହଜାର ଲିଟରରୁ ଊର୍ଦ୍ଧ୍ୱ ଡିଜେଲ ବିକ୍ରି ହୁଏ। ଏବେ ଲୋକମନେ ଛାନିଆ ହୋଇ ଅଧିକ ପେଟ୍ରୋଲ ପକାଉଛନ୍ତି। ପୂର୍ବାପେକ୍ଷା ୧୦ ପ୍ରତିଶତ ପେଟ୍ରୋଲ-ଡିଜେଲବିକ୍ରିବୃଦ୍ଧିପାଇଛି।ତେଣୁକିଛିମାତ୍ରାରେସମସ୍ୟାସୃଷ୍ଟିହୋଇଛି।

ଗୋଟିଏ ପଟେ ରାଜ୍ୟରେ ଗ୍ୟାସ ସଙ୍କଟ ସ୍ଥିତି ଲାଗି ରହିଥିବା ବେଳେ ମନ୍ତ୍ରୀ କିନ୍ତୁ ଏହି ଘଟଣାକୁ ନେଇ ସମ୍ପୂର୍ଣ୍ଣ ଭିନ୍ନ ମତ ରଖୁଛନ୍ତି। ପୂର୍ବରୁ ଆଳୁ ସଙ୍କଟ ସମୟରେ ମଧ୍ୟ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ ଉତ୍ତର ପ୍ରଦେଶରୁ ଟ୍ରେନ୍‌ରେ ଆଳୁ ଆସୁଥିବା ନେଇ ମନ୍ତ୍ରୀ କହିଥିଲେ। ଏହି କଥାକୁ ନେଇ ଆଜି ପର୍ଯ୍ୟନ୍ତ ବିରୋଧୀ ଯୋଗାଣ ମନ୍ତ୍ରୀଙ୍କୁ ସମାଲୋଚନା କରୁଥିବା ବେଳେ ଏବେ ଗ୍ୟାସ କଥାକୁ ନେଇ ମଧ୍ୟ ତାଙ୍କର ଉକ୍ତି ଚର୍ଚ୍ଚା ସୃଷ୍ଟି କରିଛି।

# ଏସିଏଫ୍‌ଙ୍କ ମାଡ଼ରେ ଫରେଷ୍ଟଗାର୍ଡ ଲହୁଲୁହାଣ

ବାଲେଶ୍ୱର, ୨୬।୩ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡ଼ିହା ଫରେଷ୍ଟ ରେଞ୍ଜରେ ବନବିଭାଗର ଏସିଏଫ ଜଣେ ଫରେଷ୍ଟ ଗାର୍ଡଙ୍କୁ ନିର୍ମମ ଭାବେ ପିଟି ଲହୁଲୁହାଣ କରିବା ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଗାଡ଼ି ଓଭରଟେକ୍ ଭଳି ସାଧାରଣ ଘଟଣାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କୁହାଯାଉଛି। ସଂପୃକ୍ତ ଫରେଷ୍ଟଗାର୍ଡଙ୍କୁ ରେମୁଣାସ୍ଥିତ ଫକୀର ମୋହନ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ସେ ଏବେ ହସ୍ପିଟାଲ ଶଯ୍ୟାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି।



ସୂଚନାନୁସାରେ, ବରହମପୁର ଥାନା ଉପରଡ଼ିହା ଗ୍ରାମର ପଦ୍ମଲୋଚନ ପାତ୍ର ବାଲେଶ୍ୱର ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଫରେଷ୍ଟଗାର୍ଡ ଭାବେ କାର୍ଯ୍ୟରତ। ବୁଧବାର ରାତି ପ୍ରାୟ ସାଢ଼େ ୧୨ଟାରେ ସେ ଏକ ବୋଲେରୋରେ ଝିଙ୍କପଦା ଅଞ୍ଚଳରୁ ନିଜ ଭଡ଼ାଘର ନୀଳଗିରିକୁ ଜଣେ ବନ୍ଧୁଙ୍କ ସହ ଫେରୁଥିଲେ। ବରହମପୁର ଥାନା ଗରଡ଼ିହି ବଜାର ନିକଟରେ ସେ ଏସିଏଫ ସୁବ୍ରତ ବେହେରାଙ୍କ ଗାଡ଼ିକୁ ଓଭରଟେକ୍ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ, ଏସିଏଫ୍ ଶ୍ରୀ ବେହେରା ନିଜ ପଦର ଦୁରୁପଯୋଗ କରି ୧୫/୨୦ଜଣ ବନ କର୍ମଚାରୀଙ୍କ ସହ ମିଶି ଫରେଷ୍ଟଗାର୍ଡ ପଦ୍ମଲୋଚନ ଓ ତାଙ୍କ ସହଯୋଗୀ କ୍ଷୀରୋଦ ପ୍ରସାଦ ଦାସଙ୍କୁ ରାସ୍ତା ମଝିରେ ଗାଡ଼ିରୁ

### ଗାଡ଼ି ଓଭରଟେକ୍ କରିବାରୁ ନିସ୍ତୁକ ପିଟିଲେ

ଘୋଷାଡ଼ି ଆଣି ନିସ୍ତୁକ ଭାବେ ମାଡ଼ ମାରିଥିଲେ। ଏଥିରେ ପଦ୍ମଲୋଚନ ଓ କ୍ଷୀରୋଦ ଗୁରୁତର ଆହତ ହୋଇଥିଲେ। ପଦ୍ମଲୋଚନଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ନିର୍ଯାତନା ସେତିକିରେ ସରିନଥିଲା; ଏସିଏଫ୍ ଶ୍ରୀ ବେହେରା ଗୁରୁତର ଅବସ୍ଥାରେ ଉଭୟଙ୍କୁ ଥାନାକୁ ନେଇ ସାଧା କାଗଜରେ ଜୋରଜବରଦସ୍ତି ଦସ୍ତଖତ କରାଇ ନେଇଥିଲେ। ଏପରିକି, ଆଜି ସଂଧ୍ୟାରେ ଏସିଏଫ୍ ଶ୍ରୀ ବେହେରା ମେଡିକାଲକୁ ଯାଇ ଗୁରୁତର ପଦ୍ମଲୋଚନ ଏବଂ ତାଙ୍କ ପରିବାରଲୋକଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଧମକ ଦେଇଛନ୍ତି। ଏ ସଂପର୍କରେ ପଦ୍ମଲୋଚନ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ଏସିଏଫ ଶ୍ରୀ ବେହେରାଙ୍କ ସହ ଅନ୍ୟାନ୍ୟଙ୍କ ନାମରେ ୪୧/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏସିଏଫ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିବାରୁ ପୁଲିସ ଆଉ ଏକ ମାମଲା ରୁଜୁ କରିଛି।

ଅପରପକ୍ଷେ, ଆଜି ସଂଧ୍ୟାରେ ଏସିଏଫ ସୁବ୍ରତ ବେହେରା ମେଡିକାଲରେ ପହଞ୍ଚି ପଦ୍ମଲୋଚନ ଓ ତାଙ୍କ ପରିବାରକୁ ଧମକାଉଥିବା ବେଳେ ମେଡ଼ିକାଲରେ ଉପସ୍ଥିତ ଲୋକଙ୍କ ଆକ୍ରୋଶର ଶୀକାର ହୋଇଥିଲେ। ତୁରନ୍ତ ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ ଅଧିକାରୀଙ୍କୁ ଗିରଫ ପାଇଁ ଦାବି ଜୋର ଧରିଛି।




## ୨୦୨୧ ପ୍ରକାଶ ପଧାନ ହତ୍ୟା ଘଟଣା

# ୭ ଜଣଙ୍କୁ ଆଜୀବନ କାରାଦଣ୍ଡ

ସମ୍ବଲପୁର, ୨୬।୩ (ସମିସ)

୨୦୨୧ ମସିହାର ବହୁଚର୍ଚ୍ଚିତ ପ୍ରକାଶ ପଧାନ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସମ୍ବଲପୁର ଜିଲ୍ଲା କତରବଗା ଥାନା ଗୁଲାମାଲ ପଧାନପାଲି ଠାରେ ସରକାରୀ ଜମି ଜବରଦଖଲ ଏବଂ ଠିକା କାମକୁ ନେଇ ସଂଘବଦ୍ଧ ଆକ୍ରମଣ ଓ ହତ୍ୟା ମାମଲାର ଶୁଣାଣି କରି ଆଜି ସମ୍ବଲପୁର ଜିଲ୍ଲା ଓ ଦୌରାଜଜ୍ ପ୍ରଜ୍ଞା ପାଣିଗ୍ରାହୀ ୭ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଦୁଇ ମାସ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ କତରବଗା ପଧାନପାଲିର ସ୍ୱର୍ଗତ ନେତ୍ରାନନ୍ଦ ପଧାନଙ୍କ ପୁଅ ରୁକ୍ମଣ ପଧାନ ଓରଫ୍ ରୋହିତ (୫୨), ଭୋଜରାଜ ପଧାନ (୫୫), ଗଜରାଜ ପଧାନ (୫୦), ଅଶୋକ ପଧାନ (୫୨) ଓ ଭୀଷ୍ମଦେବ ପଧାନ (୪୧) ଏବଂ ଦେବେନ୍ଦ୍ର ଭୋଇଙ୍କ ପୁଅ ରଞ୍ଜିତ ଓରଫ୍ ଦୁଷ୍ମନ୍ତ ଭୋଇ (୫୦) ଓ ବିସ୍ବଜିତ ଭୋଇ (୪୧)। ଏହି ଘଟଣାର ଅନ୍ୟତମ ସମ୍ପୃକ୍ତ ବିରଞ୍ଚି ବିଶ୍ୱାଳଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦେଶରେ ଖଲାସ କରିଛନ୍ତି। ଦୀର୍ଘ ପ୍ରାୟ ୫ ବର୍ଷ ପରେ ଆଜି ରାୟ ପ୍ରକାଶ ପାଇଥିବାରୁ ମୃତକ ପ୍ରକାଶଙ୍କ ପରିବାର ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।


ମୃତକଙ୍କ ଫାଇଲ ଫଟୋ

ଘଟଣାଟି ସମ୍ବଲପୁର ଜିଲ୍ଲା କତରବଗା ଥାନା ଗୁଲାମାଲ ପଧାନପାଲିଠାରେ ଘଟିଥିଲା। ୨୦୨୧ ମସିହା ସେପ୍ଟେମ୍ବର ୧୬ ତାରିଖ ରାତି ପ୍ରାୟ ୮ଟା ସମୟରେ ମୃତକ ପ୍ରକାଶ ପ୍ରଧାନ ଓ ତାଙ୍କ ବନ୍ଧୁ ଅଜୟ ବାରିକ ବିଶ୍ୱକର୍ମା ପୂଜା ପାଇଁ ପୂଜା ସାମଗ୍ରୀ କିଣିବାକୁ ବଜାରକୁ ଯାଇଥିଲେ। ପୂଜା ସାମଗ୍ରୀ ତାଲିକା ସ୍ପଷ୍ଟ ନଥିବାରୁ ତାହାକୁ ବଦଳାଇବାକୁ ଦୋକାନୀ କହିଥିଲେ। ସେମାନେ ଫେରିଆସି ନୂତନ ତାଲିକା ପ୍ରସ୍ତୁତ କରୁଥିଲେ। ମୃତକ ପ୍ରକାଶ ପ୍ରଧାନ ପିଡବ୍ଲୁଡି ରୋଡ୍‌ରେ ଜଗଦୀଶ ବିଶ୍ୱାଳଙ୍କ ହୋଟେଲ ନିକଟରେ ଫୋନ୍‌ରେ କଥା ଲାଗୁଥିଲେ। ଏହି ସମୟରେ ପୂର୍ବ ଯୋଜନା ଅନୁଯାୟୀ ଲୁଚି ରହିଥିବା ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଲୁହା ପାଇପ୍, ଭୁଜାଲି, କୁରାଢ଼ି ଓ ଲାଠିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରକାଶ ପଧାନଙ୍କର ମୃତ୍ୟୁ ହୋଇଥିଲା ଏବଂ ତାଙ୍କୁ ବଞ୍ଚାଇବାକୁ ଯାଇ ଧନଞ୍ଜୟ ବେହେରା ଓ ଅଜୟ ବାରିକ ଆହତ ହୋଇଥିଲେ। କତରବଗା ଥାନାରେ ମୃତକଙ୍କ ଭାଇ ଅଭିଯୋଗ କରିବାପରେ ଥାନାଧିକାରୀ କେସ ନଂ. ୧୬୫ / ୧୭-୯-୨୦୨୧ ଦଫା ୧୪୮, ୩୦୨, ୩୦୭, ୧୪୯, ୨୦୧, ୩୪ ଆଇପିସିରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ଘଟଣାର ତଦନ୍ତ କରି ଥାନାଧିକାରୀ ଅଭିଯୁକ୍ତ ମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଗୁରୁବାର ସମ୍ବଲପୁର ଜିଲ୍ଲା ଓ ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ୨୩ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଉପରୋକ୍ତ ୭ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୩୦୨/୧୪୯ ଆଇପିସିରେ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୨ ମାସ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହାସହ ଦଫା ୧୪୮ ଆଇପିସିରେ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଦଫା ୩୦୭/୧୪୯ ଆଇପିସିରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା, ଅନାଦେୟ ହେଲେ ଆଉ ୧ ମାସ ଅଧିକ ଜେଲଦଣ୍ଡ ଭୋଗିବେ। ସମସ୍ତ ଦଣ୍ଡ ଏକକାଳୀନ ଚାଲିବ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ (ପିପି) ସୁବାସ ଚନ୍ଦ୍ର ମହାନ୍ତ ଏହି ମୋକଦ୍ଦମା ପରିଚାଳନା କରିଥିଲେ।


ରାମନବମୀ ପୂର୍ବରୁ ପୁଲିସର ବୈଠକ।

# କେନାଲ ପାଣି ବ୍ୟବହାର ନ କରି ଜଳକର ନୋଟିସ୍

## ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଅଭିଯୋଗ

**ସମ୍ବଲପୁର, ୨୬।୩(ସମିସ):** କେନାଲ ତଳି ମୁଣ୍ଡରେ ଗାଁ ରହିଛି।ଫଳରେ କେନାଲ ପାଣି ଗାଁକୁ ପହଞ୍ଚିବା ବେଳେ ଶୁଖିଯାଇଥାଏ। ତେଣୁ ଗ୍ରାମବାସୀ ଉଠା ଜଳସେଚନ ଦ୍ୱାରା ଚାଷ କରିଥାନ୍ତି। ହେଲେ ଏବେ ଜଳକର ଦେବା ପାଇଁ ନୋଟିସ ଆସିଛି। ଏଥିପାଇଁ ଗୁରୁବାର ଦିନ ସମ୍ବଲପୁର ତହସିଲ ଅନ୍ତର୍ଗତ ଚାଉଁରପୁର ରାଜସ୍ୱ ନିରୀକ୍ଷକ ବକବିରା ମୌଜାର ଚାଷୀମାନେ ସମ୍ବଲପୁର ଜିଲ୍ଲାପାଳ ଓ ସଦର ତହସିଲଙ୍କ ଦ୍ୱାରସ୍ଥ ହୋଇଛି। ବକବିରା ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଆରଆଇଙ୍କ ଜରିଆରରେ ଜଳକର ଦେବା ପାଇଁ ନୋଟିସ ଆସିଛି। ବକବିରା ମୌଜା କେନାଲ ତଳି ମୁଣ୍ଡରେ ରହିଛି। ତେଣୁ ମୌଜାକୁ କେନାଲ ପାଣି ପହଞ୍ଚି ପାରେ ନାହି। ଗତ ୧୯୮୫ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏବଂ ବିଜୁ ପଟ୍ଟନାୟକଙ୍କ ଜରିଆରେ ୧୦ଏଚପି ଦୁଇଟି ମଟର ଉଠା ଜଳସେଚନ ପ୍ରକଳ୍ପରେ ଆରମ୍ଭ ହୋଇଥିଲା। ପରେ ୧୯୮୮ ମସିହାରେ ଆଉ ଦୁଇଟି ମଟର ଯୋଗାଇ ଦିଆଯାଇଥିଲା। ବର୍ତ୍ତମାନ ବକବିରା ମୌଜା କେବଳ ଉଠା ଜଳସେଚନ ପ୍ରକଳ୍ପରେ ଚାଷ କରୁଛନ୍ତି। ୨୦୦୩ ମସିହାରେ ବିଦ୍ୟୁତ ବିଭାଗ ପକ୍ଷରୁ ମିଟର ମଧ୍ୟ ସଂଯୋଗ କରାଯାଇଥିଲା। ତେଣୁ ଜଳକର ବକେୟା ରାଶିକୁ ଛାଡ଼ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଦାବି ପତ୍ର ଦେବା ସମୟରେ ଦୁଃଖିଶ୍ୟାମ ତରିଆ, ଗୋପୀନାଥ ନାଏକ, ହିମାଂଶୁ ନାଏକ, ପ୍ରିୟବ୍ରତ ରାଉତ, ବିରେନ୍ଦ୍ର ଚୌଧୁରୀ, ପେମରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ହୀରାକୁଦରେ ହେବ ସ୍କୁବା ଡାଇଭିଂ କ୍ୟାମ୍ପ

**ସମ୍ବଲପୁର, ୨୬।୩ (ସମିସ) :** ହୀରାକୁଦ ଜଳଭଣ୍ଡାରରେ ଏପ୍ରିଲ ମାସରେ ଆରମ୍ଭ ହେବାକୁ ଥିବା 'ଏଡ୍‌ଭେଞ୍ଚର ୱାଟର୍ ସ୍ପୋର୍ଟସ ଏବଂ ସ୍କୁବା ଡାଇଭିଂ କ୍ୟାମ୍ପ' ନିମନ୍ତେ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ସ୍କୁବା ଡାଇଭର୍ ସାବିର ବକ୍ସଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ସାହସିକ ଜଳକ୍ରୀଡ଼ାର ସୁଯୋଗ ସୃଷ୍ଟି କରି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ। ସ୍କୁବା ଡାଇଭର୍ ସାବିର ବକ୍ସଙ୍କ ସହ ଜିଲ୍ଲାପାଳ ହୀରାକୁଦରେ ବୈଷୟିକ ଅନୁଧ୍ୟାନ ଓ ସାଇଟ୍ ଚୟନ ବିଷୟରେ ମଧ୍ୟ ଆଲୋଚନା କରିଥିଲେ।

# ଗ୍ୟାସ୍ ଅଭିଯୋଗ ପାଇଁ ସ୍ୱତନ୍ତ୍ର ନମ୍ବର ଜାରି

**ସମ୍ବଲପୁର, ୨୬।୩ (ସମିସ) :** ସମ୍ପ୍ରତି ରନ୍ଧନ ଗ୍ୟାସ ଗ୍ରାହକଙ୍କୁ ମିଳୁନଥିବାବେଳେ ବହୁଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଏହାସହ ଗ୍ୟାସ ଦୁଇରୁ ତିନିଗୁଣ ଦରରେ କଳାବଜାର ହେଉଥିବା ଅଭିଯୋଗ ହେଉଛି। ଏଭଳି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଲପିଜି ଯୋଗାଣ ସମ୍ପର୍କିତ ଗ୍ରାହକଙ୍କ ଅଭିଯୋଗ ଗ୍ରହଣ କରିବା ପାଇଁ, ଏକ ଜିଲ୍ଲା ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଏଲପିଜି ସମ୍ପର୍କିତ ଅଭିଯୋଗ ଏବଂ କଳାବଜାର ସମ୍ପର୍କିତ ତଥ୍ୟ ଆଦି ଯୋଗାଯୋଗ ନମ୍ବର - ୮୨୮୦୧୦୩୮୭୧ରେ ଦେବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ହରଡ଼ଜୋର୍ କୂଳରେ ସ୍ୱଚ୍ଛତା ଅଭିଯାନ

**ସମ୍ବଲପୁର, ୨୬।୩ (ସମିସ) :** 'ଆମ ଜଳାଶୟ, ଆମର ଗୌରବ' (ଆୱାର୍ ୱାଟର୍ ବଡିଜ୍, ଆୱାର୍ ପ୍ରାଇଡ୍) ଥିମ୍ ଅନୁସାରେ ୟୁଥ୍ ଫର୍ ୱାଟର୍ ଇଣ୍ଡିଆ ର ପ୍ଲାଷ୍ଟିକ ଫ୍ରି ପିକ୍‌ନିକ ଫେଲୋସିପ୍ ୨୦୨୬ ଅଭିଯାନ ଅନ୍ତର୍ଗତ ହରଡ଼ଜୋର୍ କୂଳରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଆଇଆଇଏମ୍ ସମ୍ବଲପୁର, ଏଜେଏସ୍ଏ ଇଣ୍ଡିଆ, ୱାଟର୍ ଇନିସିଏଟିଭ୍ସ୍ ଏବଂ ମହାନଦୀ ରିଭର୍ ୱାଟର୍‌କିପର୍ ର ସହଯୋଗରେ ଆୟୋଜିତ ହୋଇଥିଲା। ଏହି ସ୍ୱଚ୍ଛତା ଅଭିଯାନରେ ପ୍ରାୟ ୪୫ ଜଣ ଯୁବକ ଯୁବତୀ ସକ୍ରିୟ ଭାଗ ନେଇ ହରଡ଼ଜୋର୍ ନଦୀ କୂଳକୁ ପରିଷ୍କାର କରିଥିଲେ। ଯୁବାମାନଙ୍କ ଏହି ପଦକ୍ଷେପ ପରିବେଶ ସୁରକ୍ଷା ଓ ଜଳ ସମ୍ପଦ ପ୍ରତି ସଚେତନତା ବୃଦ୍ଧିରେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ସେହିପରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜରେ ଏକ ପ୍ଲାଷ୍ଟିକ ମୁକ୍ତ ପିକନିକ ଆୟୋଜନ କରାଯାଇଥିଲା, ଯେଉଁଠାରେ ପୂରା କାର୍ଯ୍ୟକ୍ରମରେ ଗୋଟିଏ ମଧ୍ୟ ପ୍ଲାଷ୍ଟିକ ବ୍ୟବହାର କରାନଯାଇ ପରିବେଶ ସୁରକ୍ଷା ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମ ସମୟରେ ସମସ୍ତ ଅଂଶଗ୍ରାହୀ ଜଳାଶୟ ସୁରକ୍ଷା, ପ୍ଲାଷ୍ଟିକ ବ୍ୟବହାର କମାଇବା ଏବଂ ପରିବେଶକୁ ସଫା ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ।

# ମହିଳା ମହାବିଦ୍ୟାଳୟ ଦର୍ଶନ ବିଭାଗର ଜାତୀୟ ସମ୍ମାନ



**ସମ୍ବଲପୁର, ୨୬।୩ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଦର୍ଶନ ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ ଜାତୀୟ ସମ୍ମାନ 'ଭାରତୀୟ ମୂଲ୍ୟବୋଧ ତତ୍ତ୍ୱ ଏବଂ ସମକାଳୀନ ଆହ୍ୱାନ' ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ପ୍ରଫେସର ଦୁର୍ଗାମାଧବ ପ୍ରହରାଜ ଯୋଗଦେଇ ଭାରତୀୟ ଚତୁଃବର୍ଗ ପୁରୁଷାର୍ଥର ଆଧୁନିକ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଗଙ୍ଗାଧର ବିଶ୍ୱବିଦ୍ୟାଳୟର ପ୍ରଫେସର ଶୁଭଙ୍କରୀ ପତି ଯୋଗଦେଇ ଭାରତୀୟ ଦର୍ଶନରେ ମହାତ୍ମା ଗାନ୍ଧୀଙ୍କ ଅହିଂସାବାଦର ଗୁରୁତ୍ୱ ଏବଂ ସାମ୍ପ୍ରତିକ କାଳଖଣ୍ଡରେ ତାହାର ଅବମୂଲ୍ୟାୟନ ଉପରେ ଆଲୋଚନା କରି ଉଦବେଗ ପ୍ରକାଶ କରିଥିଲେ। ଜାତୀୟସମ୍ମାନର ଆବାହକ ତଥା ଦର୍ଶନ ବିଭାଗ ମୁଖ୍ୟ ପ୍ରଫେସର ମହମ୍ମଦ ଜାଭେଦ ଅତିଥି ପରିଚୟ ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଡ. ପାୟଲି ପରିଡ଼ା ଜାତୀୟ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଗତ ଗୋଟିଏ ଶତାବ୍ଦୀ ମଧ୍ୟରେ ମୂଲ୍ୟବୋଧର ହ୍ରାସ ଯୋଗୁଁ ହୋଇଥିବା ଗଣହତ୍ୟା ଓ ତାର ଉତ୍ତରାବସ୍ଥା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଉତ୍ସବକୁ ସାଙ୍ଗଠାନିକ ସମ୍ପାଦକ ଡଃ ପ୍ରଶାନ୍ତ ପ୍ରଧାନ ସଂଯୋଜନା କରିଥିବାବେଳେ ଅଧ୍ୟାପକ ସଚିନ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିଦିବସୀୟ ସମ୍ମାନରେ ରାଜ୍ୟ ତଥା ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରଫେସରମାନେ ଯୋଗ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀମାନେ ସମ୍ମାନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ୪୧ଟି ଗବେଷଣା ପ୍ରସ୍ତୁତ କରିଥିଲେ। ଦର୍ଶନ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଗୋଲକ ବିହାରୀ ଦାସ, ଅଧ୍ୟାପକ ପ୍ରଳୟଜିତ ଦାଶ ତଥା ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ସମ୍ପର୍କିତ ସଭା

**ସମ୍ବଲପୁର, ୨୬।୩(ସମିସ):** ସଶକ୍ତ ଶିଶୁ ଗଠନ ସମୟ ପାଇଁ ବଡ଼ ଆହ୍ୱାନ। ଏହାର ପରିଚାଳନା ଓ କାର୍ଯ୍ୟକ୍ଷେତ୍ରରେ ସାକାର କରିବାକୁ ବିଭିନ୍ନ ବିଭାଗର କାର୍ଯ୍ୟ ଦକ୍ଷତା ଓ ସମ୍ମନ୍ୱୟ ଏକ ବଡ଼ ମାପଦଣ୍ଡ ବୋଲି ସମ୍ବଲପୁର ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଆଲୋଚନା କରି ଶିଶୁ ପ୍ରତି ଅବହେଳା ନୁହେଁ ବରଂ ଯତ୍ନ ଅପରିହାର୍ଯ୍ୟ ବୋଲି କହିଥିଲେ। ଜମନକିରା ସାମ୍ବାଦିକ ଭବନ ଠାରେ ସମ୍ବଲପୁର ସମନ୍ୱିତ ବିକାଶ ପ୍ରତିଷ୍ଠାନ ଆନୁକୂଲ୍ୟରେ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ସମ୍ପର୍କିତ ବ୍ଲକ ସ୍ତରୀୟ ସରଭାଇବର ନେଟୱର୍କ ସଭାରେ ସେ ଏହା କହିଛନ୍ତି।ଏଥିରେ ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠି, ସିଡିପିଓ ମମତା ପଟେଲ, ମିଶନଶକ୍ତି ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର, ଶିକ୍ଷକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଆଇସିଡ଼ିଏସ ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସିଆରପି, କମ୍ୟୁନିଟି ଲିଡର୍ସ, ସାମ୍ବାଦିକ, ବରିଷ୍ଠ ନାଗରୀକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏଥିରେ ସିଡ଼ି ଅନୁଷ୍ଠାନର ଆକସେସଟୁ ଜଷ୍ଟିସ ପ୍ରକଳ୍ପର ନିର୍ଦ୍ଦେଶକ ଭୁବନେଶ୍ୱର ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ। ସଭାରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ, ଶିଶୁ ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ସମ୍ବନ୍ଧୀୟ ନିୟମ କାନୁନ, ରିପୋର୍ଟିଂ କୌଶଳ ଓ ବିଭିନ୍ନ ଶିଶୁ ସୁରକ୍ଷା ଅନୁଷ୍ଠାନ ଗୁଡିକ ଗାଁ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ କିଭଳି କାର୍ଯ୍ୟ କରିଥାଏ ସେ ସମ୍ପର୍କ ରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ।ସଭାରେ ନିର୍ଯାତନା ର ଶିକାର ହେଉଥିବା ପୀଡିତ ଶିଶୁ ମାନଙ୍କୁ କିପରି ଚିହ୍ନଟ କରି ସେମାନଙ୍କୁ ଯଥାର୍ଥ ତଦାରଖ କରି ଆଗକୁ ବଢ଼ିବାରେ ସହାୟତା କରିବା, ମାନସିକ ଓ ଶାରୀରିକ ସହଯୋଗ କରିବା ଏବଂ ଏକ ନେତା ଭାବରେ ଗଠନ କରି ଭବିଷ୍ୟତରେ ସେମାନେ ଯେପରି ଏହିଭଳି ପରିସ୍ଥିତି ରେ ଜଡିତ ଥିବା ପିଲାମାନଙ୍କୁ ସାହାଯ୍ୟ କରିପାରିବେ ସେ ବିଷୟରେ ବିଡ଼ିଓ, ସିଡିପିଓ ପ୍ରମୁଖ ଅତିଥି ଆଲୋଚନା କରିଥିଲେ।ଏହାକୁ ସଞ୍ଜୟ ଧୂରୁଆ, କମଳ ଭୋଇ, ଶୁଭମ ପ୍ରଧାନ, ସମୀର ମହାମଲିକ, ବିଜୟ ଦେହୁରୀ ସହଯୋଗ କରିଥିଲେ। ଶେଷରେ ସିଡି ଅନୁଷ୍ଠାନ ସଂଯୋଜକ ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରି ସଶକ୍ତ ଶିଶୁ ଗଠନ ପାଇଁ ଶପଥ ପାଠ କରାଇଥିଲେ।



# ଜିଏମ୍‌ୟୁ ଗଣିତ ବିଭାଗରେ ଆଲୋଚନାଚକ୍ର




**ସମ୍ବଲପୁର, ୨୬।୩ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଗଣିତ ବିଭାଗରେ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ସମସ୍ତ ଛାତ୍ରଛାତ୍ରୀଙ୍କ ଅଗ୍ରଗତି ପଥ ଓ ମାନସିକ ସ୍ତର ସୁଦୃଢ଼ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହ ସଂଯୋଜକ ଲକ୍ଷ୍ମୀ ମାଟି ଆରମ୍ଭ କରିଥିଲେ। ସମାବେଶକୁ ସମ୍ବୋଧନ ଡ. ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ କରିଥିବା ବେଳେ ପରିଚୟ ଡ. ଆଶ୍ରିତା ପାତ୍ର ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସେଣ୍ଟ୍ରାଲ ଫ୍ଲୋରିଡା ଅଫ ୟୁନିଭର୍ସିଟିର ପ୍ରଫେସର ରାମ ନାରାୟଣ ମହାପାତ୍ର, ଆଇଆଇଟି ଦିଲ୍ଲୀର ପ୍ରଫେସର ଭବାନୀ ଶଙ୍କର ପଣ୍ଡା, ଆଇଆଇଟି ଗୌହାଟୀର ପ୍ରଫେସର ସ୍ୱରୂପ ନନ୍ଦନ ବୋରା, ଆଇଆଇଇଏସଟି ଶିବପୁରର ପ୍ରଫେସର ସାନ୍ତନୁ ସାହା ଓ ଆଇଆଇଟି ମାଡ୍ରାସର ପ୍ରଫେସର ଆରୟ କୁମାର ଦେବବ୍ରତ ଚାନ୍ଦ ଯୋଗ ଦେଇଥିଲେ। ଆଲୋଚନା ଟକ୍ରରେ ଉପକୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ।

# ଦୁର୍ଘଟଣାର ହଟସ୍ପଟ ପାଲିଟିଛି ଜାତୀୟ ରାଜପଥ : ସଞ୍ଜିତ

**ସମ୍ବଲପୁର, ୨୬।୩ (ସମିସ) :** ସମ୍ବଲପୁର ସହର ମଧ୍ୟରେ ଚାଲିଥିବା ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଓ ତାହାର ପରିଣତିରେ ବଢୁଥିବା ସଡ଼କ ଦୁର୍ଘଟଣା ଜନିତ ଅପମୃତ୍ୟୁକୁ ନେଇ ଆଜି ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ସମ୍ବଲପୁର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ୍‌ର ନିର୍ଦ୍ଦେଶକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ସମ୍ବଲପୁର ସିଟି ଷ୍ଟେସନରୁ ରେମେଡ ଛକ ପର୍ଯ୍ୟନ୍ତ ଚାଲିଥିବା ଏନ୍‌ଏଚ୍ ରାସ୍ତା କାର୍ଯ୍ୟଦ୍ୱାରା ଘଟୁଥିବା ବାରମ୍ବାର ଦୁର୍ଘଟଣା ବିଷୟକୁ ଉପସ୍ଥାପନ କରିବାସହ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ରାସ୍ତା କାମକୁ ଶୀଘ୍ର ସମାପ୍ତ କରିବା ପାଇଁ ଦାବି କରାଯାଇଛି। ଏହାସହିତ ସମ୍ବଲପୁର ସିଟି ଷ୍ଟେସନ ସମ୍ମୁଖ ଜାତୀୟ ରାଜପଥରେ ଦୁର୍ଘଟଣା ରୋକିବାପାଇଁ ଅତ୍ୟାବଶ୍ୟକ ଭାବେ ହମ୍ପସ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ରେଳ ଓଭରବ୍ରିଜ ପାଇଁ ସିଟି ଷ୍ଟେସନ୍‌ରୁ ଅଇଁଠାପାଲି ପର୍ଯ୍ୟନ୍ତ ୱାନ୍-ୱେ ହୋଇଥିବା ରାସ୍ତା, ଓଭରବ୍ରିଜ ପାଇଁ ପାଞ୍ଚଗଛିଆ ଛକ ପର୍ଯ୍ୟନ୍ତ ବିଳମ୍ବିତ ହେଉଥିବା ନିର୍ମାଣ କାର୍ଯ୍ୟ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଛି। ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ସର୍ଭିସ ରୋଡରେ ନିୟମିତ ଭାବେ ଗାଡ଼ି ପାର୍କିଂ କରାଯାଉଥିବାରୁ ଯାତାୟାତ ବ୍ୟବସ୍ଥା ଅସୁବିଧାରେ ପଡୁଥିବା ଓ ଦୁର୍ଘଟଣା ସମ୍ଭାବନା ବଢୁଥିବା ବିଷୟ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ଦିନ ଦୁର୍ଘଟଣାରେ ଛାତ୍ରଛାତ୍ରୀ, ମହିଳା, ବାଇକ୍ ଆରୋହୀ ଆଦି ଅନେକ ନିରୀହଙ୍କ ଜୀବନ ଯାଇଛି। ଟ୍ରାଫିକ ବ୍ୟବସ୍ଥାରେ ଅବହେଳା ଦୁର୍ଘଟଣାକୁ ବଢ଼ାଉଥିବାରୁ ଜିଲ୍ଲା ପ୍ରଶାସନ ମଧ୍ୟ ଠୋସ ପଦକ୍ଷେପ ନେଉ ବୋଲି ଦାବୀ କରାଯାଇଛି। ରାସ୍ତାରେ ଆବଶ୍ୟକୀୟ ଟ୍ରାଫିକ ସାଇନବୋର୍ଡ ସ୍ଥାପନ, ଉପଯୁକ୍ତ ସ୍ଥାନ ଓ ବିଭିନ୍ନ ଛକରେ ହମ୍ପସ ବ୍ୟବସ୍ଥା କରିବାକୁ ମଧ୍ୟ ଜୋର ଦେଇଥିଲେ। ଏହାସହିତ ରାସ୍ତା ନିର୍ମାଣ କାମରେ ବ୍ୟବହୃତ ପାଉଁଶ ଦ୍ୱାରା ସୃଷ୍ଟି ପ୍ରଦୂଷଣକୁ ନିୟନ୍ତ୍ରଣ କରିବାପାଇଁ ନିୟମିତ ଭାବେ ଜଳସିଞ୍ଚନ ବ୍ୟବସ୍ଥା କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା।



ପ୍ରତିନିଧି ଦଳରେ ରାଜ୍ୟ ପରିଷଦ ସଦସ୍ୟ ଗୋକୁଳ ମେହେର, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ମିଳନ ହୋତା, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁମିତ ପଟେଲ, ଛାତ୍ର ବିଜେଡି ଜୋନ ବିଜେଡି ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଧୀରେନ୍ ଦେବତା, ଛାତ୍ର ବିଜେଡି କ୍ୟାମ୍ପସ ସଭାପତି ଆର୍ଯ୍ୟନ ବହିଦାର, ଛାତ୍ର ନେତା ଶିବୁ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି

**ସମ୍ବଲପୁର, ୨୬।୩ (ସମିସ) :** ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲ୍ଲୁ ଏହି ଦିବସ ପାଳନ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଚଳିତବର୍ଷ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ପାଳନ କରାଯିବ। ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସ ଦିନ ପ୍ରତ୍ୟୁଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆଲୋକମାଳାରେ ସଜ୍ଜିତ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ପୂର୍ବାହ୍ଣ ୧୦ଟା ସମୟରେ ତପସ୍ୱିନୀ ସମ୍ମିଳନୀ କକ୍ଷରେ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଉତ୍ସବ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟ ଜଳଯୋଗାଣ, ଅଗ୍ନିଶମ ସେବା ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଆଦି ବିଭିନ୍ନ କାର୍ଯ୍ୟ ସମ୍ପୃକ୍ତ ବିଭାଗ ମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



# ବିନା ଡାକ୍ତରରେ ଚାଲିଛି ପଢ଼ିଆବାହାଲ ଆରୋଗ୍ୟ ମନ୍ଦିର

ସମ୍ବଲପୁର, ୨୬।୩(ସମିସ)

ପଢ଼ିଆବାହାଲ ଆରୋଗ୍ୟ ମନ୍ଦିରରେ ଗତ ୨ ମାସ ହେଲା ଡାକ୍ତର ନାହାନ୍ତି। ଏଥିପାଇଁ ସ୍ଥାନୀୟ ବାସୀ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଜେପିର ଏକ ପ୍ରତିନିଧି ଦଳ ଗୁରୁବାର ଦିନ ଜିଲ୍ଲାପାଳ

## ଡାକ୍ତର ନିଯୁକ୍ତି ନେଇ ଜିଲ୍ଲାପାଳଙ୍କୁ ଦାବି

ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କ ଭେଟି ଦାବି କରିଛନ୍ତି। ଅଭିଯୋଗ କରିଛନ୍ତି, ଡାକ୍ତର ଉଚ୍ଚ ଶିକ୍ଷା ପାଇଁ ଯିବାପରେ ଫାର୍ମାସିଷ୍ଟକୁ ନେଇ ଚାଲିଛି ଡାକ୍ତରଖାନା। ଫଳରେ ଦିନକୁ ଦିନ ରୋଗୀ ସମସ୍ୟା ଲାଗିରହିଛି।ଏହି ଡାକ୍ତରଖାନା ଉପରେ ଅଞ୍ଚଳର ପ୍ରାୟ ୧୧ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଦୈନିକ ପ୍ରାୟ ୧୦୦ରୁ ଅଧିକ ରୋଗୀ ଏଠାକୁ ଆସିଥାନ୍ତି। ପୁଣି ଜଣେ ଏଏନଏମଙ୍କ ପଦୋନ୍ନତି ପରେ ଗତ ୨ ବର୍ଷ ହେଲା ଏଠାରେ ଡିପି ପଏଣ୍ଟ ବନ୍ଦ ହୋଇଯାଇଛି। ଫଳରେ ଗର୍ଭବତୀଙ୍କୁ ସମ୍ବଲପୁର ଡାକ୍ତରଖାନା କିମ୍ବା ବେସରକାରୀ ଡାକ୍ତରଖାନା ଉପରେ ଭରସା କରିବାକୁ ପଡୁଛି। ଏହା ୫୩ ନମ୍ବର ଜାତୀୟ ରାଜପଥ ଉପରେ ଥିବାରୁ ବହୁ ସମୟରେ ଘଟଣା ଦୁର୍ଘଟଣା ହେତୁ ଡାକ୍ତରଖାନାର ଗୁରୁତ୍ୱ ଯଥେଷ୍ଟ ରହୁଛି।ଏଠାରେ ୨୪ ଘଣ୍ଟିଆ ସେବା ପ୍ରଦାନର ଆବଶ୍ୟକତା ଅନୁଭବ କରାଯିବା ସହିତ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସୁବିଧା ରହିବା କଥା। ଏଠାରେ ଏକ ଆମ୍ବୁଲାନ୍ସ ରହୁଥିଲା। କିନ୍ତୁ ବର୍ତ୍ତମାନ ନଥିବାରୁ ରୋଗୀଙ୍କୁ ଅପେକ୍ଷା କରିବା ଫଳରେ ରାସ୍ତାରେ ଯିବା ସମୟରେ ପ୍ରାଣ ଚାଲିଯାଉଥିବା ଅନେକ ନଜିର ରହିଛି। ବର୍ତ୍ତମାନ ଡାକ୍ତର ନଥିବାରୁ ଲୋକେ ନିରାଶ ହୋଇ ଫେରୁଥିବା ଯୋଗୁଁ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ପଢ଼ିଆବାହାଲ ଠାରେ ଡାକ୍ତର ନିଯୁକ୍ତି ସହିତ ଅନ୍ୟାନ୍ୟ ଆନୁସାଙ୍ଗିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲପାଳ ଖୁବ ଶୀଘ୍ର ଡାକ୍ତର ପଦବୀ ପୂରଣ ସହିତ ଅନ୍ୟାନ୍ୟ ଦାବୀ ଗୁଡ଼ିକ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ଦେବା ସମୟରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତଥା ବାହାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମିତ୍ରଭାନୁ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ପଢ଼ିଆବାହାଲ ମଣ୍ଡଳ ସଭାପତି ଆକାଶ ମିଶ୍ର, ଅଶୋକ ରାଏ, ପ୍ରକାଶ ବଢ଼େଇ, ପିଙ୍କୁ ସାହୁ, ଚିଙ୍କୁ ପ୍ରଧାନ, ସୁନନ୍ଦା ପ୍ରଧାନ, ଉମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ସ୍ୱାଭିମାନର ସହ ବଞ୍ଚିବାକୁ ମହିଳାଙ୍କୁ ଆହ୍ୱାନ

ଝାରସୁଗୁଡ଼ା,୨୬।୩(ସମିସ)



ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ମହିଳାମାନଙ୍କ ସୁରକ୍ଷା, ସଶକ୍ତିକରଣ ଏବଂ ଆଇନଗତ ସଚେତନତା ନେଇ ଦୁଇଦିନିଆ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମାର୍ଚ୍ଚ ୨୫ ଓ ୨୬ରେ ଯଥାକ୍ରମେ କିର୍ମିରା ବ୍ଲକ୍ କ୍ୟାମ୍ପସ ଏବଂ ବେଲପାହାଡ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗ ଦେଇଥିଲେ। ମାର୍ଚ୍ଚ ୨୫ରେ କିର୍ମିରା ବ୍ଲକ୍ ପରିସରରେ ଆୟୋଜିତ ଉତ୍ସବରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ମୁକ୍ତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳାମାନଙ୍କୁ ସ୍ୱାଭିମାନର ସହ ବଞ୍ଚିବା ଓ ନିଜ ଅଧିକାର ପ୍ରତି ସଜାଗ ରହିବାକୁ ଆହ୍ୱାନ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁଜୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଅତିଥିମାନେ କଟାପାଲିସ୍ଥିତ ମାନସିକ ଅନଗ୍ରସର ମହିଳାକେନ୍ଦ୍ର 'ଆଶ୍ରା' ପରିଦର୍ଶନ କରିଥିଲେ। ସେଠାକାର ଅନ୍ତେବାସୀଙ୍କ ରହଣି ଓ ସୁବିଧା ଅସୁବିଧାର ସମୀକ୍ଷା କରିଥିଲେ। ଆଜି ବେଲପାହାଡ କଲ୍ୟାଣ ମଣ୍ଡପଠାରେ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ତିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଭୟ ଦିନର କାର୍ଯ୍ୟକ୍ରମରେ ଏସ୍‌ଇଏଚ୍‌ଏଡିଏ ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ ଏବଂ ସିଡବ୍ଲ୍ୟୁସି ଚେୟାରପର୍ସନ୍ ଆଶିଷ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଠୋର ଆଇନ ଯଥା ଲିଙ୍ଗଗତ ହିଂସା (ଜିଭିଡବ୍ଲ୍ୟୁ), ପୋସ୍ ଆଇନ, ପକ୍ସୋ, ଯୌତୁକ ନିରୋଧ ଆଇନ ଏବଂ ଡାହାଣୀ ସନ୍ଦେହ ନିରୋଧ ଆଇନ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଡିସିପିଓ ସୁନନ୍ଦ ମହାରଣା ସଞ୍ଚାଳନ କରିଥିବା ବେଳେ ଜିଲ୍ଲା ସଂରକ୍ଷକ (ମହିଳା ସଶକ୍ତିକରଣ) ଲିଲେଶ୍ୱର ସାହୁ, ପୋଷଣ ଜିଲ୍ଲା ସଂରକ୍ଷକ ରମାକାନ୍ତ ନାୟକ ଏବଂ ହବ ଷ୍ଟାଫ୍‌ମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପିଓ ସଦର ମୀନାକ୍ଷୀରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ପ୍ରସ୍ତୁତି



ଝାରସୁଗୁଡ଼ା,୨୬।୩(ସମିସ): 'ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫-୨୬'ରେ ଝାରସୁଗୁଡ଼ା ପୌରପାଳିକାର ର୍‍ୟାଙ୍କ୍‌ରେ ଉନ୍ନତି ଆଣିବା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ସ୍ୱଚ୍ଛ ସାଥୀ ଏବଂ ସୁପରଭାଇଜର ମାନେ ଯୋଗ ଦେଇଥିଲେ। ସହରକୁ ଅଳିଆମୁକ୍ତ କରି ସ୍ୱଚ୍ଛତା ମାପଦଣ୍ଡରେ ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଶ୍ରୀ ମଲ୍ଲିକ ଘରକୁ ଘର ବୁଲି ଅଳିଆ ସଂଗ୍ରହ ଏବଂ ଉତ୍ସ ସ୍ଥଳରେ ହିଁ ଓଦା ଓ ଶୁଖିଲା ଅଳିଆ ପୃଥକୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ସଂଗୃହିତ ଶୁଖିଲା ବର୍ଜ୍ୟବସ୍ତୁକୁ ଏମ୍‌ଆର୍‌ଏଫ୍ କେନ୍ଦ୍ରରେ ପ୍ରକ୍ରିୟାକରଣ କରିବା ଏବଂ ଓଦା ବର୍ଜ୍ୟବସ୍ତୁରୁ ଏମ୍‌ସିସି କେନ୍ଦ୍ର ମାଧ୍ୟମରେ 'ମୋ ଖତ' (ଜୈବିକ ସାର) ପ୍ରସ୍ତୁତ କରିବା ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସହରର କୌଣସି ସ୍ଥାନରେ ଯେପରି ଅଳିଆ ଗଦା ନରୁହେ ସେଥିପ୍ରତି ସତର୍କ ହେବା ସହ ପୁରୁଣା ଅଳିଆ ଗଦା ସ୍ଥାନଗୁଡିକୁ ସବୁଜ ବଳୟରେ ପରିଣତ କରିବା ପାଇଁ ଯୋଜନା କରାଯାଇଛି। ଲୋକମାନେ ଏଣେ ତେଣେ ବା ନାଳ ପରିବର୍ତ୍ତେ ପୌରପାଳିକାର ସଫେଇ ଗାଡିକୁ ଅଳିଆ ଦେବାପାଇଁ ସଚେତନତା ସୃଷ୍ଟି କରାଯିବ ବୋଲି କୁହାଯାଇଛି। ସ୍ୱଚ୍ଛତା ସର୍ଭେରେ ସାଧାରଣ ଜନତାଙ୍କ 'ଭୋଟିଂ' ଏକ ମୁଖ୍ୟ ଅଂଶ ହୋଇଥିବାରୁ, ଏଥିରେ ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ଅନୁରୋଧ କରାଯାଇଛି। ସହରକୁ ସୁନ୍ଦର କରିବା ପାଇଁ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି।

● ମହିଳାଙ୍କୁ ନିଆଁରେ ପୋଡ଼ି ହତ୍ୟା ଘଟଣା

# ଜେଲ୍ ଗଲା ଅଭିଯୁକ୍ତ ସ୍ୱାମୀ

ଦେବଗଡ଼,୨୬।୩(ସମିସ): କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅଧୀନ ମଲ୍ଲାରବାହାଲ ଗାଁରେ ଗତ ୨୩ ତାରିଖ ନିଆଁରେ ପୋଡି ମହିଳାଙ୍କୁ ହତ୍ୟା ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ୨୩ ତାରିଖ ମଲ୍ଲାରବାହାଳ ପୋଖରୀ ନିକଟସ୍ଥ ଏକ ଧାନ ବିଲରେ ମୃତ ମହିଳା ଲକ୍ଷ୍ମୀପ୍ରିୟାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିଲା। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଖଇରପାଲି ଫାଣ୍ଡି ଅଧିକାରୀଣି ବିଷ୍ଣୁପ୍ରିୟା ରଣା ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଯଶୋବନ୍ତ ସାହୁ ଓ ଭାଇ ମୁରଲୀଧର ସାହୁକୁ ଡାକି ଶବ ଚିହ୍ନଟ କରିଥିଲେ। ମୁରଲୀଧର ଏନେଇ ଲିଖିତ ଏତଲା ଦେବାରୁ ପୁଲିସ ଯଶୋବନ୍ତଙ୍କୁ ଥାନାରେ ଅଟକରଖି ପଚରା ଉଚରା କରୁଥିଲା। ୨୪ ତାରିଖ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ଅଧିକ ତଦନ୍ତ କରାଯିବା ସହ ଅର୍ଦ୍ଧଦଗ୍ଧ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ଗତକାଲି ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଆଜି ହତ୍ୟା ମାମଲାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ଯଶୋବନ୍ତକୁ ଗିରଫ କରି କୋର୍ଟ ଚାଲଣ କରିଥିଲା।

# ବେଆଇନ ବିଦେଶୀ ମଦ ଜବତ, ଜଣେ ଗିରଫ

କୋଲାବିରା,୨୬।୩(ସମିସ): ଦୋକନରେ ବେଆଇନ ଭାବେ ବିଦେଶୀ ମଦ କିଣାବିକା କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିକୁ କୋଲାବିରା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ମଞ୍ଜନ କିଷାନ(୩୭) ବୋଲି ଜଣା ପଡ଼ିଛି। କୋଲାବିରା ଥାନା ଅଧୀନ ଶିରିଆପାଲି ଛକ ଠାରେ ଏକ ଚା ଦୋକାନରୁ ବିଦେଶୀ ମଦ ପୁଲିସ ଜବତ କରିଛି। ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଦୋକାନ ମାଲିକ ମଞ୍ଜନକୁ ଆଜି କୋର୍ଟ ଚାଲାଣ କରାଯାଇଛି। ତା ନିକଟରୁ ବିଭିନ୍ନ ବ୍ରାଣ୍ଡର ୧୨ଲିଟର ବିଦେଶୀ ମଦ ଜବତ କରାଯାଇଥିବା ନେଇ ପୁଲିସ ସୂତ୍ରରୁ ପ୍ରକାଶ।

# ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ଦୟନୀୟ



ଝାରସୁଗୁଡ଼ା,୨୬।୩(ସମିସ): ଭାରୀଯାନ ଚଳାଚଳ ଯୋଗୁଁ ବିଜୁ ଏକ୍ସପ୍ରେସ ୱେ ଠାରୁ ଜମେରା, ମରାକୁଟା ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ମରାକୁଟା, ଜମେରା ପଞ୍ଚାୟତର ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ହେଉଛି। ଏଣୁ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ବିଜୁ ଏକ୍ସପ୍ରେସ ୱେ ଠାରୁ ମରାକୁଟା, ଜମେରା ପର୍ଯ୍ୟନ୍ତ ଦୀର୍ଘଦିନ ଧରି ଏହିରାସ୍ତାର ନିର୍ମାଣ ହୋଇ ନଥିବା ବେଳେ ମରାକୁଟା ସ୍ଥିତ ବିଭିନ୍ନ କମ୍ପାନୀର ଶତାଧିକ ଭାରୀଯାନ ଏହିରାସ୍ତା ଯାତାୟତ କରୁଛି। କମ୍ପାନୀର ଓଜନିଆ ସାମଗ୍ରୀ ଭାରୀଯାନରେ ପରିବହନ କରିବା ଦ୍ୱାରା ହିଁ ରାସ୍ତା ଖରାପ ହେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଏହିରାସ୍ତା ଉପରେ ନିର୍ଭର କରୁଥିବା ବୁଡିପଦର, ତିହାଡିପାଲି, ମରାକୁଟା, ସାଲେଟ୍ରିକା, ଜମେରା, ଜାମଟିକ୍ରା, ପଣ୍ଡ୍ରି ପଥର ଆଦି ଅଞ୍ଚଳର ଜନସାଧାରଣ ଓ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖରାପ ଯୋଗୁ ଲକ୍ଷ୍ମୀ ବସ୍ ମଧ୍ୟ ଚଳାଚଳ କରିପାରୁନାହିଁ। ଏପରିକି ଅନେକ ସମୟରେ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପିଡବ୍ଲ୍ୟୁଡି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସତ୍ୟବାନ ପଟେଲଙ୍କୁ ପଚରା ଯାଇଥିଲା। ଏହିରାସ୍ତାରେ ବହୁ ପ୍ରାଇଭେଟ ଜାଗା ଥିବାରୁ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ଠୁ ଜାଗା କିଣି ପିଡବ୍ଲ୍ୟୁଡି ବିଭାଗକୁ ହସ୍ତାନ୍ତର ପରେ ରାସ୍ତା ନିର୍ମାଣ କରାଯିବ ବୋଲି ମତ ଦେଇଛନ୍ତି।

# ଝିର୍ଲାପାଲି ପାକ୍ସର ବାର୍ଷିକ ସାଧାରଣ ସଭା

କୋଲାବିରା,୨୬।୩(ସମିସ): ଝିର୍ଲାପାଲି ପ୍ରାଥମିକ କୃଷି ସମବାୟ ସମିତି ଲି. ବାର୍ଷିକ ସାଧାରଣସଭା ବଡବାହାଲ ଗାଁ ଜାତୀୟରାଜପଥ ୪୯ ର ସେତୁ ମୁହାଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ଲକ୍ଷ୍ମଣ ସାହୁ ସରକାରଙ୍କର ସମିତି ମାଧ୍ୟମରେ କରାଯାଉଥିବା ବିଭିନ୍ନ ବ୍ୟବସାୟ ବିଷୟରେ ବୁଝାଇଥିଲେ। ଶାଖା ପରିଚାଳକ ସମବାୟ ବ୍ୟାଙ୍କ ଲଇକେରା କୌସିକ ପ୍ରଧାନ, ନିରୀକ୍ଷକ ଗଣନାଥ ଖର୍ସେଲ ପ୍ରମୁଖ ଉପସ୍ଥିତ ଥିଲେ। ସମବାୟ ବ୍ୟାଙ୍କର ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ହରେଶ ପଟେଲ ସମିତିର ବାର୍ଷିକ ବିବରଣୀ ପଠନ କରିଥିଲେ। ସଭାରେ ସମିତି ମାଧ୍ୟମରେ ଦୁଗ୍ଧ ବିକ୍ରୟ ପାଇଁ ଓ ଅଗ୍ରୀମ ରାସାୟନିକ ସାର ନେବା ପାଇଁ ପ୍ରସ୍ତାବ ନିଆଗଲା। ଏହାସହ ଖିଲାପି ସଭ୍ୟଙ୍କୁ ସାର ପ୍ରଦାନ, ଧାନପଞ୍ଜୀକରଣ ତଥା ଅନ୍ୟାନ୍ୟ ସେବାରୁ ବଞ୍ଚିତ କରିବାପାଇଁ ନିଷ୍ପତ୍ତି ନିଆଗଲା। ବୈଠକରେ କୃଷି ଅଧିକାରୀ ବାସନ୍ତୀ ଲାକ୍ରା, ସମ୍ପାଦକ ସୁବାଷ ପଟେଲ, ପ୍ରମୋଦ ପଟେଲ, ନରେନ୍ଦ୍ର ଭୋଇ, ପୁରୁଷୋତ୍ତମ ନାଏକ, ଶିବନାରାୟଣ ନାୟକ, ସୁବନ ଧୁରୁଆ, ଚିରଞ୍ଜି ପଟେଲ, ସରୋଜ ନାଏକ ଓ ୪୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ଶେଷରେ ଅଭିମନ୍ୟୁ ପଟେଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପୁରୁଣାଗଡ଼ ଶ୍ରୀଜଗନ୍ନାଥ ରଥ ନିର୍ମାଣ ନିମନ୍ତେ ବୈଠକ

ଦେବଗଡ଼,୨୬।୩(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଶ୍ରୀ ଜଗନ୍ନାଥଙ୍କ ରଥ ନିର୍ମାଣ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କବିନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ରଥ ନିର୍ମାଣ ନିମନ୍ତେ ନୟାଗଡରୁ ମହାରଣା (ବଢ଼େଇ) ଡକାଯାଇ ନୂତନ ରଥ ନିର୍ମାଣ କରାଯିବା ପାଇଁ ୨ଟି କମିଟି ଗଠନ କରାଯାଇଛି। ରଥ ପରିଚାଳନା କମିଟିର ସଦସ୍ୟ ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ, ସଂସ୍କୃତି ପରିଷଦର ସଦସ୍ୟ ସୁଧୀର କପରଦାର, ଟିକେଶ୍ୱର୍ ଗୁରୁ, ସାମ୍ବାଦିକ ପ୍ରଣବ କିଶୋର ଗୁରୁ, ମାନସରଞ୍ଜନ ଦ୍ୱିବେଦୀ ଓ ଅର୍ଥ କମିଟିର ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ, ଆଇନଜୀବୀ ମନୋଜ୍ ପାଢ଼ୀ, ଦିଲୀପ ଗୁରୁ, ସାମ୍ବାଦିକ ଅଶୋକ ନନ୍ଦ ଓ ସୁଶୀଲ ଦାସ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ର ଶେଖର ଭୁକ୍ତା, ସୁମିତ୍ରା ପୁରୋହିତ, ମିତ୍ରଭାନୁ ମହାପାତ୍ର, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଲା, ଡେପୁଟି କଲେକ୍ଟର କଳିଙ୍ଗ ଆଶିଷ ଶତପଥୀ, ଏସିଏଫ୍ ସ୍ୱାଧୀନତା ସାହାଣୀ, ରାସ୍ତା ଓ ସୌଧ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



ଦେବଗଡ଼,୨୬।୩(ସମିସ): ଜିଲ୍ଲା କ୍ରୀଡା ବିଭାଗ ଓ ମୋ ଭାରତ ପକ୍ଷରୁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଜିଲ୍ଲାରୁ ଅଂଶଗ୍ରହଣ କରିଥିବା ବିଭିନ୍ନ ଦଳ ମାନଙ୍କୁ ସମ୍ମାନିତ କରାଯାଇଛି। ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୁରୁବାର ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଜିଲ୍ଲାରୁ ଯାଇଥିବା ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ମୋ ଭାରତର ସଂଯୋଜକ ପ୍ରଦୀପ ବିଶ୍ୱାଳ, କ୍ରୀଡା ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାୟକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# କୋଲାବିରାରେ ଅଷ୍ଟପ୍ରହର ନାମଯଜ୍ଞ

କୋଲାବିରା,୨୬।୩(ସମିସ): କୋଲାବିରା ଉପରପଡା ରାମନବମୀ ଯାତ୍ରା ମଣ୍ଡପ ଠାରେ ଅଖଣ୍ଡ ଅଷ୍ଟ ପ୍ରହର ନାମଯଜ୍ଞ କୋଲାବିରା ଗୌରଭକ୍ତ ବୃନ୍ଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସୋମବାର ଶତାଧିକା ମହିଳା ତେଲେନ ନଦୀରୁ କଳସ ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରି ପୂଜାମଣ୍ଡପରେ ପହଞ୍ଚିଥିଲେ। ପୂଜକମାନଙ୍କ ଦ୍ୱାରା କଳସ ସ୍ଥାପନା ହୋଇଥିଲା। ମଙ୍ଗଳବାର ନାମଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗାଁର ପ୍ରମୋଦ ମିଶ୍ର ଓ ତାଙ୍କ ଧର୍ମପତ୍ନୀ କାନ୍ତିମୟୀ ମିଶ୍ର ଯଜ୍ଞରେ କର୍ତ୍ତା ରୂପେ କାର୍ଯ୍ୟଭାର ତୁଲାଇଥିଲେ। ବିଭିନ୍ନ ଗାଁରୁ ସଙ୍କୀର୍ତ୍ତନ ଦଳ କୀର୍ତ୍ତନ କରିଥିଲେ। ପୂଜକ କ୍ଷୀରୋଦ ପୂଜାରୀଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଷଡ ବୈଷ୍ଣବ ଭାବେ ବୀରେନ୍ଦ୍ର ମହାପାତ୍ର, ବୁଲୁ ମହାପାତ୍ର, ନବୀନ ଭଞ୍ଜ, କ୍ଷୀରୋଦ କୁଅଁର, ଅଜିତ କୁଅଁର, ଦେବେନ୍ଦ୍ର ଶତପଥୀ ପ୍ରମୁଖଙ୍କ ସହ ଗୌରବୃନ୍ଦ ରହିଥିଲେ। ବୁଧବାର ନାମସମାପନ, ନଗରଭ୍ରମଣ, ଦଧିଭାଣ୍ଡ ଭଞ୍ଜନ, ମହାପ୍ରସାଦ ସେବନ ଓ ଭକ୍ତ ମହନ୍ତ ବିଦାୟ ସହିତ କାର୍ଯ୍ୟକ୍ରମର ପରିସମାପ୍ତି ହୋଇଥିଲା।

# ଷୋହଳ ପ୍ରହର ବିଶ୍ୱଶାନ୍ତି ନାମଯଜ୍ଞ



ଝାରସୁଗୁଡ଼ା,୨୬।୩(ସମିସ): ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ଅଧୀନ ଧୁତରା ୱାର୍ଡ ନମ୍ବର ୭ରେ ଗତ ମାର୍ଚ୍ଚ ୨୨ରୁ ୨୫ ପର୍ଯ୍ୟନ୍ତ ଷୋହଳ ପ୍ରହର ବିଶ୍ୱଶାନ୍ତି ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୨୩ରେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦିପାଳୀ ଦାସ ଯୋଗ ଦେଇଥିଲେ। ନାମଯଜ୍ଞରେ ମାଳିମୁଣ୍ଡା, ତାଲମାଲ, ଅର୍ଡା(କ), ଅର୍ଡା(ଖ), ଜାମକାନୀ, ବନ୍ଧପାଲି, ଖେଳଡା, ଛତ୍ରିଆକଣ୍ଟା, ମାଧଗୁରୁ ଜାମକାନୀ, ଧୁତରା ଆଦି କୀର୍ତ୍ତନ ଦଳଙ୍କ ଯୋଗ ଦେଇଥିଲେ। ୨୨ ତାରିଖ କଳସଯାତ୍ରା ହୋଇଥିଲା।

ପ୍ରଦୀପ ଦେ (ଲିଟୁ ମାଷ୍ଟର)ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞରେ ନରୋତ୍ତମ ସା, ସୀତାରାମ ମଲ୍ଲିକ, ଟେକଚାନ୍ଦ ହଲୁଆ, ପୁରୁଷୋତ୍ତମ କଳାର, ନିର୍ମଳଚନ୍ଦ୍ର ବୁଡା, ଜେନାମଣୀ କଲାର, ଅନିଲ ସା, ଜ୍ୟୋତିଷ ତନସନା, ହେମନ୍ତ ତନସନା, ତୁଲାରାମ ନାଏକ, ତୁଲାରାମ ଭୋଇ, ରୋହିତ ବୁଡା, କେଶବ ଚନ୍ଦ୍ର ନାଏକ ତଥା ଗଡନେବୀ କ୍ଲବ୍ (ଭୂୟାଁପଡା)ର ସଦସ୍ୟ ବୃନ୍ଦ ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଭୁବନେଶ୍ୱର ତନସନା ଓ ସ୍ନେହଲତା ତନସନା କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଗାଁର ସମସ୍ତ ଭଦ୍ର ମହିଳାଙ୍କ ଉତ୍ସାହ ଓ ସହଯୋଗ କ୍ରମେ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ଅନୁଷ୍ଠିତ ହୋଇଥିଲା।

# ଲଇକେରାରେ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା



ଝାରସୁଗୁଡ଼ା,୨୬।୩(ସମିସ): ଲଇକେରାରେ ଚାଲିଥିବା ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବରଗଡ଼ ଧନୁଯାତ୍ରାରେ କଂସ ଅଭିନୟ କରୁଥିବା କଳାକାର ସୁଶୀଲ ମେହେର ଯୋଗ ଦେଇଛନ୍ତି। ତାଙ୍କ ସହ ଚୌଜିଲ୍ଲା ମେହେର ସମାଜର ସଭାପତି ଚନ୍ଦ୍ରଶେଖର ମେହେର, କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ମେହେର, ଚୌଜିଲ୍ଲା ପୂର୍ବତନ ସଭାପତି ନୃପଲାଲ ମେହେର, ପବିତ୍ର ମେହେର, ଆବାହକ ପ୍ରମୋଦ ମେହେର, କୋଷାଧ୍ୟକ୍ଷ ପ୍ରଦିପ ମେହେର, ରାହାସ ବିହାରୀ ମେହେର, ଭବାନି ମେହେର, ରବି ମେହେର ଓ ରାମଚନ୍ଦ୍ର ମେହେର ଯୋଗ ଦେଇଥିଲେ। ୨୦ କିଲୋର କଂସା ଦୀପଦାନୀ ମନ୍ଦିରକୁ ଦାନ କରିଥିଲେ। ଲଇକେରାରେ ସମଲେଶ୍ୱରୀ ମନ୍ଦିର ନିର୍ମାଣ ଯୋଗୁଁ ମେହେର ସମାଜ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

# ଛାତ୍ରଛାତ୍ରୀଙ୍କ ବୃଦ୍ଧାଶ୍ରମ ପରିଦର୍ଶନ



ଝାରସୁଗୁଡ଼ା,୨୬।୩(ସମିସ): ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ଛାତ୍ରଛାତ୍ରୀ ଗୁରୁବାର ଗୋବିନ୍ଦପୁର (ଲଖନପୁର) ସ୍ଥିତ ବୃଦ୍ଧାଶ୍ରମ ପରିଦର୍ଶନ କରିଛନ୍ତି। ଛାତ୍ରଛାତ୍ରୀ ବୃଦ୍ଧାଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କୁ ସମ୍ମାନ ଜଣାଇ ତାଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଛାତ୍ରଛାତ୍ରୀ ସ୍କୁଲ ତରଫରୁ ଅନ୍ତେବାସୀଙ୍କୁ ତାଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇଂରାଜୀ ବିଭାଗର ଶିକ୍ଷକ ସୁବ୍ରତ ମିଶ୍ର, ଖେଳ ଶିକ୍ଷକ ସନ୍ତୁ ଭୌମିକ ଏବଂ ଶିକ୍ଷୟିତ୍ରୀ ମଧୁ କାକର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ। ସ୍ଥାନୀୟ ଗିଭିଂ କ୍ଲବ୍ କାର୍ଯ୍ୟକ୍ରମଟିକୁ ଆୟୋଜିତ କରିଥିଲା।

# ବାଦିମାଲରେ ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ

ଝାରସୁଗୁଡ଼ା,୨୬।୩(ସମିସ): ବାଦିମାଲରେ ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଗାଁର ଗୌନ୍ତିଆ ପରିବାରର ଲଳିତା ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ



ଗୋବିନ୍ଦ ଭୋଇ, ଚୈତନ୍ୟ ଭୋଇ, ଶୁକଦେବ ଭୋଇ, ଜିତେନ୍ଦ୍ର ଭୋଇ, ଖିତେଶ୍ୱର ଗୁପ୍ତା ପ୍ରମୁଖ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ତିନି ଦିନ ଧରି ହୋଇଥିବା ପ୍ରତିଷ୍ଠା ଉତ୍ସବରେ ଜନ୍ମେଲା ଓ ବସ୍ତି ଜାମ୍ ଗାଁ ସଙ୍କୀର୍ତ୍ତନ ମଣ୍ଡଳୀ, ବାଦିମାଲ ସଙ୍କୀର୍ତ୍ତନ ମଣ୍ଡଳୀ ସମେତ ସ୍ଥାନୀୟ ଅଞ୍ଚଳର ବହୁ କଳାକାର ସାମିଲ ହୋଇଥିଲେ। ପ୍ରଥମ ଦିନରେ ୧୦୮ କଳସରେ ଶୁଭ ଅଧିବାସ କରାଯାଇଥିଲା। ଗୌନ୍ତିଆ ପରିବାର ପକ୍ଷରୁ ନିର୍ମିତ ଏହି ମନ୍ଦିରରେ ବହୁ ବର୍ଷରୁ ପୂଜା ହୋଇ ଆସୁଛି। ତେବେ ଏହାକୁ ନୂତନ ଭାବେ ନିର୍ମାଣ କରି ପ୍ରତିଷ୍ଠା ଉତ୍ସବ କରାଯାଇଛି।

# ଥଇଥାନ ନ କରି ଘରଭଙ୍ଗା ଘଟଣାକୁ ବିଏସ୍‌ପିର ଦୃଢ଼ ନିନ୍ଦା

ବରଗଡ଼,୨୬।୩(ସମିସ)



ବିନା ଥଇଥାନରେ ବରଗଡ଼ ଗଙ୍ଗାଧର ନଗର କେନାଲପଡା ବସ୍ତିବାସିନ୍ଦାଙ୍କ ଘରଭଙ୍ଗା ଘଟଣାକୁ ବିରୋଧ କରି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଜିଲ୍ଲା ସଭାପତି ଅଜୟ କୁମ୍ଭାରଙ୍କ ନେତୃତ୍ୱରେ ଦଳ ତରଫରୁ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବସ୍ତି ବାସିନ୍ଦାଙ୍କ ଉଚିତ୍ ଥଇଥାନ ନ କରି ସେମାନଙ୍କ ଗୃହ ଉଚ୍ଛେଦ ନ କରିବା ପାଇଁ ଦାବି ରଖିଥିଲେ। ବସ୍ତି ବାସିନ୍ଦାଙ୍କୁ ବିନା ନୋଟିସରେ ପର୍ଯ୍ୟାପ୍ତ ସମୟ ନ ଦେଇ ଯେପରି ଭାବେ ବରଗଡ଼ କଲେକ୍ଟର ଘର ଭାଙ୍ଗିବାର ଆଦେଶ ଦେଇଛନ୍ତି ଏହା ଅମାନବୀୟ କାର୍ଯ୍ୟ ସହିତ ଖୁଲମଖୁଲା ଗଣତନ୍ତ୍ରର ହତ୍ୟା ବୋଲି ସମ୍ବଲପୁର ମୁଖ୍ୟ ଜୋନ ପ୍ରଭାରୀ ନାରାୟଣ ଭେସ୍ରା କହିଥିଲେ। ବିନା ଥଇଥାନରେ ଦୀର୍ଘ ୫୦/୬୦ ବର୍ଷ ଧରି ବାସ କରି ଆସୁଥିବା ଭୂମିହୀନ ଲୋକଙ୍କ ଏପରି ଭାବେ ଗୃହ ଉଚ୍ଛେଦ କରିବା ଆଇନ ବିରୁଦ୍ଧ ବୋଲି ଜିଲ୍ଲା ସଂଯୋଜକ ଆଡଭୋକେଟ ଜୟରାମ ବାଘ କହିଥିଲେ। ପୀଡିତ ପରିବାର ମାନଙ୍କୁ ୪ ଡିସିମିଲ ଜମି ପଟ୍ଟା ସହିତ ପ୍ରଧାନମନ୍ତ୍ରୀ ଆବାସ ଘର ନଦେବା ପର୍ଯ୍ୟନ୍ତ ସେମାନଙ୍କ ଘର ଯଥା ସ୍ଥିତିରେ ରହିବ ବୋଲି ବିଏସ୍‌ପି ତରଫରୁ ଦୃଢ଼ ଦାବି ରଖା ଯାଇଥିଲା। ଏହି ବିକ୍ଷୋଭ ପ୍ରଦର୍ଶନରେ ସମ୍ବଲପୁର ଜୋନ ଅନ୍ୟତମ ପ୍ରଭାରୀ ରାଜୁ ନନ୍ଦ, ଗାନ୍ଧୀ ମହାନନ୍ଦ, ଦିଲୀପ ସିଂ, ଅନିଲ ନାଏକ, କୈଳାସ ଲୁହା, ସରୋଜ କୁମ୍ଭାର, ଦେବ କୁମ୍ଭାର, ଅମରନାଗ, ଗୋପୀନାଥ ପୋଢ଼, କଳ୍ପ ସାଗର, କଲ୍ୟାଣୀ ନାଗ, ଲତା ନାଗ, ଯଜ୍ଞସେନୀ ନାଏକଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ସମାଜବାଦୀ ଜନ ପରିଷଦ ନେତାଙ୍କୁ ଗିରଫ ଘଟଣାକୁ ସଂଯୁକ୍ତ କୃଷକ ସଂଗଠନର ଦୃଢ଼ ନିନ୍ଦା

ବରଗଡ଼,୨୬।୩(ସମିସ): ବହୁରାଷ୍ଟ୍ରୀୟ କମ୍ପାନୀ ମାନଙ୍କ ହାତକୁ ଅବିଚାରିତ ଭାବେ ଖଣିଜ ସମ୍ପଦକୁ ବିକାଶ ନାଁରେ ଟେକି ଦେବା ବିରୋଧରେ ଉଠୁଥିବା ସ୍ୱରକୁ ଚାପି



ଦେବାକୁ ଉଦ୍ୟମ ହୋଇଛି। ଗତକାଲି ସମାଜବାଦୀ ଜନପରିଷଦର ଜାତୀୟ ସଭାପତି, ଗନ୍ଧମାର୍ଦ୍ଦନ ଆନ୍ଦୋଳନର ନେତା, ନିୟମଗିରି ସୁରକ୍ଷା ସମିତି, ଖଣ୍ଡୁଆଳ ମାଳି, ତିଜି ମାଳି, କୁଟୁରୁମାଳି ପାହାଡ଼, ଜଙ୍ଗଲ, ଜମି ଏବଂ ଜୀବିକା ସୁରକ୍ଷା ପାଇଁ ଗଣତାନ୍ତ୍ରିକ, ଅହିଂସାତ୍ମକ ଭାବେ ଲଢ଼େଇ ଲଢୁଥିବା ଲିଙ୍ଗରାଜ ଆଜାଦ ଏବଂ ସୁରେଶ ସଂଗ୍ରାମଙ୍କୁ ପୁଲିସ ମିଛ କେଶ ଦେଇ ଗିରଫ କରିଥିବା ଅଭିଯୋଗ ହୋଇଛି। କମ୍ପାନୀର ସ୍ୱାର୍ଥ ପାଇଁ ପୁଲିସର ଏଭଳି ବେଆଇନ, ଅଗଣତାନ୍ତ୍ରିକ କାର୍ଯ୍ୟକଳାପକୁ ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ଦୃଢ଼ ଭାବେ ନିନ୍ଦା କରିଛି। ଲିଙ୍ଗରାଜ ଆଜାଦ ଏବଂ ସୁରେଶ ସଂଗ୍ରାମଙ୍କୁ ପୁଲିସ ଛାଡ଼ିଦେବା ପାଇଁ ସଂଗଠନ ଦାବି କରିଛି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର ଚେତାବନୀ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଗଣମାଧ୍ୟମ ଯେଉଁ ବିଷୟକୁ ବିଶ୍ୱସନୀୟ ବୋଲି କହେ ଜନସାଧାରଣ ତା'କୁ ହିଁ ବିଶ୍ୱାସ କରନ୍ତି।
-ଜର୍ଜ ଅରୱେଲ୍

## ଓଡ଼ିଶାରେ ଧର୍ମବିଦ୍ୱେଷ!

ଯେଉଁ ରାଜ୍ୟ କେବେ ସାମ୍ପ୍ରଦାୟିକ ହିଂସା ଦେଖିନଥିଲା ସେଠାରେ ଗତ ବର୍ଷକ ଭିତରେ ୧୨୨ଟି ସାମ୍ପ୍ରଦାୟିକ ହିଂସା ବା ଧର୍ମାନ୍ଧତା ଦଙ୍ଗା ସଂଘଟିତ ହୋଇଛି। ଏକଥା ଖୋଦ୍ ଓଡ଼ିଶା ସରକାରଙ୍କ ଶ୍ୱେତପତ୍ର କହୁଛି। ରାଜ୍ୟ ବିଧାନସଭାରେ ଉପସ୍ଥାପିତ ଗୃହ ମନ୍ତ୍ରଣାଳୟର ଶ୍ୱେତପତ୍ର ଅନୁଯାୟୀ, ୨୦୨୫ରେ ହିନ୍ଦୁ-ମୁସ୍‌ଲିମ ମଧ୍ୟରେ ୧୦୬ଟି ଏବଂ ହିନ୍ଦୁ-ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ମଧ୍ୟରେ ୧୬ଟି ଉତ୍ତେଜନା ଓ ହିଂସାତ୍ମକ ଘଟଣା ସଂଘଟିତ ହୋଇଛି। ଏହି ଘଟଣା ସହିତ ସମ୍ପୃକ୍ତି ଅଭିଯୋଗରେ ୧୬୫ଟି ଫୌଜଦାରୀ ମାମଲା ରୁଜୁ କରାଯାଇଛି। ସେହିଭଳି ୨୦୨୫ରେ ୧୦୯୫ଟି ଦଙ୍ଗା ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ କରାଯାଇଛି, ଯେଉଁଥିରୁ ୪୯୮ଟିରେ ଚାର୍ଜସିଟ୍ ଦାଖଲ ହୋଇଛି।

ଗରିବ ହେଲେ ମଧ୍ୟ ଭାଇଚାରା ଓ ଶାନ୍ତିପ୍ରିୟ ରାଜ୍ୟ ଭାବେ ଓଡ଼ିଶାର ସୁନାମ ସାରା ଦେଶରେ ରହିଥିଲା। କେଉଁଠି ମୁସଲମାନ୍ ସମ୍ପ୍ରଦାୟ ପରିବାର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆୟୋଜନ କରୁଥିଲେ ତ କେଉଁଠାରେ ହିନ୍ଦୁ-ମୁସଲିମ୍ ପରିବାର ମିଶି ସତ୍ୟନାରାୟଣ ପୂଜା କରୁଥିଲେ। ସାହିସାହିରେ ଆୟୋଜିତ ପର୍ବପର୍ବାଣିରେ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଉଭୟ ଧର୍ମର ଉତ୍ସବମାନ ଆନନ୍ଦ ଓ ଶାନ୍ତି ସହାବସ୍ଥାନରେ ପାଳିତ ହୋଇଆସୁଥିଲା। କେବେ କେଉଁଠି କାଁଭାଁ ଧର୍ମାନ୍ତରୀକରଣ ଜନିତ ଘଟଣା ଓ ଛୋଟମୋଟ ସାମ୍ପ୍ରଦାୟିକ ଗଣ୍ଡଗୋଳ ଦୃଷ୍ଟିକୁ ଆସୁଥିଲା। ପ୍ରଶାସନିକ ହସ୍ତକ୍ଷେପରେ ତାହାର ସମାଧାନ ହୋଇଯାଉଥିଲା। କିନ୍ତୁ ୨୦୨୪ରେ ଶାସନ ପରିବର୍ତ୍ତନ ପରେ ଓଡ଼ିଶାରେ କ୍ରମାଗତ ଭାବେ ଆଶଙ୍କା ଅନୁରୂପ ଧର୍ମଗତ ବିଦ୍ୱେଷ ଓ ସାମ୍ପ୍ରଦାୟିକ ଅସୂୟା ବଢ଼ିବାରେ ଲାଗିଛି। ଭାଇଚାରାର ସହର କଟକରେ ଗତବର୍ଷ ଦୁର୍ଗାପୂଜା ଭସାଣିରେ ସାମ୍ପ୍ରଦାୟିକତାର ଉଗ୍ର ରୂପ ଦେଖିବାକୁ ମିଳିଥିଲା ବେଳେ ମାଲକାନଗିରି ଜିଲ୍ଲା ଆଉ ଏକ ମଣିପୁରର ରୂପ ନେବାରୁ ଅଳ୍ପକେ ବର୍ତ୍ତିଯାଇଥିଲା। ଏହାଛଡ଼ା ରାଜ୍ୟରେ ଅନେକ ଅଞ୍ଚଳରେ ସାମ୍ପ୍ରଦାୟିକ ଉତ୍ତେଜନା ହିଂସାର ରୂପ ନେଇଛି। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯେଉଁଠାରେ ଶାନ୍ତିର ରାଜୁତି ଓ ସହାବସ୍ଥାନ ଥିଲା ସେଠାରେ ଶାସନ ପରିବର୍ତ୍ତନ ସହିତ ହଠାତ୍ ହିଂସା ଓ ଅଶାନ୍ତିର ପ୍ରବେଶ ହେଲା କେମିତି? ଯେଉଁମାନେ ଧର୍ମନିରପେକ୍ଷତାକୁ ଗ୍ରହଣ କରିସାରିଥିଲେ ସେମାନଙ୍କ ମନରେ ସାମ୍ପ୍ରଦାୟିକତାର ବିଦ୍ୱେଷର ମଞ୍ଜି ବୁଣିଲା କିଏ? ଏଥିରେ ତୃତୀୟ ପକ୍ଷର ଭୂମିକା ନିଶ୍ଚୟ ସନ୍ଦେହଘେରକୁ ଆସୁଛି।

ବର୍ତ୍ତମାନ ଲୋକେ ଧର୍ମ ନୁହେଁ, ସହାବସ୍ଥାନ ଓ ପ୍ରଗତି ଚାହୁଁଛନ୍ତି। ସରକାର ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ରୋଜଗାର ନିଶ୍ଚିତତା ପ୍ରଦାନ କରନ୍ତୁ। ସାମ୍ପ୍ରଦାୟିକତା ଭିତ୍ତିରେ ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଧର୍ମର ନାରା ଅପେକ୍ଷା ପ୍ରଗତିର ପରିଭାଷାର ଅଧିକ ପ୍ରଚାର ପ୍ରସାର ଆବଶ୍ୟକ। ସାମ୍ପ୍ରଦାୟିକତାରୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଫାଇଦା ମିଳୁଥାଇପାରେ; କିନ୍ତୁ ସାମଗ୍ରିକ ସ୍ୱାର୍ଥର ଏହା ପରିପନ୍ଥୀ। ●

## ଡିଡିଜିଟାଲାଇଜେସନ୍

କର୍ଣ୍ଣାଟକରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟଫୋନ୍ ବ୍ୟବହାରରେ କଟକଣା ପାଇଁ ସେଠାକାର ସରକାର ଏକ ନୀତିଗତ ଚିଠାପ୍ରସ୍ତାବ ଆଗତ କରିଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ମୋବାଇଲ୍ ସ୍କ୍ରିନ୍‌ରେ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ବିଷୟବସ୍ତୁ ଦେଖିବାକୁ କେବଳ ୧ ଘଣ୍ଟା ମିଳିବ। ସନ୍ଧ୍ୟା ୭ଟା ପରେ ସେମାନଙ୍କ ମୋବାଇଲ୍ ହ୍ୟାଣ୍ଡସେଟ୍‌ରେ ଇଣ୍ଟରନେଟ୍ ସଂଯୋଗ ଆପେ ଆପେ ବନ୍ଦ ହୋଇଯିବ। ଏହି କଟକଣା କାର୍ଯ୍ୟକାରିତାରେ ସୁବିଧା ପାଇଁ ଆଧାର ଭିତ୍ତିକ ସାଇନ୍‌ଅପ୍ ବା ଆକାଉଣ୍ଟ ଖୋଲିବାକୁ ବାଧ୍ୟତାମୂଳକ କରାଯାଇଛି। ଅନେକ ଦୃଷ୍ଟିକୋଣରୁ ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରାଯାଇପାରେ।

ଏକ ସର୍ବେକ୍ଷଣ ଅନୁଯାୟୀ ଭାରତୀୟ କିଶୋରମାନଙ୍କ ମଧ୍ୟରୁ ୨୫% ଇଣ୍ଟରନେଟ୍ ଆସକ୍ତ ଥିବା ଏବଂ ତାହାର ପ୍ରଭାବରେ ଉନ୍ମାଦନା, ନିଦ୍ରାହୀନତା, ଅନ୍ୟମନସ୍କତା, ଅବସାଦ ସହିତ ଆପରାଧିକ ମାନସିକତା ବୃଦ୍ଧି ପାଉଥିବା ଜଣାପଡ଼ିଛି। ଏହିକାରଣରୁ ପିଲାମାନଙ୍କୁ କିଭଳି ସ୍ମାର୍ଟଫୋନ୍ ଓ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖାଯାଇପାରିବ ସେ ବିଷୟରେ ବୁଦ୍ଧିଜୀବୀ ଓ ସାମାଜିକ ବିଜ୍ଞାନୀମାନେ ମତ ଦେଇ ଆସୁଥିଲେ। ଗତବର୍ଷ ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ବିଶେଷଜ୍ଞ, ଶିକ୍ଷାବିତ୍, ସାମାଜିକ ସଂସ୍ଥା ଆଦି ସହିତ ଆଲୋଚନା ଓ ବିଚାରବିମର୍ଶକ୍ରମେ କମିଟି ଦେଇଥିବା ରିପୋର୍ଟ ଅନୁଯାୟୀ ଯେଉଁ ନୀତିଗତ ଚିଠାପ୍ରସ୍ତାବ ସରକାର ଆଗତ କରିଛନ୍ତି ତାହା ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମାନସିକ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ ଓ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ଅନୁଷ୍ଠାନ(ନିମ୍‌ହାନ୍‌ସ) ଦ୍ୱାରା ମିଳିତ ଭାବେ ବିକଶିତ ହୋଇଛି।

କେବଳ ସରକାର ଚାହିଁଲେ ଏହା ସଫଳ ହେବ ନାହିଁ। ତେଣୁ ଏହି ନୀତିଗତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଅଭିଭାବକ, ଶିକ୍ଷକ, ଛାତ୍ରଛାତ୍ରୀଙ୍କ ସହାୟତା ନେବାକୁ ସରକାର ଚିନ୍ତା କରୁଛନ୍ତି। ଆଉ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ହ୍ୱାଟ୍‌ଆସପ୍ ଗ୍ରୁପ୍ ଯୋଗାଯୋଗ ପରିବର୍ତ୍ତେ ପାରମ୍ପରିକ ଡାଏରୀ ପଦ୍ଧତି ଜରିଆରେ ପିତାମାତାଙ୍କ ସହିତ ସମ୍ପର୍କ ସ୍ଥାପନ ଓ ମତାମତ ଆହ୍ୱାନ ବ୍ୟବସ୍ଥା ଆପଣେଇବାକୁ ରାଜ୍ୟ ସରକାର ସ୍କୁଲ୍‌ଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଉକ୍ତ ଚିଠାପ୍ରସ୍ତାବ ଅନୁଯାୟୀ ପ୍ରତି ସ୍କୁଲ୍‌ରେ ଏକ 'ଡିଜିଟାଲ୍ ୱେଲ୍‌ନେସ୍ କମିଟି' ଗଠନ କରାଯିବ, ଯେଉଁଥିରେ ଅଧ୍ୟକ୍ଷଙ୍କ ସମେତ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀ, ସାଇବର ଅପରାଧ ବିଶେଷଜ୍ଞମାନେ ସଦସ୍ୟ ରହିବେ। ସ୍କୁଲ୍‌ଗୁଡ଼ିକ ଅଫ୍‌ଲାଇନ୍ କାର୍ଯ୍ୟକଳାପ, 'ଇଣ୍ଟରନେଟ୍‌ରହିତ ପିରିୟଡ୍' ଓ 'ଡିଜିଟାଲ୍‌ମୁକ୍ତ ସପ୍ତାହ' ପାଳନ କରିବେ ସେଥିପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଛାତ୍ରଛାତ୍ରୀମାନଙ୍କର ଡିଜିଟାଲ୍ ନିର୍ଭରଶୀଳତା ହ୍ରାସ କରି ସେମାନେ ଯେପରି ଅଧିକରୁ ଅଧିକ ଅଫ୍‌ଲାଇନ୍‌ରେ ପାଠପଢ଼ିପାରିବେ ସେଥିପ୍ରତି ଚିଠା ନିୟମରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହିତ ଅଭିଭାବକଙ୍କୁ ଉତ୍ତରଦାୟିତ୍ୱ ଦିଆଯାଇଛି।

ଅଷ୍ଟ୍ରେଲିଆ ଓ ଏବେ କର୍ଣ୍ଣାଟକ ପରେ ବ୍ରିଟେନ୍, ଡେନ୍‌ମାର୍କ ଓ ଗ୍ରୀସ୍ ଏ ଦିଗରେ କାର୍ଯ୍ୟାରମ୍ଭ କରିଛନ୍ତି। କିଶୋର ମାନସିକ ସ୍ୱାସ୍ଥ୍ୟ ଉପରେ ଇଣ୍ଟରନେଟ୍‌ର କୁପ୍ରଭାବ ବଢୁଥିବା ଅନୁଭବ କରିବା ପରେ ସେମାନଙ୍କୁ ଡିଜିଟାଲ୍ ଆସକ୍ତିରୁ ମୁକ୍ତ କରିବା ବା 'ଡିଡିଜିଟାଇଲେଜସନ୍' ପ୍ରକ୍ରିୟା ବିଶ୍ୱସ୍ତରରେ ଆରମ୍ଭ ହେବା ଶୁଭଙ୍କର। ●

## ଡିଜିଟାଲ୍ ଯୁଗରେ ଅସ୍ପୃଶ୍ୟତା ଓ ଜାତିପ୍ରଥା

ତ୍ରିନାଥ ନନ୍ଦୀ



ଏକବିଂଶ ଶତାବ୍ଦୀ ମାନବ ସଭ୍ୟତାର ଏକ ଅଦ୍ଭୁତ ପର୍ଯ୍ୟାୟ, ଯେଉଁଠାରେ ବିଜ୍ଞାନ, ପ୍ରଯୁକ୍ତି, ଶିକ୍ଷା ଓ ମାନବ ଅଧିକାରର ଚେତନା ଅଭୂତପୂର୍ବ ବିକାଶଲାଭ କରିଛି। ମଣିଷ ଆଜି ଚନ୍ଦ୍ର ଓ ମଙ୍ଗଳ ଗ୍ରହରେ ପହଞ୍ଚିବାର ସ୍ୱପ୍ନକୁ ସାକାର କରୁଛି, କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ବିପ୍ଳବ ଜଗତକୁ ଏକ ଗ୍ରାମରେ ପରିଣତ କରିଛି। ତଥାପି ସମାଜର ଅନ୍ତର ମନରେ ଅନେକ ପୁରାତନ କୁପ୍ରଥା ଏପର୍ଯ୍ୟନ୍ତ ବସା ବାନ୍ଧି ରହିଛି। ସେଥିମଧ୍ୟରେ ଜାତିପ୍ରଥା ଓ ଅସ୍ପୃଶ୍ୟତା ଏକ ଗଭୀର ସାମାଜିକ ବିକୃତି ଭାବରେ ଆଜି ମଧ୍ୟ ଚିନ୍ତାର କାରଣ ହୋଇ ରହିଛି। ଏହା ମାନବ ସମାଜର ସାମ୍ୟ, ସମାନତା ଓ ଭାଇଚାରାର ମୂଳ ଆଦର୍ଶ ଉପରେ ପ୍ରଶ୍ନବାଚକ ଚିହ୍ନ ଲଗାଇଥାଏ। ଭାରତୀୟ ସମାଜର ଐତିହାସିକ ଗଠନରେ ଜାତିପ୍ରଥା ଏକ ପ୍ରମୁଖ ଅଂଶ ଥିଲେ ମଧ୍ୟ ଏହା କାଳକ୍ରମେ ଏମିତି ଏକ ରୂପ ନେଇଛି, ଯାହା ମାନବିକତାର ମୂଲ୍ୟବୋଧକୁ ଗୁରୁତର ଭାବେ ଆଘାତ କରିଛି। ଏହି ପ୍ରଥା ମାନବକୁ ଜନ୍ମ ଆଧାରରେ ଉଚ୍ଚ ଓ ନିମ୍ନ ଶ୍ରେଣୀରେ ବିଭକ୍ତ କରି ଏକ ସାମାଜିକ ବିଚ୍ଛିନ୍ନତା ଓ ଅସମତାର ପରିବେଶ ସୃଷ୍ଟି କରିଛି।

ଜାତିପ୍ରଥାର ମୂଳ ଅର୍ଥ ହେଉଛି ଏମିତି ଏକ ସାମାଜିକ ବ୍ୟବସ୍ଥା, ଯେଉଁଥିରେ ମାନବକୁ ତା'ର ଜନ୍ମ, ବୃତ୍ତି ଓ ପାରିବାରିକ ପରମ୍ପରା ଆଧାରରେ ଭିନ୍ନ ଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଏ। ପ୍ରାଚୀନ ଭାରତରେ ଏହା ମୂଳତଃ ବର୍ଣ୍ଣ ବ୍ୟବସ୍ଥା ରୂପେ ଆରମ୍ଭ ହୋଇଥିଲା, ଯେଉଁଥିରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ନାମକ ଚାରିଟି ପ୍ରମୁଖ ବର୍ଣ୍ଣ ଥିଲା। ପ୍ରାରମ୍ଭିକ ଅବସ୍ଥାରେ ଏହି ବର୍ଣ୍ଣ ବ୍ୟବସ୍ଥା କାର୍ଯ୍ୟ ଓ କ୍ଷମତା ଆଧାରିତ ଥିଲେ ମଧ୍ୟ କାଳକ୍ରମେ ଏହା ଜନ୍ମାଧାରିତ ଓ ଅନୁଚିତ ଭେଦଭାବର ରୂପ ନେଲା। ଏହାଫଳରେ ସମାଜର କିଛି ଶ୍ରେଣୀ ଉଚ୍ଚ ଓ କିଛି ନିମ୍ନ ଭାବେ ଚିହ୍ନଟ ହେଲେ, ଯାହା ସାମାଜିକ ଅସମତାର ମୂଳ କାରଣ ହେଲା। ଅସ୍ପୃଶ୍ୟତା, ଜାତିପ୍ରଥାର ଏକ ଅତ୍ୟନ୍ତ କୁରୂପ, ଯେଉଁଥିରେ କିଛି ଲୋକଙ୍କୁ ସମାଜର ଅନ୍ୟ ଶ୍ରେଣୀ ଦ୍ୱାରା ଛୁଇଁବାକୁ ମଧ୍ୟ ଅପବିତ୍ର ମନେ କରାଯାଏ। ଏହି ପ୍ରଥାରେ ଦଳିତ ଓ ନିମ୍ନବର୍ଗୀୟ ଲୋକମାନେ ମନ୍ଦିର ପ୍ରବେଶ, ସାଧାରଣ କୂଅ ବା ଜଳସ୍ରୋତ ବ୍ୟବହାର, ଶିକ୍ଷା ଓ ସାମାଜିକ ସୁବିଧାରୁ ବଞ୍ଚିତ ହୋଇଥିଲେ। ଏହା ମାନବ ମର୍ଯ୍ୟାଦା ଓ ସମାନତାର ମୂଳ ମୂଲ୍ୟବୋଧକୁ ଭଙ୍ଗ କରିଥାଏ। ଏକବିଂଶ ଶତାବ୍ଦୀରେ ମଧ୍ୟ ଏହି ସମସ୍ୟା ସମ୍ପୂର୍ଣ୍ଣ ଭାବେ ଦୂର ହୋଇପାରିନାହିଁ, ବରଂ ନୂତନ ରୂପ ନେଇ ସମାଜରେ ପ୍ରକାଶ ପାଉଛି। ଗ୍ରାମୀଣ ଅଞ୍ଚଳରେ ଏହା ଅଧିକ ସ୍ପଷ୍ଟ ଭାବେ ଦେଖାଯାଏ, ଯେଉଁଠାରେ ଜାତିଆଧାରିତ ଭେଦଭାବ, ବିବାହରେ ନିଷେଧ ଓ ସାମାଜିକ ବିଚ୍ଛିନ୍ନତା ଏପର୍ଯ୍ୟନ୍ତ ରହିଛି।

ସହର ଅଞ୍ଚଳରେ ଏହା ସେତେଟା ସ୍ପଷ୍ଟ ନ ଥିଲେ ମଧ୍ୟ ଚାକିରି, ରାଜନୀତି ଓ ସାମାଜିକ ସମ୍ପର୍କରେ ଗୁପ୍ତ ଭାବେ ଏହାର ପ୍ରଭାବ ଦେଖାଯାଏ। ଏକବିଂଶ ଶତାବ୍ଦୀର ଡିଜିଟାଲ ଯୁଗରେ ମଧ୍ୟ ସାମାଜିକ ଗଣମାଧ୍ୟମ ଓ ରାଜନୈତିକ ମଞ୍ଚରେ କେବେ କେବେ ଜାତିଆଧାରିତ ଚର୍ଚ୍ଚା ଓ ଦ୍ୱନ୍ଦ୍ୱ ଦେଖିବାକୁ ମିଳେ, ଯାହା ସମାଜର ସାମ୍ୟବାଦୀ ମୂଲ୍ୟବୋଧକୁ କ୍ଷତିଗ୍ରସ୍ତ କରେ। ଏହାର ପ୍ରମୁଖ କାରଣମାନଙ୍କ ମଧ୍ୟରେ ଅଶିକ୍ଷା, ପୁରାତନ ମନୋଭାବ, ଆର୍ଥିକ ଅସମତା ଓ ସାମାଜିକ ଅସଚେତନତା ମୁଖ୍ୟ। ଅନେକ ଲୋକ ପାରମ୍ପରିକ ଧାରଣାକୁ ଅନୁସରଣ କରି ଏହି ପ୍ରଥାକୁ ଆଜି ମଧ୍ୟ ଚାଲୁ ରଖିଛନ୍ତି। ଏହି ପରିସ୍ଥିତିରେ ଜାତିପ୍ରଥା ଓ ଅସ୍ପୃଶ୍ୟତା ନିବାରଣ ପାଇଁ ବିଭିନ୍ନ ସମୟରେ ସାମାଜିକ ସୁଧାର ଆନ୍ଦୋଳନ ଓ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତର ସଂବିଧାନ ମାନବ ସମାନତାକୁ ସର୍ବୋଚ୍ଚ ମୂଲ୍ୟବୋଧ ଭାବେ ସ୍ଥାନ ଦେଇଛି ଓ ଅସ୍ପୃଶ୍ୟତାକୁ ଅବୈଧ ଘୋଷଣା କରିଛି। ସଂବିଧାନର ଧାରା ୧୭ ଅନୁଯାୟୀ ଅସ୍ପୃଶ୍ୟତାର ସମ୍ପୂର୍ଣ୍ଣ ନିରାକରଣ କରାଯାଇଛି ଏବଂ ଆଇନତଃ ଦଣ୍ଡନୀୟ ଅପରାଧ ବୋଲି କୁହାଯାଇଛି। ଏହାସହିତ ଦଳିତ ଓ ପଛୁଆ ବର୍ଗର ଉନ୍ନତି ପାଇଁ ଆରକ୍ଷଣ ନୀତି, ଶିକ୍ଷା ଓ ଚାକିରିରେ ବିଶେଷ ସୁବିଧା ଦିଆଯାଇଛି। ସମାଜ ସୁଧାରକମାନେ ଏହି କୁପ୍ରଥା ନିବାରଣ ପାଇଁ ବିଶେଷ ଭୂମିକା ନିର୍ବାହ କରିଛନ୍ତି।

ମହାତ୍ମା ଗାନ୍ଧୀ ଦଳିତମାନଙ୍କୁ 'ହରିଜନ' ଭାବେ ସମ୍ବୋଧନ କରି ସେମାନଙ୍କ ସମ୍ମାନ ଓ ଅଧିକାର ପାଇଁ ଆନ୍ଦୋଳନ କରିଥିଲେ। ସେ ଅସ୍ପୃଶ୍ୟତାକୁ ସମାଜର ଏକ ମହାପାପ ଭାବେ ବିବେଚନା କରିଥିଲେ। ଡ. ଭୀମରାଓ ଆମ୍ବେଦକର ଦଳିତ ସମାଜର ଅଧିକାର ଓ ସମାନତା ପାଇଁ ଦୃଢ଼ ଆନ୍ଦୋଳନ କରିଥିଲେ ଏବଂ ସଂବିଧାନ ରଚନା ମାଧ୍ୟମରେ ସେମାନଙ୍କୁ ଆଇନଗତ ସୁରକ୍ଷା ଦେଇଥିଲେ। ସ୍ୱାମୀ ବିବେକାନନ୍ଦ ଓ ଅନ୍ୟାନ୍ୟ ସାମାଜିକ ସୁଧାରକମାନେ ମାନବ ସମାନତା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିଥିଲେ। ଏହି ସମସ୍ତ ପ୍ରୟାସ ସତ୍ତ୍ୱେ ସମାଜର କେତେକ ସ୍ଥାନରେ ଏହି ସମସ୍ୟା ଏପର୍ଯ୍ୟନ୍ତ ତିଷ୍ଠି ରହିଛି। ଏହା ପ୍ରମାଣ କରେ ଯେ କେବଳ ଆଇନ ଓ ନୀତି ପର୍ଯ୍ୟାପ୍ତ ନୁହେଁ; ମନୋଭାବର ପରିବର୍ତ୍ତନ ମଧ୍ୟ ଅତ୍ୟନ୍ତ ଆବଶ୍ୟକ।

ଜାତିପ୍ରଥା ଓ ଅସ୍ପୃଶ୍ୟତା ନିବାରଣ ପାଇଁ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଶିକ୍ଷା ମାନବକୁ ସଚେତନ କରି ସମାନତା ଓ ମାନବତାର ମୂଲ୍ୟବୋଧ ସମ୍ପର୍କରେ ଅବଗତ କରେ। ଯଦି ସମାଜର ପ୍ରତ୍ୟେକ ଲୋକ ଶିକ୍ଷିତ ଓ ସଚେତନ ହୁଅନ୍ତି, ତେବେ ସେମାନେ ଏପ୍ରକାର ଭେଦଭାବକୁ ସ୍ୱୀକାର କରିବେ ନାହିଁ। ତଦୁପରି ସାମାଜିକ ସଚେତନତା କାର୍ଯ୍ୟକ୍ରମ, ସାହିତ୍ୟ, ସାମ୍ବାଦିକତା ଓ ଡିଜିଟାଲ ମାଧ୍ୟମ ଏହି ବିଷୟରେ ସଚେତନତା ବୃଦ୍ଧି କରିପାରେ। ସାହିତ୍ୟିକ ଓ ସୃଜନଶୀଳ ରଚନା ମାନବତାର ବାର୍ତ୍ତା ପ୍ରସାର କରି ସମାଜର ମନୋଭାବକୁ ପରିବର୍ତ୍ତନ କରିପାରେ। ଆଧୁନିକ ଯୁଗରେ ଯୁବବର୍ଗ ଏହି ପରିବର୍ତ୍ତନର ମୂଳ ଶକ୍ତି ହୋଇପାରିବେ। ସେମାନେ ସମାନତା, ମାନବତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅନୁସରଣ କରି ସମାଜରେ ନୂତନ ଚେତନା ସୃଷ୍ଟି କରିପାରନ୍ତି। ଅନ୍ୟଜାତିରେ ବିବାହ, ସାମାଜିକ ମିଶ୍ରଣ ଓ ସାମୂହିକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଏହି ଭେଦଭାବକୁ ହ୍ରାସ କରିବାରେ ସହାୟକ ହୋଇପାରେ।

ଗ୍ରାମୀଣ ଅଞ୍ଚଳରେ ବିଶେଷ ସଚେତନତା କାର୍ଯ୍ୟକ୍ରମ ଓ ସମାଜସେବୀ ସଂଗଠନମାନଙ୍କର ଭୂମିକା ଏଥିରେ ଗୁରୁତ୍ୱପୂର୍ଣ୍ଣ। ଶାସନ, ଶିକ୍ଷାସଂସ୍ଥା, ସମାଜସେବୀ ସଂଗଠନ ଓ ସାଧାରଣ ନାଗରିକମାନେ ଏକତ୍ର ହୋଇ ଯଦି ସମାନତାର ପକ୍ଷରେ କାମ କରନ୍ତି, ତେବେ ଏହି ସମସ୍ୟାକୁ ଦୂର କରିବା ସମ୍ଭବ। ଏହା ସହିତ ଆର୍ଥିକ ସମତା ଓ ସାମାଜିକ ନ୍ୟାୟ ସ୍ଥାପନ ମଧ୍ୟ ଅତ୍ୟନ୍ତ ଆବଶ୍ୟକ। ଯେପର୍ଯ୍ୟନ୍ତ ସମାଜର କିଛିଶ୍ରେଣୀ ଆର୍ଥିକ ଓ ଶିକ୍ଷାରେ ପଛୁଆ ରହିବେ, ସେପର୍ଯ୍ୟନ୍ତ ଜାତିଆଧାରିତ ଭେଦଭାବର ସମ୍ଭାବନା ରହିବ। ତେଣୁ ଦଳିତ ଓ ପଛୁଆ ବର୍ଗର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ବିଶେଷ ପଦକ୍ଷେପ ଆବଶ୍ୟକ। ଯେତେବେଳେ ପ୍ରତ୍ୟେକ ମଣିଷ ମଣିଷକୁ କେବଳ ମଣିଷ ଭାବେ ଦେଖିବାର ମନୋଭାବ ଗଢ଼ିଉଠିବ, ସେତେବେଳେ ଯାଇ ଏହି କୁପ୍ରଥାର ସମ୍ପୂର୍ଣ୍ଣ ନିବାରଣ ସମ୍ଭବ ହେବ ଏବଂ ସମାଜ ସତ୍ୟ ଅର୍ଥରେ ସମାନତା, ନ୍ୟାୟ ଓ ଭାଇଚାରାର ଆଦର୍ଶକୁ ସାକାର କରିପାରିବ। ●

ଜଳେଶ୍ୱର(ବାଲେଶ୍ୱର), ମୋ: ୮୧୧୮୦୪୦୩୯୦

## ଡାକବାଜି ଯନ୍ତ୍ରର ଯନ୍ତ୍ରଣା!

ମହେଶ୍ୱର ପାତ୍ର



ପ୍ରଦୂଷଣ ବିଭିନ୍ନ ରୂପର ହେଇପାରନ୍ତି। ସାଧାରଣତଃ ପରିବେଶ ଓ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଥିବା ଉପାଦାନକୁ ଆମେ ପ୍ରଦୂଷଣ ବର୍ଗରେ ରଖିଥାଉ। ଦୈନନ୍ଦିନ ଜୀବନରେ ଆମେ ବିଭିନ୍ନ ରକମର ପ୍ରଦୂଷଣ ସମ୍ପର୍କରେ ଆଲୋଚନା କରୁ। ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ରୂପେ ଏହାର ସଂସ୍ପର୍ଶରେ ଆସୁ। ମାତ୍ର ଯେପର୍ଯ୍ୟନ୍ତ ଏହା ଆମର ବ୍ୟକ୍ତିଗତ ବା ପାରିବାରିକ ଜୀବନକୁ ପ୍ରଭାବିତ କରିନାହିଁ, ସେ ପର୍ଯ୍ୟନ୍ତ ଆମେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରସଙ୍ଗକୁ ହେୟଜ୍ଞାନ କରୁ, ଯାହା ଭବିଷ୍ୟତରେ ଆମ ପାଇଁ ଘାତକ ସାବ୍ୟସ୍ତ ହୁଏ। ଶବ୍ଦ ପ୍ରଦୂଷଣ ଏହାର ଏକ ଉଦାହରଣ। ଏହି ବିଷୟରେ ସାଧାରଣରେ ଏତେ ଚର୍ଚ୍ଚା ହୁଏ ନାହିଁ। କିନ୍ତୁ ଏହା ଏକ ନିରବ ଘାତକ ପରି ଆମର ସର୍ବନାଶ କରି ଚାଲିଥାଏ। ଯେପର୍ଯ୍ୟନ୍ତ ଆମେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନାହିଁ, ସେପର୍ଯ୍ୟନ୍ତ ଏହା ଆମର ବ୍ୟକ୍ତିଗତ ରୂପେ କ୍ଷତି ସାଧନ କରିଚାଲିଥିବ।

ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ-୨୦୦୦, ପରିବେଶ ସୁରକ୍ଷା ଆଇନ -୧୯୮୬ ଅଧୀନରେ ଏବଂ ଜାତୀୟ ପ୍ରଦୂଷଣ ବୋର୍ଡର ନିର୍ଦ୍ଦେଶାବଳୀ ଅନୁଯାୟୀ ଶବ୍ଦ ପ୍ରଦୂଷଣର ବିଭିନ୍ନ ସ୍ତର ଓ ସମୟ କଟକଣା ନିର୍ଦ୍ଧାରଣ କରାଯାଇଛି। ଯେପରିକି, ଘରୋଇ ଅଞ୍ଚଳ ପାଇଁ ସର୍ବାଧିକ ୫୫ ଡେସିବଲ (ଦିନ) ଓ ୪୫ଡେସିବଲ (ରାତି), ବାଣିଜ୍ୟିକ ଅଞ୍ଚଳ ପାଇଁ ୬୫ଡେସିବଲ(ଦିନ) ଓ ୫୫ ଡେସିବଲ(ରାତି) ଏବଂ ନିରବତା ଅଞ୍ଚଳ ଯଥା - ସ୍କୁଲ, କଲେଜ, ହସ୍ପିଟାଲ, କୋର୍ଟ ଆଦି ପାଇଁ ଏହା ଯଥାକ୍ରମେ ୫୦ ଡେସିବଲ(ଦିନ) ଓ ୪୦ଡେସିବଲ(ରାତି)। ଏଥିସହିତ ୮୦ ଡେସିବଲରୁ ଅଧିକ ଶବ୍ଦ ଶୁଣିବା ମନୁଷ୍ୟ ପାଇଁ ବିପଜ୍ଜନକ ବୋଲି ଉଲ୍ଲେଖ ରହିଛି। କେବଳ ସେତିକି ନୁହେଁ, ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଯେକୌଣସି ପ୍ରକାର ଉଚ୍ଚଶବ୍ଦ ସୃଷ୍ଟିକାରୀ ଡାକବାଜି ଯନ୍ତ୍ର ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ନିୟମ ଅବଜ୍ଞା କଲେ ଆଇନ ଅନୁଯାୟୀ ଦଣ୍ଡର ପ୍ରାବଧାନ ମଧ୍ୟ ରହିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଅନେକ ସ୍ଥାନରେ ଏହି ଆଇନର ଉଲ୍ଲଙ୍ଘନ ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ଏହି ନିୟମ କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ବିଶେଷକରି ଗାଁ ଗହଳିରେ ଏହି ନିୟମର ଉଲ୍ଲଙ୍ଘନ ଅତି ସାଧାରଣ ପାଲଟି ଯାଇଛି।

ଏବେ ପରୀକ୍ଷା ଋତୁ ଆରମ୍ଭ ହୋଇସାରିଛି। ସାରା ରାଜ୍ୟରେ ଛାତ୍ରଛାତ୍ରୀମାନେ ପରୀକ୍ଷାମନସ୍କ। ମାଟ୍ରିକ ପରୀକ୍ଷାଠାରୁ ଆରମ୍ଭ କରି +୨, +୩ ଆଦି ପରୀକ୍ଷାମାନ ଚାଲୁ ରହିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାଗୁଡ଼ିକ ଦେବା ପାଇଁ ସେମାନେ ବିଗତ ବର୍ଷଗୁଡ଼ିକରେ କଠିନ ପରିଶ୍ରମ କରିଛନ୍ତି। ବର୍ତ୍ତମାନ ସେହି ପରିଶ୍ରମର ଫଳ ପାଇବାର ସମୟ। ଏହାରି ମଧ୍ୟରେ ରାଜ୍ୟର ବିଭିନ୍ନପ୍ରାନ୍ତରେ ଲକ୍ଷ୍ୟ କରା ଯାଉଛି ଧାର୍ମିକ ମହୋତ୍ସବ, ଅଷ୍ଟପ୍ରହରୀ, ମେଳା, ଅପେରା, ବିବାହ ଶୋଭାଯାତ୍ରା ଆଦି ନାମରେ ଡିଜେ ଓ ଡାକବାଜି ଯନ୍ତ୍ରର ଅନିୟନ୍ତ୍ରିତ ଶବ୍ଦ ସେମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଛି। ଗୋଟେ ଗୋଟେ (ମୁଖ୍ୟତଃ ଧାର୍ମିକ ମହୋତ୍ସବ) ସ୍ଥାନରେ ରାତି ସାରା ଉଚ୍ଚ ଡାକବାଜି ଯନ୍ତ୍ରର ବ୍ୟବହାର ହେଉଛି। ଅନେକ ସ୍ଥାନରେ ବିଳମ୍ବିତ ରାତିରେ ବାହାଘର ଶୋଭାଯାତ୍ରା କାନଫଟା ଶବ୍ଦ ସୃଷ୍ଟି କରି ଗାଁ ଗାଁରେ ବୁଲୁଛି। ଆଉ କେଉଁଠି ଅପେରା ପାର୍ଟିର ସଂଳାପ କାନପାଖରେ ଗୁଞ୍ଜରିତ ହୋଇ ରାତିଯାକ ଅସ୍ତବ୍ୟସ୍ତ କରି ଦେଉଛି, ଯାହା କେବଳ ପରୀକ୍ଷାର୍ଥୀମାନଙ୍କର କ୍ଷତି ସାଧନ କରୁ ନାହିଁ, ବରଂ ଶିଶୁ, ବୟସ୍କ ବ୍ୟକ୍ତି ଓ ରୋଗୀମାନଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଛି।

କିଛିଦିନ ତଳେ ଓଡ଼ିଆ ଯାତ୍ରା ଜଗତର ଜଣେ ଆଗଧାଡ଼ିର ଅଭିନେତାଙ୍କର ଏହି କାରଣ (ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଡିଜେ)ରୁ ମୃତ୍ୟୁ ହେଇଥିବାର ଅଭିଯୋଗ ଆଣି ତାଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ୨୦୧୭ ମସିହାରେ ବଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ ସୋନୁ ନିଗମ ଲାଉଡ ସ୍ପିକର୍ ଜରିଆରେ ଅଜାନ (ପ୍ରାର୍ଥନା) ଗାଇବା ଦ୍ୱାରା ଏହା ତାଙ୍କ ଶୋଇବାରେ ବ୍ୟାଘାତ ସୃଷ୍ଟି କରୁଥିବାର ଏକ ଟୁଇଟ କରିଥିଲେ। ଯାହା ସେତେବେଳେ ଏକ ବିତର୍କର ବିଷୟ ହୋଇଥିଲା। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଉଚ୍ଚଶବ୍ଦ ସୃଷ୍ଟିକାରୀ ଡାକବାଜି ଯନ୍ତ୍ରର ବ୍ୟବହାର ନିମନ୍ତେ କୌଣସି ଧର୍ମର ମୌଳିକ ଅଧିକାର ନାହିଁ। ଯଦି ଏହାର ବ୍ୟବହାର ଜନସାଧାରଣଙ୍କ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରୁଛି ତେବେ ଏହା ବର୍ଜନୀୟ। ଏମିତି ବି ଦେଖିବାକୁ ଗଲେ ଠାକୁର ଆରାଧନା କିମ୍ବା ପ୍ରାର୍ଥନା ନିମନ୍ତେ କୌଣସି ଡାକବାଜି ଯନ୍ତ୍ରର ଆବଶ୍ୟକତା ଜରୁରୀ ନୁହେଁ। ଯେବେ ଡାକବାଜି ଯନ୍ତ୍ରର ଉଦ୍ଭାବନ ହୋଇ ନଥିଲା ସେତେବେଳେ ବି ଲୋକ ଧାର୍ମିକ ମହୋତ୍ସବ, ପୂଜାପାଠ, ପ୍ରାର୍ଥନା ଆଦି କରୁଥିଲେ। ମେଳା ମହୋତ୍ସବ ହେଉ କିମ୍ବା ବିବାହ ବ୍ରତଘର, ଅଷ୍ଟପ୍ରହରୀ ହେଉ କିମ୍ବା ଯେକୌଣସି ଜାନିଯାତ୍ରା! କାଳକ୍ରମେ ସେସବୁରେ ଡାକବାଜି ଯନ୍ତ୍ରର ବ୍ୟବହାର ଅଧୁନିକ ସମାଜରେ ଜରୁରୀ ହୋଇପଡ଼ିଛି। କିନ୍ତୁ ଏହାର ବ୍ୟବହାର ସମୟରେ ଆମେ ଯତ୍ନବାନ ହେବା ଉଚିତ। ଏହା କିଭଳି ଶ୍ରୁତିକଟୁ ନହୋଇ ଶ୍ରୁତିମଧୁର ହେବ, ସେ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ। ●

(ଅଧ୍ୟାପକ, କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ)
ମୋ: ୭୦୦୮୦୬୫୮୭୫

## ଗେଣ୍ଡାପୂଜା ପରମ୍ପରା

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଭାରତରେ ଗେଣ୍ଡା ବା ଶଙ୍ଖ ପୂଜାର ପରମ୍ପରା ବହୁ ପ୍ରାଚୀନ। କେତେକ ସ୍ଥାନରେ ଗେଣ୍ଡାକୁ ପ୍ରତ୍ୟକ୍ଷ ଭାବେ ପୂଜା କରାଯାଉଥିବା ବେଳେ ଗେଣ୍ଡାର ପରିବର୍ତ୍ତିତ ରୂପ ଶଙ୍ଖକୁ ଅଧ୍ୟାତ୍ମର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ଏହିଦୃଷ୍ଟିରୁ ଦେଖିବାକୁ ଗଲେ ଗଛପତ୍ରର ଶତ୍ରୁ ଏବଂ ଇତରପ୍ରାଣୀ ଭାବେ ନିନ୍ଦିତ ଗେଣ୍ଡା ମଧ୍ୟ ପୂଜନୀୟ।

ବିହାରସ୍ଥିତ ମିଥିଳାର କେତେକ ଅଞ୍ଚଳ ଏବଂ ମଧୁବନୀ ଜିଲ୍ଲାରେ ଶ୍ରାବଣ ମାସରେ 'ମଧୁଶ୍ରାବଣୀ ପଞ୍ଚମୀ' ନାମକ ଏକ ପର୍ବ ଅନୁଷ୍ଠିତ ହୋଇଥାଏ। ୧୫ଦିନ ଧରି ଚାଲୁଥିବା ଏହି ପର୍ବରେ ନାଗକୁଳଙ୍କୁ ପୂଜାର୍ଚ୍ଚନା କରାଯାଏ। କିନ୍ତୁ ଲୋକବିଶ୍ୱାସ ଅନୁସାରେ ଗେଣ୍ଡାକୁ ନାଗକୁଳର ଏକ ସ୍ୱରୂପ ବୋଲି ବିବେଚନା କରି 'ଗେଣ୍ଡାପୂଜା' କରାଯାଏ। ଏହି ପୂଜା ମୁଖ୍ୟତଃ ସ୍ୱାମୀମାନଙ୍କର ଦୀର୍ଘାୟୁକାମନା ସହ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କ ବୃଦ୍ଧି, ସର୍ପଦୋଷରୁ ମୁକ୍ତି ଓ ମାଟିର ଶୁଦ୍ଧିକରଣ ଉଦ୍ଦେଶ୍ୟରେ କରାଯାଏ। ନବବିବାହିତାଙ୍କ ପାଇଁ ଏହି ପୂଜାର ବିଶେଷ ମହତ୍ତ୍ୱ ରହିଛି। ମନ୍ଦିର ପରିସରରେ କିମ୍ବା କୌଣସି ଏକ ନିର୍ଦ୍ଦିଷ୍ଟ ପୂଜାସ୍ଥଳରେ ମାଟି କିମ୍ବା ରୁପାରେ ନାଗନାଗୁଣୀଙ୍କ ପ୍ରତିମା ନିର୍ମାଣ ହୋଇଥାଏ। ୧୫ଦିନ ପର୍ଯ୍ୟନ୍ତ ମହିଳାମାନେ ଷୋହଳଶୃଙ୍ଗାର ହୋଇ ୭ ପ୍ରକାରର ପତ୍ର ଏବଂ ବାସିଫୁଲରେ ନାଗନାଗୁଣୀ ପୂଜା କରିବା ସହିତ କ୍ଷୀର ଅର୍ପଣ କରନ୍ତି। ଏହାବ୍ୟତୀତ ମିଥିଳାର କୁଳଦେବୀଙ୍କୁ ଗେଣ୍ଡାର ଉପର ଖୋଳପା (କବଚ) ଅର୍ପଣ କରିବାର ପ୍ରଥା ରହିଛି। ଏହି ପ୍ରଥା କାହିଁକି ଓ କିପରି ସୃଷ୍ଟି ହେଲା, ତାହାର କୌଣସି କାହାଣୀ ନାହିଁ।

ଗେଣ୍ଡାକୁ ସ୍ଥାନୀୟ ଲୋକମାନେ ପବିତ୍ର ମାନ୍ୟତା ଦେଇଥା'ନ୍ତି। ଗେଣ୍ଡାମାନେ ଗଛପତ୍ର ଖାଇ ମାଟିରେ ରହୁଥିବାରୁ ସେମାନଙ୍କ ଜୀବନ ସମ୍ପୂର୍ଣ୍ଣ ଶୁଦ୍ଧପୂତ। ତେଣୁ ଗେଣ୍ଡାମାନଙ୍କୁ ଦେବୀଙ୍କୁ ଅର୍ପଣ କରିବା କିମ୍ବା ପୂଜାଯୋଗ୍ୟ ବୋଲି ବିବେଚନା କରାଯାଏ। ସ୍ଥାନୀୟ ପରମ୍ପରା ଅନୁସାରେ ମହିଳାମାନେ ଗେଣ୍ଡାର ଉପର ଖୋଳପାକୁ ଗୋବର ସହିତ ମିଶାଇ ଦେବୀଙ୍କୁ ଅର୍ପଣ କରନ୍ତି। ବିଧିବଦ୍ଧ ପୂଜାର୍ଚ୍ଚନା ପରେ ଉକ୍ତ ଖୋଳପାକୁ ସମସ୍ତେ ନିଜ ଘର କାନ୍ଥରେ ଲଗାଇ ରଖନ୍ତି। ଏଭଳି କରିବା ଦ୍ୱାରା ଦେବୀଙ୍କର କୃପାପ୍ରାପ୍ତ ହୋଇଥାଏ ଏବଂ ଗେଣ୍ଡାମାନେ ସୌଭାଗ୍ୟ, ପ୍ରଜନନ କ୍ଷମତା ଓ ଧନର ପ୍ରତୀକ ବୋଲି ବିଶ୍ୱାସ ରହିଛି। ପ୍ରତିବର୍ଷ ଶ୍ରାବଣ ମାସରେ ଏହି ପରମ୍ପରା ପାଳନ କରାଯାଏ। ଲୋକମାନେ ପୂର୍ବରୁ ଲାଗିଥିବା ଗେଣ୍ଡାଖୋଳପାକୁ ପାଣିରେ ବିସର୍ଜନ କରି କୁଳଦେବୀଙ୍କୁ ସମର୍ପଣ କରାଯାଇଥିବା ନୂତନ ଖୋଳପାକୁ କାନ୍ଥରେ ଲଗାନ୍ତି। ଏହି ପୂଜା ସ୍ଥାନୀୟ କୃଷିଭିତ୍ତିକ ପରମ୍ପରା ଏବଂ ମାଟି ମା' ସହିତ ସ୍ନେହସମ୍ପର୍କକୁ ଦର୍ଶାଇଥାଏ। ଗେଣ୍ଡାଙ୍କୁ ଦେଖିବା ଶୁଭଙ୍କର ଭାବେ ଅନ୍ୟକେତେକ ଅଞ୍ଚଳରେ ମାନ୍ୟତା ରହିଛି।

ଓଡ଼ିଶାରେ ମଧ୍ୟ ଗେଣ୍ଡାଙ୍କୁ ସମର୍ପିତ ଏକ କୃଷିଭିତ୍ତିକ ପର୍ବ ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟ ଏକ ମୁଖ୍ୟପର୍ବ 'ଚିତାଲାଗି ଅମାବାସ୍ୟା'କୁ କେତେକ ଅଞ୍ଚଳରେ 'ଗେଣ୍ଡାକଟା ଅମାବାସ୍ୟା' ଭାବେ ପାଳନ କରାଯାଏ। ଏହିଦିନ ପ୍ରତି ଓଡ଼ିଆ ଘରେ ଚିତଉ ପିଠା ପ୍ରସ୍ତୁତ ହୋଇଥାଏ। ଚାଷୀ ପରିବାର ଝିଅମାନେ ବିଲକୁ ଯାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ଚିତଉ ପିଠା ଅର୍ପଣ କରି ଧୂପଦୀପ ସହ ବନ୍ଦାପନା କରନ୍ତି। ପ୍ରାର୍ଥନା କରାଯାଏ ଯେ, ଯେତେବେଳେ ତାଙ୍କ ବାପା/ଭାଇ ଚାଷକାମ ପାଇଁ ବିଲକୁ ଆସିବେ, ସେତେବେଳେ ତାଙ୍କ ଗୋଡ଼କୁ ଗେଣ୍ଡାମାନେ କାମୁଡ଼ିବେ ନାହିଁ। ଏହାକୁ 'ଗେଣ୍ଡେଇସୁଣୀ ପୂଜା' ମଧ୍ୟ କୁହାଯାଏ। ଏହି ପୂଜା ପାଇଁ ଏକ ସ୍ୱତନ୍ତ୍ର ଲୋକଗୀତ ମଧ୍ୟ ଅଛି। ଶ୍ରାବଣମାସରେ ବିଲ କଦମାକ୍ତ ହୋଇଥିବାରୁ ଅଧିକ ଗେଣ୍ଡା ଦେଖାଯା'ନ୍ତି। ସେହି ସମୟରେ ଚାଷୀଭାଇମାନେ ଚାଷକାମ ପାଇଁ ବିଲରେ ଅଧିକ ସମୟ ରହୁଥିବାରୁ ଗେଣ୍ଡାମାନେ ସେମାନଙ୍କୁ କାମୁଡ଼ିବାର ଆଶଙ୍କା ଅଧିକ ଥାଏ। ବିଶ୍ୱାସ ରହିଛି ଯେ, ଏଭଳି ପୂଜା ଓ ପ୍ରାର୍ଥନା କରିବା ଦ୍ୱାରା ଗେଣ୍ଡାମାନେ କାହାକୁ କାମୁଡ଼ି ନଥା'ନ୍ତି।

ୟୁନାନୀ ପୌରାଣିକ କଥାଗୁଡ଼ିକରେ ଦେବତା ନେରିଟ୍ସ ଶଙ୍ଖରେ ରୂପାନ୍ତରିତ ହୋଇଥିବାର ଅନେକ କାହାଣୀ ରହିଛି, ଯିଏକି ପ୍ରତ୍ୟକ୍ଷ ଦେବତ୍ୱର ଉଦାହରଣ। ଭାରତ ପରି ପୋଲିନେସିୟନ୍ ପରମ୍ପରାରେ ମଧ୍ୟ ଶଙ୍ଖରେ ଦେବତାଙ୍କୁ ଜଳ ଅର୍ପଣ କରିବାର ବିଧି ଅଛି। କେତେକ କ୍ଷେତ୍ରରେ ମାଛ, ମାଂସ ପରି ଗେଣ୍ଡାକୁ ମଧ୍ୟ ଆମିଷ ଭୋଜନ ଭାବେ ଗ୍ରହଣ କରାଯାଉଛି। କିନ୍ତୁ ଭାରତୀୟ ସଂସ୍କୃତିରେ ଜୀବସତ୍ତାର ଗୁରୁତ୍ୱ ଓ ମହତ୍ତ୍ୱକୁ ପ୍ରାଧାନ୍ୟ ଦିଆଯାଇ ଗେଣ୍ଡାକୁ ଶୁଦ୍ଧପୂତ ବୋଲି ବିବେଚନା କରାଯାଉଥିବାରୁ ପୂଜାଯୋଗ୍ୟ ହୋଇପାରିଛି, ଯାହା ନିଶ୍ଚିତ ଭାବେ ମହନୀୟ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦୁଷ୍କର୍ମ ଘଟଣାରେ ରଙ୍ଗିଲା ବାବାକୁ ୨୦ବର୍ଷ ଜେଲ

**ରେଢ଼ାଖୋଲ, ୨୬ ।୩(ସମିସ):** ଜଣେ ରଙ୍ଗିଲା ବାବା ଜଣେ ନିରୀହ ଯୁବତୀଙ୍କୁ ଅଚେତ କରି ଅଚେତ ଅବସ୍ଥାରେ ଦୁଷ୍କର୍ମ କରିଥିବା ଅଭିଯୋଗ ଘଟଣାରେ ରେଢ଼ାଖୋଲ ଏଡିଜେକୋର୍ଟ ଜଜ ପାର୍ଥସାରଥୀ ପଟ୍ଟନାୟକ ଅଭିଯୁକ୍ତ ବାବା ପ୍ରଫୁଲ୍ଲ ମହଲଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କେସକୁ ଆଡିସନାଲ ପିପି ସଂଯୁକ୍ତା କୈଷ୍ଣବ ଏବଂ ସ୍ପେସିଆଲ ପିପି ତୁଷାରକାନ୍ତ କର ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଏଭଳି ଏକ ଜଘନ୍ୟ ଘଟଣା ଘଟିଥିଲା, ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତସ୍ଥିତ ବୈଷ୍ଣବଝୁଲି ଗ୍ରାମରେ ରହିଥିବା ଏକ ମଠରେ ବାବା ପ୍ରଫୁଲ୍ଲ ମହଲା(୫୩) ରହି ଆସୁଥିଲେ। ଗତ ୫ ତାରିଖ ଡିସେମ୍ବର ମାସ ୨୦୨୪ ମସିହାରେ ଚାରମାଳ ଥାନା ଅଞ୍ଚଳର ଜଣେ ଯୁବତୀ ବାବାଙ୍କ ପାଖକୁ କୌଣସି ପୂଜାପାଠ କାର୍ଯ୍ୟ ପାଇଁ ଆସିଥିଲେ। ମଠ ପରିସରରେ କେହି ନ ଥିବା ସୁଯୋଗ ନେଇ ନିରୀହ ଯୁବତୀ ଜଣଙ୍କୁ ରଙ୍ଗିଲା ପ୍ରଫୁଲ୍ଲ ବାବା କୌଣସି ଏକ ଔଷଧ ଖାଇବା ପାଇଁ ଦେଇଥିଲେ। ଯୁବତୀ ଜଣଙ୍କ ଔଷଧ ଖାଇବା ପରେ ଅଚେତ ହୋଇ ଯାଇଥିଲେ।ଅଚେତ୍ ଅବସ୍ଥାରେ ଯୁବତୀକୁ ଦୁଷ୍କର୍ମ କରିଥିଲେ। ଯୁବତୀଙ୍କ ଚେତା ଫେରିବା ପରେ ରକ୍ତସ୍ରାବ ଦେଖି ଦୁଷ୍କର୍ମ ହୋଇଥିବା



ଜାଣିପାରିଥିଲା। ଯୁବତୀ ଜଣଙ୍କ ଏକ ଅଟୋ କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ପହଞ୍ଚି ଚିକିତ୍ସାଳୟ ଗେଟ୍ ପାଖରେ ପୁଣି ସଜ୍ଞାହିନ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ନେଇ ଚିକିତ୍ସାଳୟରେ ଚିକିତ୍ସିତ କରିଥିଲେ।ଯୁବତୀ ଜଣଙ୍କ ଚିକିତ୍ସିତ ଅବସ୍ଥାରେ ରହି ଡାକ୍ତରୀ ମାଇନା କରାଯାଇଥିଲା।ରେଢ଼ାଖୋଲ ପୁଲିସ ଜାଣିବା ପରେ ତତ୍କାଳୀନ ଥାନା ଅଧିକାରୀ ସବିତାଲତା ସେଠୀ ଏବଂ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ପୀଡିତା ଯୁବତୀଙ୍କ ପାଖରେ ପହଞ୍ଚି ପଚରାଉଚରା ପରେ ଅଭିଯୋଗକ୍ରମେ ଉକ୍ତ ବାବାକୁ ଗିରଫ କରି ଥାନା କେସ ନଂ ୨୮୬/୨୪ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ରଙ୍ଗିଲା ବାବାକୁ କୋର୍ଟ ଚାଲାଣ କରାଯାଇଥିଲା।

# ବଜରଙ୍ଗ ଦଳ ପକ୍ଷରୁ ଡଭା-ଝାରବନ୍ଧରେ ବାଇକ୍ ଶୋଭାଯାତ୍ରା

**ଝାରବନ୍ଧ, ୨୬।୩(ସମିସ):** ବଜରଙ୍ଗ ଦଳ ଡଭା ଝାରବନ୍ଧ ତରଫରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଆୟୋଜିତ ହୋଇଛି। ଶୋଭାଯାତ୍ରା ଡଭା ବଜାରରୁ ଆରମ୍ଭ ହୋଇ



ରାଜେନ୍ଦ୍ରପୁର, ନିତ୍ୟାନନ୍ଦପୁର ଦେଇ ରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବିଳାସପୁର, ଇସ୍କିନ୍ଧା ଓ ଗୋଠୁଗୁଡା ହନୁମାନ ମନ୍ଦିରରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ଯାତ୍ରା ଝାରବନ୍ଧ ପେଟ୍ରୋଲ ପମ୍ପରେ ପହଞ୍ଚିବା ପରେ ପଦଯାତ୍ରା ଆରମ୍ଭ ହୋଇ ଚାନ୍ଦିନୀ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ଚାଲିଥିଲା। ସେଠାରେ ହନୁମାନ ମନ୍ଦିରରେ ସମସ୍ତ ଭକ୍ତମାନେ ଏକତ୍ରିତ ହୋଇ ସାମୂହିକ ଭାବେ ହନୁମାନ ଚାଳିଶା ପାଠ କରିଥିଲେ। ଏହା ସହିତ ସମସ୍ତଙ୍କ ପାଇଁ ଭୋଗ ଓ ଅନ୍ନଛତ୍ରର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମପୁରର ଚିନ୍ମୟ ପଣ୍ଡା, ସଭାପତି ଶେଷକାନ୍ତ ସାହୁ, ସମ୍ପାଦକ ମୁକେଶ ନାୟକ, ଝାରବନ୍ଧ ବିଜେପି ମଣ୍ଡଳ ସଭାପତି ସତ୍ୟମ ପ୍ରଧାନ, ସନ୍ତୋଷ ବେହେରା, ବସନ୍ତ ସାହୁ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ଜୟନିଗମ, ରାମକୃଷ୍ଣ ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ବିକାଶ ଅଗ୍ରୱାଲ, ଜିତେନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ବବଲୁ ଭୋଇ, ସ୍ପୋର୍ଟିଙ୍ଗ କ୍ଲବ୍ ସଭାପତିରାକେଶ ଅଗ୍ରୱାଲ ସହ ଅନେକ ସଦସ୍ୟ ସାମିଲ ହୋଇଥିଲେ।

# ଗୁଡ଼େଶିରାରେ ବାସନ୍ତିକ ଲୋକ ମହୋତ୍ସବ ଉଦ୍‌ଘାଟିତ

**ବରଗଡ଼, ୨୬।୩(ସମିସ):** ଗୁଡେଶିରା ଗାଁରେ ବାସନ୍ତିକ ଲୋକ ମହୋତ୍ସବ-୨୦୨୬ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ଶୁଭାରମ୍ଭ ସମାରୋହରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି. ମୁରଲୀ କ୍ରିଷ୍ଣା ମୁଖ୍ୟ ଅତିଥି ଭାବେ ଏବଂ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୋକକଳା ଓ ଲୋକ ମହୋତ୍ସବର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ଭାବେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ଏବଂ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି କିଶୋର ଦାଶ ମଞ୍ଚାସୀନ ଥିଲେ। କ୍ରୀଡାବିତ୍ ତଥା ବରିଷ୍ଠ ଆଇନଜୀବୀ ହର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସହଯୋଗ କରାଯାଇଛି।

# ରାମନବମୀ ଉପଲକ୍ଷେ ବିଭିନ୍ନ ସ୍ଥାନରେ ପୁଲିସର ଫ୍ଲାଗ୍ମାର୍ଚ୍ଚ







**ବରଗଡ଼, ୨୬।୩(ସମିସ)**

ରାମନବମୀ ଅବ୍ୟବହିତ ପୂର୍ବରୁ ବରଗଡ଼ ଟାଉନ ଥାନା ପୁଲିସ, ପାଇକମାଳ ପୁଲିସ ତଥା ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଗୁରୁବାର ଫ୍ଲାଗମାର୍ଚ୍ଚ କରାଯାଇଛି। ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ଅତିରିକ୍ତ ଏସପି ଶିବ ପ୍ରସାଦ ବିଶ୍ୱାଳ, ଏସଡିପିଓ ପଦାରବିନ୍ଦ ତ୍ରୀପାଠୀ, ବରଗଡ଼ ଟାଉନ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର, ପାଇକମାଳ ଥାନା ଅଧିକାରୀ କୈଳାସ ପ୍ରଧାନ, ବରଗଡ଼ ସଦର ଥାନା ଅଧିକାରୀ ପ୍ରଣୟ ମୁର୍ମୁ, ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ ଦାଶଙ୍କ ନେତୃତ୍ୱରେ ପୁଲିସ ଏହି ଫ୍ଲାଗମାର୍ଚ୍ଚ କରିଥିଲେ। ବରଗଡ଼ ଟାଉନ ଥାନାରୁ ବାହାରି ହାଟପଦା, କଟକିଆ ପଡ଼ା, କାଳି ମନ୍ଦିର ଛକ, ପ୍ରାଇଭେଟ୍ ବସଷ୍ଟାଣ୍ଡ, ତୋରା, ନାଗେନ୍ ପାଳି ଛକ, ହଳଦି ପାଳି ଛକ, ଅମ୍ବାପାଳି ଛକ, ପାଇକମାଳ ମୁଖ୍ୟ ଛକରୁ ଆରମ୍ଭ ହୋଇ କୋକନରା ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ପୁଲିସ ପକ୍ଷରୁ ଅଞ୍ଚଳବାସୀଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ସହିତ ପର୍ବକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ସଚେତନ କରାଯାଇଥିଲା।

**ଭେଡେନ:** ଭେଡେନ ପୁଲିସ ପ୍ରଶାସନ ତରଫରୁ ଅଞ୍ଚଳରେ ଶାନ୍ତି ଶୃଙ୍ଖଳାରେ ରାମ ନବମୀ ପାଳନ କରିବାକୁ ନେଇ ଭେଡେନ ଥାନା ଅଧିକାରୀ ଅରୁପ ବରାଇକଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମ ଭେଡେନରେ ଫ୍ଲାଗ୍ମାର୍ଚ୍ଚ କରିଛି। ଏଥିରେ ଭେଡେନ ଏସଆଇ ଦୀପକ ସାହୁ, ଏସଆଇ ପ୍ରଫୁଲ୍ଲ ପାଣିଗ୍ରାହୀ, ଏସଆଇ ଏମଡି. ଇୟାଜଙ୍କ ସମେତ ପୁଲିସ ଟିମ ସାମିଲ ହୋଇଥିଲେ।

**ପଦ୍ମପୁର:** ପଦ୍ମପୁର ସହରରେ ପଦ୍ମପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ଫ୍ଲାଗ୍ମାର୍ଚ୍ଚ କରାଯାଇଛି। ଫ୍ଲାଗ୍ମାର୍ଚ୍ଚରେ ଆଇଆଇସି ପଦ୍ମପୁର କ୍ରେସେନ୍ସିଆ ସାମାରିଆ, ଆଇଆଇସି ବୁଡେନ ସୁରେନ୍ଦ୍ର ଛତ୍ରିଆ ଏବଂ ଆଇଆଇସି ଜଗଦଳପୁର ଦୀପ୍ତିରଞ୍ଜନ ଦୀଗାଲ ଏବଂ ଅନ୍ୟାନ୍ୟ ପୁଲିସ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ରାମ ନବମୀ ପୂର୍ବ ସନ୍ଧ୍ୟାରେ ଆଇନ ଓ ଶୃଙ୍ଖଳା ରକ୍ଷା ପାଇଁ ପ୍ରତିରୋଧାତ୍ମକ ବ୍ୟବସ୍ଥା ଭାବେ ଫ୍ଲାଗ୍ମାର୍ଚ୍ଚ କରାଯାଇଥିଲା। ନାଗରିକମାନେ ଭୁଲ ଖବରକୁ ବିଶ୍ୱାସ ନ କରନ୍ତୁ ଏବଂ ସାମ୍ପ୍ରଦାୟିକ ସଦ୍ଭାବନା ବଜାୟ ରଖିବାକୁ କୌଣସି ଉତ୍ତେଜନାମୂଳକ କାର୍ଯ୍ୟ କିମ୍ବା ଭାଷଣରୁ ଦୂରେଇ ରହିବାକୁ ଅନୁରୋଧ କରାଯାଇଥିଲା।

## ■ କଂକ୍ରିଟ ରାସ୍ତା ନିର୍ମାଣ ନିମ୍ନମାନର

# କାମ ବନ୍ଦ କଲେ ମହଦା ଗ୍ରାମବାସୀ

**କୁଚିଣ୍ଡା, ୨୬ ।୩(ସମିସ):** ଜମନକିରା ବ୍ଲକ ଅନ୍ତର୍ଗତ ମହଦାପଞ୍ଚାୟତ ପଞ୍ଚାୟତ ସମିତି ଅଧିନରେ ଥିବା ମହଦା କଲ୍ୟାଣ ମଣ୍ଡପ ଠାରୁ ପିଡବ୍ଲୁ ରାସ୍ତା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ବର୍ଷ ୨୦୨୫/୨୬ରେ ଅଟକଳ ପରିମାଣ୭, ୨୦, ୦୦୦ଟଙ୍କା ବ୍ୟୟ ବରାଦ କରାଯାଇଛି। ତେବେ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତିନି ଦିନ ହେବେ କାର୍ଯ୍ୟ ଚାଲୁ ରହିଥିବା ବେଳେ ସମ୍ପୃକ୍ତ ଠିକାଦାର ଗ୍ରାମବାସୀଙ୍କ କଥାକୁ ଗୁରୁତ୍ୱ ଦେଉନାହିଁ। ଯାହାଫଳରେ ଗ୍ରାମବାସୀ ଗୁରୁବାରଦିନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଧିକାରୀ ନିକଟକୁ ଫୋନ୍ ମାଧ୍ୟମରେ ଆପଣଙ୍କ ବିନା ଉପସ୍ଥିତିରେ କେମିତି କଂକ୍ରିଟ ରାସ୍ତା ନିର୍ମାଣ



ଚାଲିଛି, ବିଭାଗୀୟ ଅଧିକାରୀ କହିଲେ ମୁଁ ଜାଣି ନାହିଁ ଏବଂ ଛୁଟି ରେ ଅଛି। ମହଦାଗ୍ରାମବାସୀ ଏହାକୁ ଦୃଢ଼ ବିରୋଧ କରି କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି। ବିଭାଗୀୟ ଅଧିକାରୀ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ନରହିଲେ କାମକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ସରକାର ଆଦିବାସୀ ଗ୍ରାମାଞ୍ଚଳର ରାସ୍ତାର ଉନ୍ନତିକରଣ ଲାଗି କୋଟି କୋଟି ଟଙ୍କା ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଛି। ସିମେଣ୍ଟ ଅଧିକ ବଦଳରେ ବାଲି ଅଧିକ ଦେଇ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। କାର୍ଯ୍ୟକୁ ବିରୋଧ କରିଛନ୍ତି ଗ୍ରାମବାସୀ।ଅନ୍ୟପକ୍ଷେ କଂକ୍ରିଟ ରାସ୍ତାନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବା ଅଧିକାରୀ ଉପସ୍ଥିତ ରହିବା ନିୟମ ରହିଥିବା ବେଳେ କେହି ଅଧିକାରୀ ଉପସ୍ଥିତ ରହୁନଥିବାରୁ ସ୍ଥାନୀୟ ସମିତି ସଭ୍ୟ ଠିକାଦାର ନିଜ ମନମୁତାବକ ବ୍ୟୟ ବରାଦ କରି କଂକ୍ରିଟ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ସଠିକ୍ କାମ ବଦଳରେ ନିମ୍ନମାନର କାମ କରାଯାଉଛି।କିଛି ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଗ୍ରାମାଞ୍ଚଳର ଉନ୍ନତିକରଣରେ ବାଧା ସୃଷ୍ଟି କରୁଛନ୍ତି। ମହଦା ପଞ୍ଚାୟତବାସୀ ହେଉଥିବା ନିମ୍ନମାନର କାମ ଗୁଡ଼ିକୁ ତଦନ୍ତ କରାଯାଇ ପଦକ୍ଷେପ ନେବା ପାଇଁ ଦାବି ଜଣାଇଛନ୍ତି।

# ବୁର୍ଲାରେ ପୁଲିସ ପକ୍ଷରୁ ଫ୍ଲାଗ୍ମାର୍ଚ୍ଚ

**ସମ୍ବଲପୁର, ୨୬।୩(ସମିସ):**ଶ୍ରୀରାମ ନବମୀ ପାଇଁ ପୁଲିସ୍ ଓ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ବୁର୍ଲାରେ ମଧ୍ୟ ଫ୍ଲାଗମାର୍ଚ୍ଚ ହୋଇଥିଲା। ବୁର୍ଲା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିଆର ସିଂଙ୍କ ନେତୃତ୍ୱରେ ପୁଲିସ୍ ବୁଲି ବଳ ପ୍ରଦର୍ଶନ କରିଛନ୍ତି। ଥାନା ସମ୍ମୁଖରୁ ଏହି ଫ୍ଲାଗମାର୍ଚ୍ଚ ବାହାରି ମହତାବ ନଗର, ୱାନଆର କଲୋନୀ, ପୁରୁଣା ପେଟ୍ରୋଲ ପମ୍ପ ଛକ ଓ ସହରର ପ୍ରମୁଖ ସହର ବୁଲିଥିଲା। ଶ୍ରୀ ସିଂ ଶାନ୍ତି ଶୃଙ୍ଖଳାର ସହ ପର୍ବ ପାଳନ କରିବା ଓ ପୁଲିସ ପ୍ରଶାସନକୁ ଆଇନ ଶୃଙ୍ଖଳା ବଜାୟ ରଖିବାରେ ସହଯୋଗ କରିବାରେ ସହରବାସୀଙ୍କୁ ନିବେଦନ କରାଯାଇଛି।

# ହୀରାକୁଦ ଶିଶୁ ମନ୍ଦିରରେ ଶ୍ରୀରାମ ନବମୀ

**ହୀରାକୁଦ, ୨୬।୩ (ସମିସ) :** ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅଭିଭାବକ ଶୁଭେନ୍ଦୁ ପଣ୍ଡା ଯୋଗଦେଇ ପ୍ରଭୁ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଗୁରୁଜୀ ବିଶ୍ୱନାଥ ମିଶ୍ର ରାମ ନାମର ମହତ୍ତ୍ୱ ଓ ତାଙ୍କ ତ୍ୟାଗର ଗୁଣଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଅତିଥି ପରିଚୟ ପ୍ରଦାନ ସହ ଶ୍ରୀରାମ ନବମୀ ଦିବସର ବିଶେଷତ୍ୱ ବିଷୟରେ କହିଥିଲେ। ଗୁରୁମା ସୁଧାଂଶୁବାଳା ବିଶ୍ୱାଳ, ପ୍ରୀତି ପ୍ରିୟଦର୍ଶିନୀ ମିଶ୍ର ବୌଦ୍ଧିକ ପରିଚାଳନା କରିଥିଲେ। ଶେଷରେ ଗୁରୁଜୀ ଅଭୟ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଗୁରୁଜୀ ବୈକୁଣ୍ଠ ନାଗ ଓ ଅନ୍ୟ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ଗୁଡ଼େଶିରା ସମଲେଶ୍ୱରୀ ପୀଠରେ ଶାରଦୀୟ ନବରାତ୍ର

**ବରଗଡ଼, ୨୬।୩(ସମିସ):** ଗୁଡେଶିରାସ୍ଥିତ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ଅତ୍ୟନ୍ତ ନିଷ୍ଠାର ସହ ପାଳିତ ହେଉଛି। ଆଜି ପବିତ୍ର ଅଷ୍ଟମୀ ଓ ନବମୀ ପୂଜା ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଏବଂ ଆଧ୍ୟାପିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ମା'ଙ୍କୁ ଦର୍ଶନ କରିବା ପାଇଁ ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। ବାସନ୍ତିକ ନବରାତ୍ରିର ଏହି ପବିତ୍ର ଅବସରରେ ଶୁକ୍ରବାର ଦିନ ଦଶମୀ ତିଥିରେ ଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ କରାଯିବ। ପୂଜା କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ୫୬ ଭୋଗର ବ୍ୟବସ୍ଥା କରାଯାଇଛି। ମା'ଙ୍କ ନିକଟରେ ଲାଗି ହେବାକୁ ଥିବା ଏହି ପ୍ରସାଦ ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରା ଯାଇଥିଲା।

# ଭେଡେନ ଥାନାରେ ନୂତନ ଥାନାଧିକାରୀ ଭାବେ ଅରୂପରଞ୍ଜନ ବରାଇକଙ୍କ ଯୋଗଦାନ

**ଭେଡେନ, ୨୬।୩(ସମିସ):** ଭେଡେନ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଅରୁପରଞ୍ଜନ ବରାଇକ ଯୋଗଦାନ କରିଛନ୍ତି। ସେ ଆଗରୁ ରକ୍ଷୁଡା ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଏହି ଅବସରରେ ଭେଡେନ ଥାନାର କର୍ମଚାରୀ ମାନେ ନୂତନ ଥାନା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଭେଡେନ ଥାନା ଅଧିକାରୀ ଭାବେ ଥିବା ଶଶୀଭୂଷଣ ମିଶ୍ରଙ୍କୁ ବରଗଡ଼ ପୁଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛି।

# ସମ୍ବଲପୁରରେ ଅତ୍ୟାଧୁନିକ ନାଟ୍ୟପଯୋଗୀ ପ୍ରେକ୍ଷାଳୟ ପ୍ରତିଷ୍ଠା ଦାବି

**ସମ୍ବଲପୁର, ୨୬।୩ (ସମିସ) :** ସମ୍ବଲପୁର ସହରରେ ଏକ ଅତ୍ୟାଧୁନିକ ନାଟ୍ୟପଯୋଗୀ ପ୍ରେକ୍ଷାଳୟ ପ୍ରତିଷ୍ଠା ଦାବିରେ ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି 'ନାଟ୍ ନାଟୁଆ' ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'କୁ ମଧ୍ୟ ଉନ୍ନତିକରଣ କରାଯାଇ ନାଟ୍ୟପଯୋଗୀ ମଞ୍ଚ ଭାବରେ ନବୀକରଣ କରାଯିବାକୁ ପ୍ରତିନିଧି ଦଳ ଦାବି ଜଣାଇଛନ୍ତି। ଦାବି ପତ୍ର ଅନୁଯାୟୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଭିମସାର, ଭିସୁଟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଆଇଆଇଏମ ଭଳି ଶିକ୍ଷାନୁଷ୍ଠାନ ମାନଙ୍କରେ କଳା ପ୍ରଦର୍ଶନ ପାଇଁ ପ୍ରେକ୍ଷାଳୟ ପ୍ରତିଷ୍ଠା ହୋଇଛି। ତେବେ, ଏଇ ମାଟିର କଳାକାର ଲୋକନୃତ୍ୟ, ଲୋକଗୀତ, ନାଟକ ଆଦି କଳା ପ୍ରଦର୍ଶନ କରି ସକାଶେ ଦେଶ ତଥା ବିଦେଶରେ ସୁନାମ ପାଉଥିବାବେଳେ, ସମ୍ବଲପୁରରେ ଏକ ମଞ୍ଚପଯୋଗୀ ପ୍ରେକ୍ଷାଳୟ ପ୍ରତିଷ୍ଠା ହୋଇନଥିବା ଦୁର୍ଭାଗ୍ୟର ବିଷୟ। ପୂର୍ବରୁ ଅନେକଥର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଥା ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳଙ୍କୁ ମଞ୍ଚପଯୋଗୀ ପ୍ରେକ୍ଷାଳୟ ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି କରାଗଲେ ହେଁ କୌଣସି ସୁଫଳ ମିଳିପାରିନାହିଁ। ଗତ ମାସକ ମଧ୍ୟରେ ସମ୍ବଲପୁରରେ ଜାତୀୟ ଓ ରାଜ୍ୟସ୍ତରୀୟ ନାଟକ ଉତ୍ସବ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆୟୋଜିତ ହୋଇଯାଇଛି। ତେବେ, ଏହା ମଞ୍ଚପଯୋଗୀ ନଥିବାରୁ ଆୟୋଜକମାନେ ସମସ୍ୟାର ସମ୍ମୁଖୀନ ହେବାସହ ବ୍ୟୟ ବହୁଳତାର ଶିକାର ହୋଇଛନ୍ତି। ଏଥିପାଇଁ 'ତପସ୍ୱିନୀ' ପ୍ରେକ୍ଷାଳୟକୁ ମଞ୍ଚପଯୋଗୀ କରିବାକୁ ଦାବି କରାଯାଇଛି। ପ୍ରତିନିଧି ଦଳରେ 'ନାଟ୍ ନାଟୁଆ' ପକ୍ଷରୁ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ଯୁଗ୍ମ ସଂଯୋଜକ ଅତୀଶ ଶତପଥୀ, ପ୍ରଦୀପ କୁମାର ପଣ୍ଡା, ବବଲୁ ବାଗ, ପୂର୍ଣ୍ଣଚନ୍ଦ୍ର ଦାସ, ଗୋରେଖଲାଲ ଦାସ, ପ୍ରଶାନ୍ତ ମାଝୀ, ସଞ୍ଜୀବ ପାଢ଼ୀ, ପ୍ରମୋଦ କୁମାର ମିଶ୍ର, ଯୋଗେଶ ନନ୍ଦ, ପ୍ରତାପ ବାବୁ, ହାରାଧନ ପାଣ୍ଡେ ପ୍ରମୁଖ ସାମିଲ ହୋଇଥିଲେ।

# ଜିଏମ୍‌ୟୁ ଲାଇବ୍ରେରୀ ଓ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସେମିନାର

**ସମ୍ବଲପୁର, ୨୬।୩ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ ବିଭାଗ ଦ୍ୱାରା ପିଏମ ଉଷା କାର୍ଯ୍ୟକ୍ରମ ଅଧୀନରେ ଦୁଇ ଦିନିଆ ଜାତୀୟ ସେମିନାର ଆୟୋଜିତ ହୋଇଛି। ଉଦଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ ଉଦ୍‌ବୋଧନ ପ୍ରଦାନ କରିଥିଲେ। ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଓଡ଼ିଶାରେ ଲାଇବ୍ରେରୀ ପୁନର୍ଗଠନ ପାଇଁ ଏକ ବିଶେଷ କମିଟି ଗଠନର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ।ଏହି ସେମିନାରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବୁଲୁ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଆମନ୍ତ୍ରିତ ବକ୍ତା ଭାବେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଅବସରପ୍ରାପ୍ତ ପ୍ରଫେସର ଆର.ଏନ. ମିଶ୍ର, ଯାଦବପୁର ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗରର ପ୍ରଫେସର ସୁବର୍ଣ୍ଣ କୁମାର ଦାସ ଏବଂ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ମନୀନ୍ଦ୍ର କୁମାର ସିଂ ଯୋଗଦାନ ଦେଇଥିଲେ। ଉଦଘାଟନୀ ସଭାରେ ବିଭାଗର ମୁଖ୍ୟ ଏବଂ ସେମିନାରରେ ଆୟୋଜକ ଡ଼. ରୋଜାଲିନ ରାଉତ ସ୍ୱାଗତ ଉଦ୍‌ବୋଧନ ଏବଂ ବିଷୟ ପରିଚୟ ପ୍ରଦାନ କରିଥିଲେ। ସହ-ଆୟୋଜକ ଡ. ଜଦ୍ଗେନ୍ଦ୍ର କୁମାର ସିଂ ଅତିଥିମାନଙ୍କ ପରିଚୟ ଦେଇଥିଲେ। ସୁଶ୍ରୀ ସିନିଆ ଟିଗ୍ଗା, ସହ-ଆୟୋଜକ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସଞ୍ଚାଳନ କରିଥିଲେ ଏବଂ ସମସ୍ତ ପ୍ରାଯୋଗିକ ସେସନ୍‌ଗୁଡ଼ିକୁ ପରିଚାଳନା କରିଥିଲେ। ସୁଶ୍ରୀ ଜ୍ୟୋତିର୍ମୟୀ ସାହୁ, ଗେଷ୍ଟ ଫେକଲ୍ଟି, ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ସେମିନାର୍‌ର ସଫଳ ଆୟୋଜନ ପାଇଁ ରିସର୍ଚ୍ଚ ସ୍କଲାର୍ ଅଜୟ ସ ଓ ମଚିନ ସାହୁ ବିଶେଷ ସହଯୋଗ ପ୍ରଦାନ କରିଥିଲେ। ଏହି ସେମିନାରଟି ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିଲା ଏବଂ ଏଥିରେ ଓଡ଼ିଶା ଏବଂ ଅନ୍ୟ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ ଓ ଲାଇବ୍ରେରୀ ପ୍ରଫେସନାଲ ସକ୍ରିୟ ଅଂଶଗ୍ରହଣ କରିବା ସହ ମୋଟ ୪୬ ଟି ପେପର ପ୍ରେଜେଣ୍ଟ ହୋଇଥିଲା।

# ରାମ ନବମୀ ଉପଲକ୍ଷେ ଆଲୋଚନାଚକ୍ର

**ବରଗଡ଼, ୨୬।୩(ସମିସ):** ରାମ ନବମୀ ଉପଲକ୍ଷେ ବରିଷ୍ଠ ନାଗରିକ ମାନଙ୍କ ମଞ୍ଚ 'ଟୁଗେଦର୍ ଫର୍ ପ୍ଲେଜର୍' ଗ୍ରୁପ ପକ୍ଷରୁ ଆଲୋଚନାଚକ୍ର ସଂଘ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୋହିନୀ ମୋହନ ବେହେରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବା ବେଳେ ସୁରେନ୍ଦ୍ର ଭୋଇ ରାମ ଚରିତ ମାନସ ଉପରେ ଆଲୋଚନା କରିଥିଲେ। ଶେଷରେ ରାଜ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଡକ୍ଟର ପାଣ୍ଡବ ବେହେରା, ରାଜେନ୍ଦ୍ର ନାରାୟଣ ମେହେର, ସାନନ୍ଦ ଭୋଇ, ଦୁଃଖୁ ମିଶ୍ର, ସୂର୍ଯ୍ୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ

**ଅତାବିରା, ୨୬।୩(ସମିସ):** ବରଗଡ଼ ଜିଲ୍ଲା ଅତାବିରା ଥାନା ଅଧୀନ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟଙ୍କ ମକୁନ୍ଦ ମହାରଣାଙ୍କ ଅଧ୍ୟକ୍ଷତାରେ ଶ୍ରୀରାମ ନବମୀ ପାଳିତ ହୋଇଛି। ଏହି ଅବସରରେ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ କ୍ଷୀରସାଗର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶିଶୁ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ଭାର୍ଗବୀ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରିଥିଲେ। କାଳିଚରଣ ହୋତା ଶ୍ରୀରାମ ନବମୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜୀତାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମଞ୍ଜରୀ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

# ସବୁଜ ସନାତନପାଲିରୁ ତରଭୁଜ ଓ ଆମ୍ବ ରପ୍ତାନୀ ସମ୍ଭାବନା





**ସମ୍ବଲପୁର, ୨୬।୩ (ସମିସ)**

ଏପିଇଡିଏ ଆଞ୍ଚଳିକ ମୁଖ୍ୟ ଓ ଅନ୍ୟ ଅଧିକାରୀମାନେ ଆଜି ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଲିଃ (ଏଫ୍‌ପିସି)ର କ୍ଷେତ୍ର ପରିଦର୍ଶନ କରିବାସହ ରପ୍ତାନି ସୁଯୋଗକୁ ନିଶ୍ଚିତ କରିଛନ୍ତି। ଏହି ଅଞ୍ଚଳର କୃଷି ସମ୍ଭାବନାକୁ ପ୍ରୋତ୍ସାହନ ସ୍ୱରୂପ, ଏପିଇଡିଏ ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, ଆଇଆଣ୍ଡସିବି ବିଶେଷଜ୍ଞ ମନୋଜ କୁମାର ଏବଂ ଗ୍ରାଣ୍ଟ ଥର୍ଟନ୍ ଭାରତର ଜିଲ୍ଲା ସଂଯୋଜକ ସିଦ୍ଧାର୍ଥ ଦେବଙ୍କ ସହିତ, ଆଜି ଯୁଯୋମୁରାରେ ଥିବା ସବୁଜ ସନାତନପାଲି ଏଫ୍‌ପିସିର ଆର୍‌ଇଡବ୍ଲୁଏଆର୍‌ଡି ପ୍ରୋଜେକ୍ଟ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଦଳ ତରଭୁଜ, ଗେଣ୍ଡୁଫୁଲ ଏବଂ ଆମ୍ବ ସମେତ ପ୍ରକଳ୍ପ ଅଧୀନରେ ଚାଷ କରାଯାଉଥିବା ବିଭିନ୍ନ ଫସଲ ଦେଖିବାପରେ ଉତ୍ପାଦନ ପଦ୍ଧତି ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିବା ପାଇଁ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କ ଏହି ଗସ୍ତ ଉତ୍ପାଦର ରପ୍ତାନୀ ସମ୍ଭାବନା ମୂଲ୍ୟାଙ୍କନ ଏବଂ ଏଫ୍‌ପିସି ପାଇଁ ବଜାର ସଂଯୋଗକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇଥିଲା। ଶ୍ରୀ ମଣ୍ଡଳ ସବୁଜ ସନାତନପାଲି ଏଫ୍‌ପିସି କ୍ଷେତ୍ରରେ ଚାଷ ହେଉଥିବା ଆମ୍ବ ଏବଂ ଅନ୍ୟାନ୍ୟ ଫସଲର ଗୁଣବତ୍ତାକୁ ପ୍ରଶଂସା କରିଥିଲେ। ଏକ ବିସ୍ତୃତ କ୍ଷେତ୍ର ପରିଦର୍ଶନ ପରେ, ସେ ପ୍ରତିଶ୍ରୁତି ଦେଇଥିଲେ ଯେ ଏପିଇଡିଏ ଆଗାମୀ ଋତୁରେ ଅନ୍ତର୍ଜାତୀୟ ବଜାରକୁ ପ୍ରାୟ ୧୦୦ ମେଟ୍ରିକ୍ ଟନ୍ ଆମ୍ବ ରପ୍ତାନିକୁ ସହଜ କରିବ।

ପୂଜାପାର୍ବଣ, ସାଂସ୍କୃତିକ ଏବଂ ସାଜସଜ୍ଜା ଉଦ୍ଦେଶ୍ୟରେ ବିଦେଶୀ ବଜାରରେ ଗେଣ୍ଡୁ ଫୁଲର ଚାହିଦାକୁ ସ୍ୱୀକାରକରି ଆଞ୍ଚଳିକ ମୁଖ୍ୟ ଶ୍ରୀ ମଣ୍ଡଳ ଏହାର ରପ୍ତାନିକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରିଥିଲେ। ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ ଯେ ଏପରି ପଦକ୍ଷେପ ଗୁଡ଼ିକ ଚାଷୀଙ୍କ ଆୟକୁ ଯଥେଷ୍ଟ ବୃଦ୍ଧି କରିବ ଏବଂ ଆର୍‌ଇଡବ୍ଲୁଏଆର୍‌ଡି ପ୍ରୋଜେକ୍ଟ ଅଧୀନରେ ନୂତନ ବଜାର ପଥ ଖୋଲିବ। ଏହି ପରିଦର୍ଶନ ସବୁଜ ସନାତନପାଲି ଏଫ୍‌ପିସି ଚାଷୀଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି, ଯେଉଁମାନେ ଏବେ ଉତ୍ତମ ମୂଲ୍ୟ ପ୍ରାପ୍ତି ଏବଂ ବିଶ୍ୱ ବଜାରକୁ ସମ୍ପ୍ରସାରଣ ପାଇଁ ଅପେକ୍ଷା କରିଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଲିଃର ନିର୍ଦ୍ଦେଶକ ମନବୋଧ ବାରିକ, ବିରୁପାକ୍ଷ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୁରଘୁଙ୍ଗୁର ପ୍ରତିଭା ସମ୍ମାନ ସମାରୋହ

**ରେଢ଼ାଖୋଲ, ୨୬ ।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କଦମ୍ବ ପଡ଼ିଆରେ ଗୁରୁବାର ଦିନ ସାଂସ୍କୃତିକ ଅନୁଷ୍ଠାନ ସୁରଘୁଙ୍ଗୁର ପକ୍ଷରୁ ରାଜ୍ୟସ୍ତରୀୟ ସୁର ଘୁଙ୍ଗୁର ମହୋତ୍ସବ ଅବସରରେ ଅଞ୍ଚଳର କଳା ସଂସ୍କୃତି ଓ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ଭିନ୍ନ ପ୍ରୟାସ ଜାରି ରଖି ସୁରଘୁଙ୍ଗୁର ପ୍ରତିଭା



ସମ୍ମାନ କାର୍ଯ୍ୟକ୍ରମ। ପ୍ରଥମ ଦିନରେ ଅଞ୍ଚଳର କଳାକାରଙ୍କୁ ନେଇ ଏକକ ନୃତ୍ୟ ପ୍ରତିଯୋଗିତା ଦ୍ୱିତୀୟ ଦିନରେ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଭୀମଭୋଇ କଳାପଣ୍ଡପରେ ମୁଖ୍ୟଅତିଥି ଭାବେ ସୁର ଘୁଙ୍ଗୁର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରଞ୍ଜିତ କୁମାର ଦେହୁରୀ, ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ପ୍ରେସ କ୍ଲବ୍ ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ କୁମାର ବିଶ୍ୱାଳ, ସୁର ଘୁଙ୍ଗୁର ଉପଦେଷ୍ଟା ଉମାକାନ୍ତ ମହାନନ୍ଦ, ଏନ୍‌ଏସି ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଆସନ୍ତାକାଲି(ଶୁକ୍ରବାର) ତୃତୀୟ ଦିବସରେ କଳାକାର ଙ୍କ ଦ୍ୱାରା ଫେଶନ ସୋ' ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଆସନ୍ତା ୨୮ ଓ ୨୯ ତାରିଖ ସଂଧ୍ୟାରେ ରାଜ୍ୟସ୍ତରୀୟ ସୁରଘୁଙ୍ଗୁର ମହୋତ୍ସବ ଅନୁଷ୍ଠିତ ହେବ।କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାର ନୃତ୍ୟ, ଲୋକନୃତ୍ୟ, ଲୋକ ବାଦ୍ୟ, ଓଡ଼ିଆ ଫିଲ୍ମ ଜଗତର ଅଭିନେତା, ଅଭିନେତ୍ରୀ, କଣ୍ଠ ଶିଳ୍ପୀ ଓ ରାଜ୍ୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନେ ଯୋଗ ଦେବେ। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅନିଲ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଭାପତି ସୁଶାନ୍ତ ନାଗ, ଉପସଭାପତି ରଶ୍ମିରଞ୍ଜନ ଖଡିରତ୍ନ, ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ବୈଠାରୁ, ସହ ସମ୍ପାଦକ ଗଜାନନ ଭେସରା, ଉପଦେଷ୍ଟା ହାଡ଼ିବନ୍ଧୁ ସୁନା, ସୁଭଦ୍ରା ସାଗର, ପ୍ରକାଶ ମୁଖୀ, ସୁଧାଂଶୁ ପୁରୋହିତ, ସଦସ୍ୟ ଗଗନ ଭେଶରା, ସୁଧୀର ସୁନା, ଏସ ବିଶ୍ୱରଞ୍ଜନ, ଦେବବ୍ରତ ବେହେରା, ଶରତ ସୁନା, ଜଗା ସିଂ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

## ମଦ ସହ ୪ ଅଭିଯୁକ୍ତ ଗିରଫ

ବରପାଲି, ୨୬।୩(ସମିସ): ବରପାଲି ସହର ଓ ବ୍ଲକ ଅଞ୍ଚଳକୁ ନିଶାମୁକ୍ତ ଅଭିଯାନକୁ ଗୁରୁତ୍ୱ ଦେଇ ପୁଲିସ ଧରପକଡ ଆରମ୍ଭ କରିଛି। ସହରରେ ଶ୍ରୀରାମ ନବମୀ ମହୋତ୍ସବକୁ ଦୃଷ୍ଟିରେ ରଖି ବରପାଲି ପୁଲିସ ଆଇଆଇସି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ପୁଲିସ ଦଳ ସକାଳେ ବିଭିନ୍ନ ସ୍ଥାନ ମାନଙ୍କରେ ଚଢ଼ଉ କରିଥିଲା। ଏଥିରେ ୧୩୦ ଲିଟର ରନ୍ଧା ମଦ, ବିପୁଳ ପରିମାଣର ଏଫଏଲ ଏବଂ ଦେଶୀ ମଦ ପାଉଚ୍ ସମେତ ପ୍ରାୟ ୧୯୩ ଲିଟର ମଦ ଜବତ ହୋଇଥିଲା। ବେଆଇନ ମଦ କାରବାରରେ ଲିପ୍ତ ରହିଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କଲାପରେ କୋର୍ଟକୁ ଚାଲାଣ କରିଥିବା ବରପାଲି ପୁଲିସ ସୂଚନା ଦେଇଛି।

## ଡିସିବି ବ୍ୟାଙ୍କ ଶାଖାର ଚତୁର୍ଥ ବାର୍ଷିକୋତ୍ସବ



ପଦ୍ମପୁର, ୨୬।୩(ସମିସ): ଡିସିବି ବ୍ୟାଙ୍କ ପଦ୍ମପୁର ଶାଖାର ଚତୁର୍ଥ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶାଖା ପ୍ରବନ୍ଧକ ଏମ୍.ରାଜେଶଙ୍କ ସହ କ୍ଲଷ୍ଟର ମୁଖ୍ୟ ସୁଧାଂଶୁ ପଟ୍ଟନାୟକ ଓ ସମସ୍ତ ଶାଖା କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଗ୍ରାହକମାନଙ୍କ ସହ ସାମ୍ପ୍ରତିକ ବ୍ୟାଙ୍କିଙ୍ଗ ସୁବିଧା, ସେବାର ଉନ୍ନତି ଓ ବିଭିନ୍ନ ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ଅନଲାଇନ୍ ଠକେଇ ବୃଦ୍ଧି ପାଇଥିବା ପରିପ୍ରେକ୍ଷୀରେ ଗ୍ରାହକମାନଙ୍କୁ ସତର୍କ ରହିବା ପାଇଁ ବ୍ୟାଙ୍କ କୁହାଯାଇଥିଲା। ଏହାସହ ବ୍ୟାଙ୍କର ବିଭିନ୍ନ ଯୋଜନା ଓ ସୁବିଧା ବିଷୟରେ ମଧ୍ୟ ଗ୍ରାହକମାନଙ୍କୁ ଅବଗତ କରାଯାଇଥିଲା।

## ସୁଲୁକିପଡ଼ାରେ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ

ପଦ୍ମପୁର, ୨୬।୩(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ସରେଇକେଲା ଗାଁର ସୁଲୁକିପଡ଼ାରେ ଆୟୋଜିତ ଅଖଣ୍ଡ ଅଷ୍ଟ ପ୍ରହର ନାମ ସଙ୍କୀର୍ତ୍ତନ ସମାପନ ହୋଇଯାଇଛି। ପ୍ରଥମ ଦିନରେ ସହସ୍ରାଧିକ ମହିଳା କଳସ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ ଏବଂ ନାମାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଉଦ୍ଧବରଣା ସପତ୍ନୀକ ଯଜ୍ଞକର୍ତ୍ତା ଦାୟିତ୍ୱ ବହନ କରିଥିଲେ। ବିଭିନ୍ନ ସଙ୍କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଦୟାପ୍ରଭୁ ସଙ୍କୀର୍ତ୍ତନ ମଣ୍ଡଳୀ (ଭତ୍ରା)ର ଗାୟିକା ଇତିଶ୍ରୀ କର, ରାଧାମାଧବ ସଙ୍କୀର୍ତନ ମଣ୍ଡଳୀ (ପିପଲି ପାଲି)ର ଗାୟିକା ଦେବକୀ ସାହୁ, ଜଗନ୍ନାଥ ସଙ୍କୀର୍ତ୍ତନ ମଣ୍ଡଳୀ (ପଞ୍ଚଧାର)ର ଗାୟକ ତିଳକ ଦାଶ ଓ ଗୌରହରି କୀର୍ତ୍ତନ ମଣ୍ଡଳୀ (ଗଣ୍ଡିଆପାଲି)ର ଗାୟକ ବୀରେନ୍ଦ୍ର କୁଆଡି ନିଜ ନିଜ ଦଳ ସହ ଅଂଶଗ୍ରହଣ କରିଥିଲେ। ଯଜ୍ଞ ଆୟୋଜନ ପାଇଁ ପୂର୍ଣ୍ଣ ନେଗୀ, ଲୋକନାଥ ପ୍ରଧାନ, ଯୁଧିଷ୍ଠିର ବରିହା, ଘନଶ୍ୟାମ ବେହେରା, ସୁଲୁକିପଡ଼ା ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ନିରାକାର ପ୍ରଧାନ ବୈଠକି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନିରଞ୍ଜନ ପ୍ରଧାନ, ଆୟୁଷ୍ମାନ ବାରିକ, ସୁନୀଲ ପ୍ରଧାନ, ରାଧେଶ୍ୟାମ ପ୍ରଧାନ ଯଜ୍ଞ ମଣ୍ଡଳୀ ପରିଚାଳନା କରିଥିଲେ। ହଜାର ହଜାର ସଂଖ୍ୟାକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ସମସ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

## ବିଦ୍ୟାଳୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ୟୁଜିଏଚ୍ଏସ୍ କେରମେଲୀ ଚାମ୍ପିଅନ୍

ଗାଇସିଲେଟ, ୨୬।୩(ସମିସ): ପିଏମଶ୍ରୀ ବୁଦ୍ଧଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଗନିଆପାଁଲି ଠାରେ ଦୁଇଦିନ ଧରି ବିଦ୍ୟାଳୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ମେହେର ସଭାପତିତ୍ୱ କରିଥିବା ବେଳେ ପରିଚାଳନା କମିଟିର ଚେୟାରମ୍ୟାନ ଆଶୁତୋଷ ନାଗ ମୁଖ୍ୟ ଅତିଥି ଭାବେ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। କ୍ରିକେଟ ପ୍ରତିଯୋଗିତାରେ ଗାଇସିଲେଟ ବ୍ଲକର ୮ ଟି ଦଳ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ବିଜୟୀ ୪ଟି



ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସଭାରେ ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ଗନିଆପାଲି ପଞ୍ଚାୟତର ସରପଞ୍ଚ ପୁଷ୍ପାଞ୍ଜଳି ବେହେରା ମୁଖ୍ୟ ଅତିଥି ଭାବେ, ବ୍ଲକ ଖେଳ ସମ୍ପାଦକ କଂଗ୍ରେସ ପଧାନ ଏବଂ ପୂର୍ବତନ ଖେଳ ଶିକ୍ଷକ ରାଧାକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ୟୁଜିଏଚଏସ କେରମେଲୀ ଟିମ୍‌କୁ ବିଜୟୀ ଓ ପିଏମଶ୍ରୀ ବିଡିଏନଏଚଏସ ଗନିଆପାଲି ଦଳକୁ ରନର୍ସ ଅପ୍ ଦଳ ହିସାବରେ ପୁରସ୍କୃତ କରଗଲା। ମ୍ୟାନ ଅଫ ଦ ସିରିଜ ଭାବେ ପିଏମଶ୍ରୀ ବିଡିଏନଏଚଏସ ଗନିଆପାଲିର ଛାତ୍ର ଜୟଦେବ ରଣା ପୁରସ୍କୃତ ହେବା ସହ ୟୁଜିଏଚଏସ କେରମେଲୀର ଛାତ୍ର ରୋଶନ ନାଇକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରାଗଲା। ସଭାରେ ଶିକ୍ଷକ ବିଷ୍ଣୁ ପ୍ରସାଦ ହଂସ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଜେପୁରର ଜୀବନରେଖା ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ

ବରଗଡ଼, ୨୬।୩(ସମିସ)





ଓଡ଼ିଶା ଜଳସେଚନ ଇତିହାସରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ସବୁଜ କ୍ରାନ୍ତି ଆଣିଛି। ରବି ହେଉକି ଖରିଫ ସବୁବେଳେ ଚାଷଜମି ହେଛି ଶସ୍ୟ ଶ୍ୟାମଳା ହୋଇପାରୁଛି। ଏହି ପ୍ରକଳ୍ପ ଦ୍ୱାରା ବରଗଡ଼, ବିଜେପୁର ବରପାଲି, ସୋହେଲା ବାସୀଙ୍କ ସ୍ୱପ ସାକାର ହୋଇ ପାରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର କାର୍ଯ୍ୟକାଳରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର ଲୋକାର୍ପଣ ହୋଇଥିଲା। ଏହାଦ୍ୱାରା ମରୁଡ଼ି ପ୍ରପୀଡିତ ବିଜେପୁର, ସୋହେଲା, ବରପାଲି ଓ ବରଗଡ଼ ବ୍ଲକ ସମେତ ସୋନପୁର ଜିଲ୍ଲାର ଡୁଙ୍ଗୁରୀପାଲି ବ୍ଲକରେ କ୍ଷେତକୁ ଜଳଯୋଗାଣ ନିଶ୍ଚିତ ହୋଇପାରିଛି। ଏଥିରେ ହୀରାକୁଦ, ତୁରଙ୍ଗା ଓ କନାପାଲି ଠାରେ ୩ଟି ପମ୍ପହାଉସ ପ୍ରତିଷ୍ଠା ହୋଇଥିଲା। ପ୍ରକଳ୍ପରେ ୧୨୯ରୁ ଅଧିକ ଗାଁରେ ପ୍ରାୟ ୨୫ହଜାର ୬୦୦ ହେକ୍ଟର ଜମିରେ ପାଣି ପହଞ୍ଚୁଛି। ବିଜେପୁର ବ୍ଲକର ୭୭ଟି ଗାଁର ୧୫ ହଜାର ୨୦୦, ସୋହେଲା ବ୍ଲକର ୨୫ ଗାଁର ୬ ହଜାର ୮୦୪, ବରପାଲି ବ୍ଲକର ୨୨ ଗାଁର ୩ ହଜାର ୮୪୦ ସହ ବରଗଡ଼ ବ୍ଲକର ୧୨ଟି ଗାଁ ଏବଂ ବରିପାଲି ବ୍ଲକର ୨ଟି ଗାଁର ୫୭୫୦ ହେକ୍ଟର ଜମିରେ ଏବଂ ସୋନପୁର ଜିଲ୍ଲାର ଡୁଙ୍ଗୁରୀପାଲି ବ୍ଲକର ଆଂଶିକ ଅଞ୍ଚଳକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଉଛି। ୨୦୧୯ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

**ପୂର୍ବ ସରକାରଙ୍କ ସଫଳ ଯୋଜନା ମଧ୍ୟରେ ଅନ୍ୟତମ**

ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୨୦୨୦ ସେପ୍ଟେମ୍ବରରେ କାମ ଆରମ୍ଭ ହୋଇଥିଲା। ୧୬୭୭ କୋଟି ୪୨ଲକ୍ଷ ଟଙ୍କା ବିନିମୟରେ ରେକର୍ଡ ୩ବର୍ଷରେ ପ୍ରକଳ୍ପ କାମ ଶେଷ ହୋଇଥିଲା। ଅଞ୍ଚଳରେ ପୂର୍ବରୁ କେବଳ ଖରିଫ ଫସଲ ହେଉଥିବା ବେଳେ ଚାଷ କାମ କେବଳ ବର୍ଷା ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା। ବର୍ତ୍ତମାନ ବର୍ଷା ନ ହେଲେ ମଧ୍ୟ ଖରିଫ ଓ ରବି ଚାଷ ମଧ୍ୟ ହୋଇପାରୁଛି। କେନାଲ ବଦଳରେ ପାଇପ ଯୋଗେ ଜଳଯୋଗାଣ ହେଉଥିବାରୁ ଧାନ ବ୍ୟତୀତ ଅନ୍ୟ ଫସଲ ମଧ୍ୟ ହେଉଛି। ଫାଇଭ-ଟି ଉପକ୍ରମରେ ଏହି ପ୍ରକଳ୍ପ ରେକର୍ଡ ସମୟରେ ପୂର୍ଣ୍ଣ ହୋଇଥିଲା। ଯୋଉ ମାଲ ଜମିରେ ବର୍ଷ ସାରା ଘାସ ବି ହେଉ ନ ଥିଲା ଆଜି ସେହି ଜମି ଗୁଡିକରେ ଜଳସେଚନ କରି ଚାଷୀ ଅନେକ ପନିପରିବା ଚାଷ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ପାରୁଛନ୍ତି। ଗଙ୍ଗାଧର ମେହେର ଜଳ ସେଚନ ପ୍ରକଳ୍ପ ଦ୍ୱାରା ହଜାର ହଜାର ଚାଷୀଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇ ପାରିଛି ବୋଲି ବାଗେଇବିରା ସମାଜସେବୀ ତଥା ଚାଷୀ ପୁରନ୍ଦର ଭୋଶାଗର ପ୍ରକାଶ କରିଛନ୍ତି।

## ଜନଗଣନାର ପ୍ରଥମ ପର୍ଯ୍ୟାୟ ତାଲିମ

ଅତାବିରା, ୨୬।୩(ସମିସ): ଅତାବିରା ବ୍ଲକ ଅଧୀନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଅତାବିରା ଉଚ୍ଚ ବିଦ୍ୟାଳୟଠାରେ ପ୍ରଥମ ପର୍ଯ୍ୟାୟ ଜନଗଣନା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତାବିରା ଉଚ୍ଚ ବିଦ୍ୟାଳୟ ଅତାବିରାଠାରେ ବ୍ଲକ ଜନଗଣନା ଅଧିକାରୀ ତଥା ତହସିଲଦାର ପିରିଚିଙ୍କ ତତ୍ତ୍ୱାବଧାନରେ ଗଣନାକାରୀ, ସୁପରଭାଇଜର ମାନଙ୍କର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ହରପାଲ, ସୁରେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଫିଲ୍ଡ଼ ଟ୍ରେନର ଭୀଷ୍ମଦେବ ସରାଫ୍, ନନ୍ଦିଘୋଷ ଭୁଏ, ରାଜେଶ ପଟେଲ, ମହେଶ ପ୍ରଧାନ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ। ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଚଳିତ ବର୍ଷ ଏପ୍ରିଲ ୧୬ରୁ ମଇ ୧୫ ପର୍ଯ୍ୟନ୍ତ ହେବ। ଏହି ପର୍ଯ୍ୟାୟରେ ଗୃହଗଣନା କାର୍ଯ୍ୟ ପାଇଁ ସର୍ବେକ୍ଷଣ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ



୨୦୨୭ ଫେବୃୟାରୀରେ ହେବ। ଏହି ପର୍ଯ୍ୟାୟରେ ଜନଗଣନା କରାଯିବ। ତିନି ଦିନ ଧରି ଚାଲିଥିବା ପ୍ରଥମ ପର୍ଯ୍ୟାୟ ଜନଗଣନା ତାଲିମ କାର୍ଯ୍ୟକ୍ରମରେ ଉଭୟ କେନ୍ଦ୍ରର ମୋଟ ୭୦ ଜଣ ଗଣନାକାରୀ ଏବଂ ୧୫ ଜଣ ସୁପରଭାଇଜର୍ ତାଲିମ ଗ୍ରହଣ କରିଥିଲେ।

## ଜେସିଆଇ ପକ୍ଷରୁ ଅତାବିରାରେ ସ୍କେଟିଂ ରାଲି

ଅତାବିରା, ୨୬।୩(ସମିସ): ସ୍ୱେଚ୍ଛାସେବୀ ସଂଗଠନ ଜେସିଆଇ ଅତାବିରା ପକ୍ଷରୁ ୭ ଦିନିଆ ସ୍କେଟିଂ ପ୍ରଶିକ୍ଷଣ ଅବସରରେ ଗୁରୁବାର ସ୍କେଟିଂ ପ୍ରତିଯୋଗୀଙ୍କୁ ନେଇ ସ୍କେଟିଂ ରାଲି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହସ୍ପିଟାଲ ଛକ ହନୁମାନ ମନ୍ଦିରରୁ



ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ହୋଇଥିବା ରାଲିରେ 'ଫୁଟ୍ ହେ, ତୋ ହିଟ୍ ହେ' ବାର୍ତ୍ତା ନେଇ ବହୁ ସଂଖ୍ୟାରେ ପ୍ରତିଯୋଗୀ ଭାଗ ନେଇଥିଲେ। ଗତ ୨୦ ତାରିଖରୁ ଆନନ୍ଦ କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସ୍କେଟିଂ କୋଚ୍ ପିୟୁଷ ପାଣ୍ଡେ ଓ ମାହାରାଷ୍ଟ୍ରର କୋଚ୍ ରବୀନ୍ଦ୍ର ମିଶାଲ ପ୍ରଶିକ୍ଷଣ ଦେଇଥିଲେ। ଆସନ୍ତାକାଲି ଉଦ୍‌ଯାପନୀ ଉତ୍ସବରେ ଜେସିଆଇର ଜୋନ୍‌ସ୍ତରୀୟ ଉଚ୍ଚ ପଦାଧିକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଜେସିଆଇ ଅତାବିରା ସଭାପତି ୱାଇଏସ୍ କ୍ରିଷ୍ଣା, ସମ୍ପାଦକ ସରକେଶ ପରିଜା ସମେତ ପୂର୍ବତନ ସଭାପତି ବିବି ଚୌଧୁରୀ, ଆର୍‌ଏସ୍‌ଭି କ୍ରିଷ୍ଣା, ସମୀତ ପ୍ରଧାନ, ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମପୁର ଉପଜିଲ୍ଲପାଳ ସ୍ନେହା ଅରୁଗୁଲାଙ୍କୁ ବିଦାୟ ସମ୍ବର୍ଦ୍ଧନା

ପଦ୍ମପୁର, ୨୬।୩(ସମିସ): ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଗୁରୁବାର ପଦ୍ମପୁର କାର୍ଯ୍ୟାଳୟରୁ ଔପଚାରିକ ଭାବେ ବିଦାୟ ନେଇଛନ୍ତି। କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ତହସିଲଦାର ଓ ଅନ୍ୟ



କର୍ମଚାରୀମାନେ ତାଙ୍କର ସେବା, ନେତୃତ୍ୱ ଓ ଉତ୍କୃଷ୍ଟ ପ୍ରଶାସନିକ କୌଶଳକୁ ସ୍ମରଣ କରିଥିଲେ। ସରକାରଙ୍କ ନୂତନ ନିଯୁକ୍ତି ଅନୁଯାୟୀ, ଅରୁଗୁଲାଙ୍କୁ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏହା ସହିତ ପୁରୀ ମ୍ୟୁନିସିପାଲ କର୍ପୋରେସନର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ମଧ ଦିଆଯାଇଛି। ପୂର୍ବରୁ ତାଙ୍କୁ ମୟୂରଭଞ୍ଜ ଜିଲ୍ଲା ପରିଷଦର ସିଡିଓ ଭାବେ ଯେଉଁ ବଦଳି ହୋଇଥିଲା। ତାହା ବାତିଲ କରାଯାଇଛି। ଏହି ସନ୍ଦର୍ଭରେ, ପାଇକମାଲ ତହସିଲଦାର ସିନ୍ଧୁସୂତା ପାତ୍ର ପଦ୍ମପୁର ଉପଜିଲ୍ଲାପାଳ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆଜି ଔପଚାରିକ ଭାବେ

**ପାଇକମାଲ ତହସିଲଦାର ସିନ୍ଧୁସୂତା ପାତ୍ରଙ୍କ କାର୍ଯ୍ୟଭାର ଗ୍ରହଣ**

କାର୍ଯ୍ୟଭାର ଗ୍ରହଣ କରି ପ୍ରଶାସନିକ କାର୍ଯ୍ୟ ଚାଲିବା ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି। ବିଦାୟୀ ଅବସରରେ ସ୍ନେହା ଅରୁଗୁଲା ତାଙ୍କର ସହକର୍ମୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ଉପସ୍ଥିତ ସଭ୍ୟମାନଙ୍କ ଦ୍ୱାରା ଅରୁଗୁଲାଙ୍କୁ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା ଏବଂ ତାଙ୍କର ଭବିଷ୍ୟତ ଜୀବନ ଓ କାର୍ଯ୍ୟକ୍ଷେତ୍ର ପାଇଁ ଶୁଭେଚ୍ଛା ପ୍ରଦାନ କରାହୋଇଥିଲା।

## ପଦ୍ମପୁର-ଗାଇସିଲେଟ ରାସ୍ତା ଶୋଚନୀୟ

ଦହିତା, ୨୬।୩(ସମିସ): ପଦ୍ମପୁର ଠାରୁ ଗାଇସିଲେଟ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହାର ତୁରନ୍ତ ମରାମତି କରିବା ପାଇଁ ପଦ୍ମପୁର ଅଧୀନ ବୁଡାମାଲ ପଞ୍ଚାୟତର ସରପଞ୍ଚ ଟିକେଶ୍ୱରୀ ସେଟ ଗୁରବାର ଉପଜିଲ୍ଲାପାଳ ପଦ୍ମପୁର ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଭରସୁଜା, ଗାଇସିଲେଟ ଅଞ୍ଚଳର ଲୋକେ ପଦ୍ମପୁର ଉପରେ ନିର୍ଭର



କରି ପ୍ରତିଦିନ ଯିବା ଆସିବା କରୁଛନ୍ତି। ମାତ୍ର ରାସ୍ତା ଖରାପ ଯୋଗୁଁ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷ କରି ବୁଡାମାଲ ଛକ ବୁଲାଣିଆ ପୋଲ ପାଖରେ ଏହିରାସ୍ତା ଅତି କଦର୍ଯ୍ୟ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ପୂର୍ତ୍ତକୁ ମଧ୍ୟ ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ମରାମତି କାର୍ଯ୍ୟ କରିବା ପାଇଁ ସରପଞ୍ଚ ଦାବି କରିଛନ୍ତି।

## ଘେଁସ ହାଇସ୍କୁଲ ପକ୍ଷରୁ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା

ମେଲଛାମୁଣ୍ଡା, ୨୬।୩(ସମିସ): ଘେଁସ ହାଇସ୍କୁଲ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶକୁ ସୁନ୍ଦର, ନିର୍ମଳ ଓ ରୋଗମୁକ୍ତ ରଖିବା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗାଁ ପରିକ୍ରମା କରି ବାର୍ତ୍ତା ପ୍ରଦାନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ହାଇସ୍କୁଲର ଛାତ୍ରଛାତ୍ରୀ ଏକ ବିଶାଳ ଶୋଭାଯାତ୍ରା କରିଥିଲେ। ଛାତ୍ରଛାତ୍ରୀ ହାତରେ ପରିବେଶ ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ ପ୍ଲା-କାର୍ଡ ଓ ଆକର୍ଷଣୀୟ ପୋଷ୍ଟର ଧରି 'ସ୍ୱଚ୍ଛ ଗାଁ, ସୁସ୍ଥ ଗାଁ' ଏବଂ 'ପରିବେଶ ସୁରକ୍ଷା-ଜୀବନରକ୍ଷା' ଭଳି ସ୍ଲୋଗାନ ଦେଇ ସାରା




ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ ପ୍ଲାଷ୍ଟିକ ବର୍ଜନ କରିବା ଏବଂ ନିଜ ଆଖପାଖ ପରିବେଶକୁ ସଫା ରଖିବା ପାଇଁ ଛାତ୍ରଛାତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍ୱଚ୍ଛତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ।

## ଶ୍ରୀରାମ କଲେଜରେ ସଡ଼କ ସୁରକ୍ଷା ସଚେତନତା

ସୋହେଲା, ୨୬।୩(ସମିସ): ସ୍ଥାନୀୟ ଶ୍ରୀରାମ କଲେଜ ସୋହେଲା ଠାରେ ସଡକ ସୁରକ୍ଷା ସଚେତନତା ଅଭିଯାନ ଅବସରରେ ସଚେତନତା ସଭା ଅନୁଷ୍ଠିତ ହୋଇଛି। କଲେଜର ମ୍ୟାନେଜିଂ ଡାଇରେକ୍ଟର ମଞ୍ଜୁ ଦେବୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ବରଗଡ଼



ଅତିରିକ୍ତ ଆରଟିଓ ଏନ୍‌ଫୋର୍ସମେଣ୍ଟ ଅଶୋକ ପାଣିଗ୍ରାହୀ ମୁଖ୍ୟ ଅତିଥି ଶ୍ରୀରାମ କଲେଜ ଡାଇରେକ୍ଟର ଗିରିଜେଶ ପ୍ରସାଦ ଖାଡଙ୍ଗା, ଅନିଲ ପଧାନ, ଡା ମୋତି ଶେଖର ଭୋଇ, ବାବୁଲୁ ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଏକ କୁଇଜ୍ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବାଦଲ ପଧାନ ଧନ୍ୟବାଦ ଅର୍ପଣ ଥିଲେ।

# ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ

ବିଜେପୁର, ୨୬।୩(ସମିସ)



ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇ ରହିଛି। ଡାକ୍ତର ଓ କର୍ମଚାରୀଙ୍କ ଭୟଙ୍କର ଅଭାବ ଯୋଗୁଁ ସ୍ୱାସ୍ଥ୍ୟ ସେବା ପ୍ରାୟ ବନ୍ଦ ହୋଇଯାଇଛି। ବିଶେଷକରି ଗର୍ଭବତୀ ଓ ପ୍ରସୂତି ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ମାସ ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡ.ପୂର୍ଣ୍ଣଶଙ୍କର ମେହେରଙ୍କୁ ଡେପୁଟେସନରେ ଅନ୍ୟ ସ୍ଥାନକୁ ପଠାଯାଇଛି। ସେ ଯିବା ପରେ ଏହି ବିଭାଗ ପ୍ରାୟ ଅଚଳ ହୋଇଯାଇଛି। ଏହାର ପ୍ରଭାବ ଗର୍ଭବତୀ ମହିଳାଙ୍କ ଉପରେ ପଡୁଛି। ପୂର୍ବରୁ ଦୂରଦୂରାନ୍ତରୁ ଲୋକେ ଏଠାକୁ ଆସି ଚିକିତ୍ସା ପାଉଥିଲେ। କିନ୍ତୁ ବର୍ତ୍ତମାନ ଏହି ସୁବିଧା ପ୍ରାୟ ବନ୍ଦ ହୋଇଯିବାରୁ ରୋଗୀମାନେ ବାଧ୍ୟ ହୋଇ ବିଜେପୁରରୁ ଗେଦାପାଲି ଜିଲ୍ଲା ଚିକିତ୍ସାଳୟକୁ ଯାଉଛନ୍ତି। ଏହା ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ସମୟ ଅପଚୟ ହେଉଛି। ଗର୍ଭବତୀ ମହିଳାଙ୍କୁ ଜରୁରୀ ସମୟରେ ଚିକିତ୍ସା ନ ମିଳିଲେ ମାଆ ଓ ଶିଶୁ ଉଭୟଙ୍କ ଜୀବନ ବିପଦରେ ପଡ଼ିଥାଏ। କିନ୍ତୁ ଏହାସତ୍ତ୍ୱେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଚିକିତ୍ସା ନ ମିଳିବା ବିପଦ ସୃଷ୍ଟି କରିଛି। ସେପ୍ଟେମ୍ବର ମାସରେ ୫୮ ଟି ପ୍ରସୂତି ହୋଇଥିଲା। ସେଥିରୁ ୨୯ଟି ସିଜରିଆନ ଅପରେସନ ହୋଇଥିଲା। ଅକ୍ଟୋବରରେ ୫୭ଟି ପ୍ରସୂତି ଓ ୩୦ଟି ଅପରେସନ ହୋଇଥିଲା। ନଭେମ୍ବରରେ ୬୫ଟି ପ୍ରସୂତି ଓ ୩୪ଟି ଅପରେସନ ହୋଇଥିଲା। ଡିସେମ୍ବରରେ ୫୩ଟି ପ୍ରସୂତି ମଧ୍ୟରୁ ୨୨ଟି ଅପରେସନ ହୋଇଥିଲା। କିନ୍ତୁ ଡାକ୍ତର ଅଭାବ ଆରମ୍ଭ ହେବା ପରେ ସ୍ଥିତି ତିବ୍ର ଭାବେ ଅବନତି ହୋଇଛି। ଜାନୁଆରୀରେ କେବଳ ୨୨ଟି ପ୍ରସୂତି ହୋଇଥିଲା, ସେଥିରୁ ୬ଟି ଅପରେସନ ହୋଇଥିଲା। ଫେବୃଆରୀରେ ୧୬ଟି ପ୍ରସୂତି ଓ ମାତ୍ର ୩ଟି ଅପରେସନ ହୋଇଥିଲା। ମାର୍ଚ୍ଚ ମାସରେ ଏପର୍ଯ୍ୟନ୍ତ ୮ଟି ପ୍ରସୂତି ହୋଇଥିବାବେଳେ ଗୋଟିଏ ମଧ୍ୟ ସିଜେରିଆନ ଅପରେସନ ହୋଇନାହିଁ। ଏହି ହସ୍ପିଟାଲରେ କର୍ମଚାରୀ ଅଭାବ ମଧ୍ୟ ଗୁରୁତର ସମସ୍ୟା। ମୋଟ ୨୩ଟି ଡାକ୍ତର ପଦବୀ ସ୍ଥାନରେ ମାତ୍ର ୯ଜଣ ଡାକ୍ତର ଅଛନ୍ତି ଏବଂ ଭେଷଜ, ଶଲ୍ୟ ବିଶେଷଜ୍ଞ ଭଳି ବହୁ ଡାକ୍ତର ପଦ ଖାଲିରହିଛି। ନର୍ସ ପଦବୀ ୬ଟି ଥିଲେ ମାତ୍ର ୩ଜଣ ନର୍ସ କାମ କରୁଛନ୍ତି। ୨ଟି ଫାର୍ମାସିଷ୍ଟ ପଦବୀ ମଧ୍ୟରୁ ମାତ୍ର ୧ଜଣ ଅଛନ୍ତି। ୬ଟି ଆଟେଣ୍ଡେଣ୍ଟ ପଦବୀ ଥିଲେ ଗୋଟିଏ ମଧ୍ୟ ନାହିଁ। ୨ଟି ସୁଇପର ପଦବୀରେ ମାତ୍ର ଜଣେ କାମ କରୁଛନ୍ତି। ଏପରି ଅବସ୍ଥାରେ ଏତେ ବଡ ହସ୍ପିଟାଲ କେମିତି ସଠିକ ଭାବେ ଚାଲିବ, ସେଥି ନେଇ ପ୍ରଶ୍ନ ଉଠୁଛି। ଡାକ୍ତର ଓ କର୍ମଚାରୀଙ୍କ ଅଭାବରୁ ରୋଗୀମାନେ ଆବଶ୍ୟକ ସେବା ପାଇ ପାରୁନାହାନ୍ତି। ସ୍ଥାନୀୟ ଲୋକମାନେ ଏହି ସମସ୍ୟାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସରକାର ଶୀଘ୍ର ଏହାର ସମାଧାନ ନ କଲେ ଆଗାମୀ ଦିନରେ ଅଧିକ ଜୀବନ ବିପଦରେ ପଡ଼ିପାରେ ବୋଲି ଲୋକେ ମତ ପ୍ରକାଶ କରିଛନ୍ତି। ଶୀଘ୍ର ଡାକ୍ତର ଓ ଆବଶ୍ୟକ କର୍ମଚାରୀ ନିଯୁକ୍ତ କରିବା ସହିତ ଡେପୁଟେସନରେ ଯାଇଥିବା ବିଶେଷଜ୍ଞଙ୍କୁ ପୁନର୍ବାର ଫେରାଇ ଆଣିବାକୁ ଲୋକମାନେ ଦାବି କରୁଛନ୍ତି। ସୂଚନା ଯୋଗ୍ୟ, ବିଜେପୁର ବ୍ଲକ୍ ୨୩ ପଞ୍ଚାୟତ ଏବଂ ଗୋଟିଏ ଏନଏସିକୁ ନେଇ ଗଠିତ। ବ୍ଲକର ୧୧୦ ଖଣ୍ଡ ରାଜସ୍ୱ ଗାଁର ଜନସାଧାରଣ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି।

**● ସାଂସଦଙ୍କ ବରଗଡ଼ବାସୀଙ୍କ ପାଇଁ ବୈମାତୃକ ମନୋଭାବ**

# ବରଗଡ଼ରୁ ଭୁବନେଶ୍ୱର ସକାଳୁଆ ଟ୍ରେନ୍ କେବେ

ବରଗଡ଼, ୨୬।୩(ସମିସ): ବରଗଡ଼ ରୋଡ ହେଉଛି ପୂର୍ବତଟ ରେଳପଥର ଏକ ଚିର ଅବହେଳିତ ରେଳଷ୍ଟେସନ। ସମ୍ବଲପୁର-ଟିଟିଲାଗଡ଼ର ଏହି ସେକ୍ସନ ଦେଇ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଯିବା ପାଇଁ କୌଣସି ସକାଳୁଆ ଇଣ୍ଟରସିଟି କିମ୍ବା ଦିଲ୍ଲୀ ଓ ପ୍ରୟାଗରାଜ ଯିବା ପାଇଁ କୌଣସି ଟ୍ରେନ ନାହିଁ। ସମ୍ବଲପୁର-ଟିଟିଲାଗଡ଼ ସେକ୍ସନ ୧୯୬୩ରୁ ଆରମ୍ଭ ହୋଇଥିବା ବେଳେ ସମ୍ବଲପୁର-ଅନୁଗୋଳ ସେକ୍ସନ ୧୯୯୯ରୁ ଆରମ୍ଭ ହୋଇଛି। ୩୬ ବର୍ଷ ପରେ ଆରମ୍ଭ ହୋଇଥିଲେ ସୁଦ୍ଧା ଉକ୍ତ ସେକ୍ସନ ଦେଇ ଭୁବନେଶ୍ୱର ପାଇଁ ଦୁଇଟି ସକାଳୁଆ ଇଣ୍ଟରସିଟି, ଦିଲ୍ଲୀ ପାଇଁ ୩ଟି ଟ୍ରେନ ତଥା ପ୍ରୟାଗରାଜ ପାଇଁ ଦୁଇଟି ଟ୍ରେନ୍ ଚାଲୁଛି। ବରଗଡ଼ ଓ ବଲାଙ୍ଗିରର ଜନସାଧାରଣଙ୍କୁ ଏଥିପାଇଁ ସମ୍ବଲପୁର କିମ୍ବା ଟିଟିଲାଗଡ଼କୁ ଯାଇ ଟ୍ରେନ ଧରିବାକୁ ପଡୁଛି। ଏହି ଦୁଇଟି ଟ୍ରେନ ଚଳାଇବା ପାଇଁ ଲୋକଙ୍କ ଦାବିକୁ ବିଭିନ୍ନ ବାହାନା ଦେଖାଇ ରେଳବାଇ ଦ୍ୱାରା ବାରମ୍ବାର ଅଗ୍ରାହ୍ୟ କରାଯାଉଛି। ଲାଇନ୍ ଦୋହରୀକରଣ ପରେ ଏହି ସୁବିଧା ଦିଆଯିବ ବୋଲି ପ୍ରଥମେ କହୁଥିଲେ। ପରେ ପିଟ ଲାଇନ୍ ନ ଥିବାରୁ ଏହା ସମ୍ଭବ ନୁହେଁ ବୋଲି କହୁଛନ୍ତି। ପିଟ ଲାଇନ୍ ବାହାନାକୁ ଏଡାଇବା ପାଇଁ ବରଗଡ଼ ରେଳ ଉପଭୋକ୍ତା ସଂଘ ଦୁଇଟି ବିକଳ୍ପ ପ୍ରସ୍ତାବ ମଧ୍ୟ ଦେଇଥିଲା। ପ୍ରଥମତଃ, ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ଦୁଇରେକ୍ ବିଶିଷ୍ଟ ଟ୍ରେନରୂପେ ବଲାଙ୍ଗିର ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ପୁରୀରେ ୱାସିଙ୍ଗ କରିବା ଏବଂ ଦ୍ୱିତୀୟରେ ବଲାଙ୍ଗିରରୁ ଭୁବନେଶ୍ୱର ସକାଳୁଆ ଇଣ୍ଟରସିଟି ଚଳାଇ ଭୁବନେଶ୍ୱରରେ ୱାସିଙ୍ଗ କରିବା। ଏପରିକି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ସହିତ ସଂଘର କର୍ମକର୍ତ୍ତା ମାନେ ଭୁବନେଶ୍ୱରରେ ପୂର୍ବତଟ ମହା-ପ୍ରବନ୍ଧକଙ୍କ ସହିତ ସାକ୍ଷାତ କରି ଏହି ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲା। କିନ୍ତୁ କୌଣସି ଫଳ ମିଳିଲା ନାହିଁ। ବରଗଡ଼ ସାଂସଦ ପୁରୋହିତ ସଂସଦରେ ମଧ୍ୟ ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି ବିଷୟରେ ପ୍ରଶ୍ନ କରିଥିଲେ। ଯାତ୍ରୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଏକ ସାଧାରଣ କାର୍ଯ୍ୟକୁ କରିବା ପାଇଁ ରେଳ ବିଭାଗ ଏପରିକି ସାଂସଦଙ୍କ ଅନୁରୋଧକୁ ଅଣଦେଖା କରିବା ଗଣତନ୍ତ୍ର ପାଇଁ ଶୁଭ ସଙ୍କେତ ନୁହେଁ। ଏବେ ସାଂସଦ ପୁରୋହିତ ରେଳମନ୍ତ୍ରୀଙ୍କୁ ନିଜ ନିର୍ବାଚନ ମଣ୍ଡଳୀର ରେଳ ସମସ୍ୟାକୁ ନେଇ ୯ ଦଫା ସମ୍ବଳିତ ପତ୍ର ଲେଖିଛନ୍ତି। ସେଥିରେ ମୁଖ୍ୟତଃ ବ୍ରଜରାଜନଗର ତଥା ଝାରସୁଗୁଡ଼ା ଜିଲ୍ଲାର ଅନ୍ୟାନ୍ୟ ରେଳ ସମସ୍ୟା ବିଷୟରେ ଲେଖିଛନ୍ତି। ଏହାଛଡା ଇସ୍ପାତ୍ ଏକ୍ସପ୍ରେସର ଅସାଧାରଣ ୧୨/୧୮ ଘଣ୍ଟା ବିଳମ୍ବରେ ଚାଲିବା, ବରଗଡ଼-ନୂଆପଡ଼ା ରେଳ ଲାଇନ୍‌ର ପ୍ରଗତିରେ କ୍ଷୀପ୍ରତା ଆଣିବା ତଥା ବରପାଲିରେ କେତେକ ଟ୍ରେନର ରହଣୀ ସମ୍ବନ୍ଧରେ ଲେଖିଛନ୍ତି। କିନ୍ତୁ ଏହି ପତ୍ରରେ ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି ବିଷୟରେ କିଛି ହେଲେ ଲେଖିଥିଲେ ଭଲ ହୋଇଥାନ୍ତା ବୋଲି ବରଗଡ଼ ବାସୀ ମତ ପ୍ରକାଶ କରିଛନ୍ତି। ଜିଲ୍ଲାର ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଦୀପ ଦେବତା ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ବରଗଡ଼ ଜିଲ୍ଲା ବାସୀଙ୍କ ପ୍ରତି ଏମିତି ବୈମାତୃକ ମନୋଭାବ କାହିଁକି ବୋଲି ପ୍ରଶ୍ନ କରିଛନ୍ତି।

ସକାଳ THE SAKALA



## କଳାହାଣ୍ଡିରେ ବନ୍ୟଜନ୍ତୁ ଶିକାରୀ ସକ୍ରିୟ

# ୫ ଶିକାରୀ ଗିରଫ ; ବନ୍ଧୁକ, ଟର୍ଚ୍ଚ ଲାଇଟ୍ ଓ ମାରଣାସ୍ତ୍ର ଜବତ

**ଭବାନୀପାଟଣା, ୨୬ ।୩(ସମିସ)**

କଳାହାଣ୍ଡି ଜିଲ୍ଲାରେ ବନ୍ୟଜନ୍ତୁ ଶିକାର ଘଟଣା ନିତିଦିନିଆ ହୋଇଗଲାଣି। ଚଢ଼ାଉ କଲେ କେବଳ ଦେଶୀ ବନ୍ଧୁକ ଓ ଫାସ ପକାଇବା ତାର ଏବଂ ଜାଲ ମିଳୁଛି। କେତେବେଳେ ହାତୀ ମରୁଛି ତ କେତେବେଳେ ଅନ୍ୟ ନିରୀହ ବନ୍ୟ ଜନ୍ତୁ। ତେବେ ବନ୍ୟଜନ୍ତୁ ଶିକାର କରିବା ପାଇଁ ଯୋଜନା କରୁଥିବା ବେଳେ ଉତ୍ତର ବନଖଣ୍ଡ ପକ୍ଷରୁ ୫ ଜଣଙ୍କୁ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଶିକାରୀମାନେ ହେଲେ ଏମ୍.ରାମପୁର ଅଞ୍ଚଳର ମଳୟ ରଞ୍ଜନ ବାଗ, ବିପିନ ଭୋଇ, ବବଲୁ ନାୟକ, ବୁଦୁ ମାଝୀ ଓ ଦୀନବନ୍ଧୁ ମହାରଣା।ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ମହାଦେବ ସାହୁ ଫେରାର ଥିବା ସୂଚନା ମିଳିଛି।ଅଭିଯୁକ୍ତଙ୍କ ଠାରୁ ବନ୍ୟଜନ୍ତୁ ଶିକାର ପାଇଁ ବ୍ୟବହୃତ ୬ବନ୍ଧୁକ, ଜୀବନ୍ତ ଗୁଳି, ମାରଣାସ୍ତ୍ର, ଟର୍ଚ୍ଚଲାଇଟ୍, ଫାସ ତାର, ମୋବାଇଲ ଫୋନ ଆଦି ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ କଳାହାଣ୍ଡି ଜିଲ୍ଲା ନର୍ଲା ରେଞ୍ଜ ଉର୍ଲାଦାନୀ ସଂରକ୍ଷିତ ଜଙ୍ଗଲରେ ବନବିଭାଗ ପକ୍ଷରୁ ଫରେଷ୍ଟ ଗାର୍ଡ ସରିତା ପୁଜାରୀ ଓ ପାରା ଫରେଷ୍ଟ କର୍ମଚାରୀ କର୍ଣ୍ଣ ବେହେରା ପାଟ୍ରୋଲିଂ କରିବା ସମୟରେ ଦୁଇଜଣ ସନ୍ଦେହଜନକ ବ୍ୟକ୍ତି ବାଇକ୍‌ରେ ଯାଉଥିବା ବେଳେ ଧରିଥିଲେ। ସେମାନଙ୍କୁ ଯାଞ୍ଚ କରିବା ସମୟରେ ତାଙ୍କଠୁ ଗୋଟିଏ ଲୋଡେଡ୍ ଦେଶୀ ବନ୍ଧୁକ ଥିବା ପାଇଥିଲେ। ପଚରା ଉଚୁରା ସମୟରେ ଜଣେ ଅଭିଯୁକ୍ତ ବାଇକ୍ ଧରି ଫେରାର ହୋଇଯାଇଥିଲା। ଅନ୍ୟ ଜଣେ ଅଭିଯୁକ୍ତ ମଳୟ ରଞ୍ଜନ ବାଗ୍ ୨ ବନ କର୍ମଚାରୀଙ୍କୁ ଆକ୍ରମଣ କରିବା ସତ୍ତ୍ୱେ ମଧ୍ୟ ସେମାନେ ତାକୁ କାବୁ କରିଥିଲେ।



ଅଭିଯୁକ୍ତ ମଳୟ ନିକଟରୁ ବନ୍ଧୁକ ସମେତ ଜୀବନ୍ତ ଗୁଳି ଓ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଥିଲା। ଏହାପରେ ଅଭିଯୁକ୍ତ ମଳୟର ସୂଚନା ଆଧାରରେ ସେଠାକାର ବିଭିନ୍ନ ସ୍ଥାନରେ ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ଠାରୁ ବନ୍ୟ ଜନ୍ତୁ ଶିକାର ପାଇଁ ବ୍ୟବହୃତ ବନ୍ଧୁକ, ବିଭିନ୍ନ ମାରଣାସ୍ତ୍ର ଆଦି ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିଲା।

# ରାସ୍ତା କଡ଼ରେ ମୁକୁଳା ଟ୍ରାନ୍ସଫର୍ମର

**ଥୁଆମୂଳରାମପୁର, ୨୬ ।୩(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ କାଣିଗୁମା ପଞ୍ଚାୟତ ତାରାଗାଁରେ ଗୁରୁତର ସୁରକ୍ଷା ଅବହେଳା ଦେଖିବାକୁ ମିଳିଛି। ଗାଁର ମୁଖ୍ୟ ରାସ୍ତା କଡରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର



ମୁକୁଳା ଅବସ୍ଥାରେ ପଡ଼ି ରହିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି, ଏହି ଟ୍ରାନ୍ସଫର୍ମରରୁ ପ୍ରାୟ ୨୦ ମିଟର ଦୂରତାରେ ଅବସ୍ଥିତ ରହିଛି ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।ଉକ୍ତ ବିଦ୍ୟାଳୟରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ପିଲା ପାଠ ପଢ଼ିବାକୁ ଆସିଥାନ୍ତି। ପ୍ରତିଦିନ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଏହି ରାସ୍ତାରେ ଯାତାୟାତ କରୁଥିବା ବେଳେ, ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି, କିନ୍ତୁ ସମ୍ବନ୍ଧିତ ବିଭାଗ ଏହାପ୍ରତି ଅଣଦେଖା କରୁଛି।

### ୨୦ ମିଟର ନିକଟରେ ବିଦ୍ୟାଳୟ

ବିଶେଷକରି ବର୍ଷା ଦିନରେ ଏହାର ବିପଦ ଅଧିକ ବଢ଼ିଯାଏ ବୋଲି ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦାବି କରିଛନ୍ତି ଯେ, ଶୀଘ୍ର ଏହି ଟ୍ରାନ୍ସଫର୍ମରକୁ ସୁରକ୍ଷିତ ଭାବେ ଘେରା ଯାଉ ଏବଂ ଆବଶ୍ୟକ ମରାମତି କରାଯାଉ, ନହେଲେ ଆଗାମୀ ଦିନରେ ଗୁରୁତର ଅଘଟଣ ଘଟିପାରେ। ସମ୍ବନ୍ଧିତ ବିଦ୍ୟୁତ୍ ବିଭାଗ ପକ୍ଷରୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସ୍ଥାନୀୟ ଲୋକମାନେ ଦୃଢ଼ ଦାବି କରିଛନ୍ତି।

## ■ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ଚିହ୍ନିବ 'ପେଟେଣ୍ଟ'

# ୧.୯୦ ଲକ୍ଷ ଟଙ୍କାରେ ଏନ୍ଆଇଟି ଦ୍ୱାରା ବିକଶିତ

**ରାଉରକେଲା, ୨୬।୩ (ସମିସ):** ରାଉରକେଲା ଏନ୍ଆଇଟି ଗବେଷକଙ୍କ ଦ୍ୱାରା ପ୍ରସ୍ତୁତ ଏକ ଅତ୍ୟାଧୁନିକ 'ପେଟେଣ୍ଟ' ସୀମାନ୍ତ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାରେ ସହାୟକ ହେବ।୧.୯୦ ଲକ୍ଷ ଟଙ୍କାରେ ଟଙ୍କା ବ୍ୟୟରେ ନିର୍ମିତ ଏହି ସିଷ୍ଟମକୁ ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ସମିତ ଆରି, ଗବେଷଣା ବିଦ୍ୱାନ ମହମ୍ମଦ ଇମାନ ଜୁନୈଦ, ଏମ୍. ଟେକ୍ ସ୍ନାତକ ନାରାୟଣ ପ୍ରସାଦ ଶର୍ମା ଏବଂ ଇର୍ଶାଦ୍ ଅଲି ପ୍ରମୁଖ ବିକଶିତ କରିଛନ୍ତି। ଏହା ଅନଧିକୃତ ପ୍ରବେଶ ନିରୀକ୍ଷଣର ଚ୍ୟାଲେଞ୍ଜକୁ ମୁକାବିଲା କରିବ। ଯେତେବେଳେ ଜଣେବ୍ୟକ୍ତି ଏକ ନିଷିଦ୍ଧ ଅଞ୍ଚଳରେ ପ୍ରବେଶ କରନ୍ତି, ସେତେବେଳେ ସିଷ୍ଟମ୍ ସେମାନଙ୍କର ଚାଲିବା ଢାଞ୍ଚାକୁ ଅଧିକୃତ ବ୍ୟକ୍ତିଙ୍କ ସହିତ ତୁଳନା କରେ। ଯଦି କୌଣସି ମେଳ ନ ମିଳେ, ତେବେ ଏହା ବ୍ୟକ୍ତିଙ୍କୁ ସନ୍ଦେହଜନକ ଭାବରେ ଚିହ୍ନଟ କରେ ଏବଂ ସୁରକ୍ଷାକୁ ସତର୍କ କରିଥାଏ। ସିଷ୍ଟମ୍ ପ୍ରବେଶ ସମୟରେ ଅନଧିକୃତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ଏକାଧିକ



ଚେକ୍ ପଏଣ୍ଟ ମଧ୍ୟରେ ସେମାନଙ୍କର ଗତିବିଧିକୁ ଟ୍ରାକ୍ କରେ, ଅଜଣାବ୍ୟକ୍ତିଙ୍କ ପାଇଁ ଏକ ଅସ୍ଥାୟୀ ଡାଟାବେସ୍ ରଖେ ଏବଂ ଗତି ଦିଗ ଉପରେ ଆଧାର କରି ପ୍ରବେଶ ଏବଂ ପ୍ରସ୍ଥାନ ଢାଞ୍ଚା ନିର୍ଣ୍ଣୟ କରେ। ଯଦି ଜଣେ ବ୍ୟକ୍ତି ପ୍ରତିବନ୍ଧିତ ଅଞ୍ଚଳରୁ ବାହାରି ଯାଏ, ତେବେ ସେମାନଙ୍କର ଅସ୍ଥାୟୀ ରେକର୍ଡ ସଫା ହୋଇଯାଏ, ଯେତେବେଳେ ଐତିହାସିକ ତଥ୍ୟ ଭବିଷ୍ୟତର ସନ୍ଦର୍ଭ ଏବଂ ଫୋରେନସିକ୍ ବ୍ୟବହାର ପାଇଁ ସଂରକ୍ଷଣ ରହିଥାଏ। ବିକଶିତ ପ୍ରଯୁକ୍ତିର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ପ୍ରଫେସର ସମିତ ଆରି କହିଛନ୍ତି, ୧ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ ଅଟକଳରେ ବିକଶିତ ଏହି ସିଷ୍ଟମ ଥର୍ମାଲ୍ ଇମେଜିଂ ବ୍ୟବହାର ପାଇଁ ରାତି ସମୟରେ କାର୍ଯ୍ୟ ପାଇଁ କମ୍ ଆଲୋକ ଗ୍ରହଣ କରିଥାଏ। ସ୍ୱୟଞ୍ଚାଳିତ ମଲ୍ଟି-କ୍ୟାମେରା ଟ୍ରାକିଂ ସମସ୍ତ ସ୍ଥାନରେ ନିର୍ବିଘ୍ନ ନିରୀକ୍ଷଣକୁ ସକ୍ଷମ କରିବ। ବିକଶିତ ସିଷ୍ଟମକୁ ମାନୁଆଲ୍ ନିରୀକ୍ଷଣ ଉପରେ ନିର୍ଭରଶୀଳତାକୁ କମ୍ କରିବା ପାଇଁ ବ୍ୟବହାର କରାଯାଇପାରିବ, ଯାହା ଦ୍ୱାରା କାର୍ଯ୍ୟକ୍ଷମ ଦକ୍ଷତା ଉନ୍ନତ ହୋଇପାରିବ।

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଲାଞ୍ଜିଗଡ଼, ୨୬ ।୩(ସମିସ):** ତୃତୀୟ ଓ ପଞ୍ଚମ ବୃତ୍ତିରେ କୃତିତ୍ୱ ପାଇଥିବା ଛାତ୍ରଛାତ୍ରୀଙ୍କୁ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ସ୍ୱାଇଁ, ସମାଜସେବୀ ହରିଶଙ୍କର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ଶିକ୍ଷା ବର୍ଷରେ ତୃତୀୟ ଶ୍ରେଣୀ ୧୮୩ ଜଣ ଓ ପଞ୍ଚମ ଶ୍ରେଣୀ ବୃତ୍ତି ଦେଇଥିବା ୧୮୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ତୃତୀୟ ବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭ ଜଣ ମେରିଟ୍ ଓ ୭ଜଣ ବିପିଏଲ ଛାତ୍ରଛାତ୍ରୀ କୃତିତ୍ୱ ହୋଇଥିଲେ। ସେହିପରି ପଞ୍ଚମ ବୃତ୍ତିରେ ମଧ୍ୟ ୭ ଜଣ ମେରିଟ୍ ଓ ୭ ଜଣ ବିପିଏଲ ଅନୁସାରେ କୃତିତ୍ୱ ହୋଇଛନ୍ତି।ଗୁରୁବାର ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରମାଣପତ୍ର ପ୍ରଦାନ୍ କରାଯିବା ସହ ସେହି ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ୧୩ଟି ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ଅସୁରକ୍ଷିତ କୋଠା

**ଧର୍ମଗଡ଼, ୨୬ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଚିଲିଚିଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୁରୁଣା ଭଙ୍ଗା ଦଦରା ପରିତ୍ୟକ୍ତ ଅଙ୍ଗନବାଡିକେନ୍ଦ୍ର ଓ ମାଳତୀ ଚୌଧୁରୀ ଶ୍ରେଣୀ କୋଠରୀ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ପାଇଁ ବିପଦର ଆଶଙ୍କା ସୃଷ୍ଟି କରିଛି। ବହୁ ବର୍ଷ ପୂର୍ବରୁ ନିର୍ମିତ ଏହି ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ସମୟକ୍ରମେ ଭଙ୍ଗାଦଦରା ହୋଇ ପଡ଼ିଛି। କାନ୍ଥଗୁଡ଼ିକରେ ଫାଟ ଦେଖାଦେବା ସହ ଅନେକ ସ୍ଥାନରେ ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି।



ପରବର୍ତ୍ତୀ ସମୟରେ ବିଦ୍ୟାଳୟ ପରିସରରେ ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରାଯାଇଛି।ପୁରୁଣା ପରିତ୍ୟକ୍ତ କୋଠରୀଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇ ନଥିବାରୁ ଏହା ବିଦ୍ୟାଳୟ ପରିସରରେ ରହିଛି। ଯେ କୌଣସି ସମୟରେ ଏହା ଭାଙ୍ଗିଯିବାର ସମ୍ଭାବନା ରହିଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ, କର୍ମଚାରୀ ଅସୁରକ୍ଷିତ ହୋଇପଡ଼ିଛନ୍ତି।ଭଙ୍ଗା କୋଠରୀ ଅସାମାଜିକ ବ୍ୟକ୍ତିଙ୍କ ଅଡ୍ଡାସ୍ଥଳୀ ପାଲଟିଛି। ସମସ୍ୟା ସମ୍ପର୍କରେ ବିଦ୍ୟାଳୟ ଓ ଗ୍ରାମବାସୀଙ୍କ ପକ୍ଷରୁ ଅନେକ ଥର ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀ ଓ ଧର୍ମଗଡ଼ ସିଡିପିଓ ଓ ବିଡ଼ିଓଙ୍କୁ ଅବଗତ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହେଉଛି। ଏପରିକି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତାବ ଅନୁମୋଦନ ସହ ବିଇଓ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଠାଯାଇଥିଲା। ଅସୁରକ୍ଷିତ ପରିତ୍ୟକ୍ତ କୋଠା ଭାଙ୍ଗିବାକୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଅଭିଭାବକ, ପରିଚାଳନା କମିଟି ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯେ କୌଣସି ସମୟରେ ଅଘଟଣ ଆଶଙ୍କା ରହିଥିବାରୁ ବିଦ୍ୟାଳୟର କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ଅସୁରକ୍ଷିତ କୋଠାକୁ ତୁରନ୍ତ ଭାଙ୍ଗିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କାଉଗୁଡ଼ା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୨୬ ।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତସ୍ଥିତ କାଉଗୁଡ଼ା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ଦୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର, ଲାଞ୍ଜିଗଡ଼ରୋଡ ସରପଞ୍ଚ ମମତା ଶବର, ପୂର୍ବତନ ଶିକ୍ଷକ ଉମାଶଙ୍କର ପଣ୍ଡା, ସୁରେଶ ଚନ୍ଦ୍ର ସାହୁ, ପ୍ଲାଷ୍ଟିକୁଡି ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ, ବରିଷ୍ଠ ସୂର୍ଯ୍ୟ ନାରାୟଣ ପଣ୍ଡା, ସମାଜସେବୀ ହରିଶଙ୍କର ପାତ୍ର ପରିଚାଳନା କମିଟି ସଭାପତି କଳାକୃଷ୍ଣ ଶବର ପ୍ରମୁଖ ଯୋଗଦେଇ ଥିଲେ। ଶ୍ରୀମତୀ ଦୋରା ସ୍ୱାଗତ ଅଭିଭାଷଣ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ପୂର୍ବରୁ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ଲମ୍ବୋଦର ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷକ ସତ୍ୟବାଦୀ ନାଏକ, ନରେଶ କୁମାର ସାହୁ, ହିମାଚଳ ସାହୁ, ଜଗନ୍ନାଥ ନାଏକ, ସନ୍ଦିପ ମିଶ୍ର, କୋକିଲ ଶବର, ବିବେକ ମହାପାତ୍ର, ପ୍ରଶାନ୍ତ ପ୍ରଧାନ, ଅରୁଣକୁମାର ପଣ୍ଡା, ଶିକ୍ଷୟିତ୍ରୀ ନମିତା ମାଝୀ, ଅଞ୍ଜଳି ସାହୁ, ପଦ୍ମିନୀ ସାହୁ, ରସ୍ମିତା ସାହୁ, ପୁଷ୍ପାଞ୍ଜଳି ପଣ୍ଡା, ସବିତା ଜଗତ, କନିଷ୍ଠ କିରାଣୀ ଆଲୋକ ମହାକୁଡ଼, ବିଦ୍ୟାଳୟ କର୍ମଚାରୀ ମମତା ନାଏକ, ଆରତୀ ପ୍ରଧାନ, ସଂକୀର୍ତ୍ତନ ଶବର, କ୍ଷୀରାବ୍ଧି ଯୁଆଡ, ସୁଦର୍ଶନ ପାତ୍ର, ସମାଜ ଶବର, ସୁନା ମାଝୀ, ଚମ୍ପା ମାଝୀ, ଗୋପିମଣି ଶବର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଲାଞ୍ଜିଗଡ଼, ୨୬ ।୩(ସମିସ):** ଲାଞ୍ଜିଗଡ଼ସ୍ଥିତ ଡ଼ିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର ବାର୍ଷିକୋତ୍ସବ ଅଧ୍ୟକ୍ଷା ଡକ୍ଟର ମାନବୀନ କୌରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବେଦାନ୍ତ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବେଦାନ୍ତ ବିତ୍ତ ବିଭାଗ ମୁଖ୍ୟ ପିୟୁଷ ଲୁନାବତ ଯୋଗଦାନ କରିଥିଲେ।ପ୍ରଥମେ ମୁଖ୍ୟଅତିଥି ଦୀପ ପ୍ରଜ୍ୱଳନ କରି ବାର୍ଷିକୋତ୍ସବର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ଡ. କୌର ସ୍ୱାଗତ ଅଭିଭାଷଣ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କଠିନ ପରିଶ୍ରମ ଓ ଦୁର୍ବାର ଇଚ୍ଛାଶକ୍ତି ହିଁ ଛାତ୍ରଛାତ୍ରୀଙ୍କ ଉନ୍ନତିର ମୂଳ କାରଣ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ମହୋତ୍ସବରେ ମୁଖ୍ୟଅତିଥି ଶ୍ରୀ ଭଟ୍ଟାଚାର୍ଯ୍ୟ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ସହ ଚାରିତ୍ରିକ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ।ସମ୍ମାନିତ ଅତିଥି ଶ୍ରୀ ଲୁନାବଟ କୃତୀ ଛାତ୍ରୀଛାତ୍ରୀଙ୍କ ଉଚ୍ଚ ପ୍ରଶଂସା କରିବା ସହ ଭବିଷ୍ୟତ ମଙ୍ଗଳ କାମନା କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟର ଛାତ୍ରଛାତ୍ରୀ ନୁପୁର ଚିଚୁଆଁ, ସୁଶ୍ରୀ ସୌମ୍ୟା, ଲୁସେନ ବାଗ, ଲକ୍ଷିତ ବୈଷ୍ଣବ, ଆଦିତ୍ୟ ଅଗ୍ରୱାଲ, ଅପର୍ଣ୍ଣା ପାତ୍ର, ଆରାଧ୍ୟା ଗୁରୁ ଓ ସାଂଭି ପଣ୍ଡା। ଚଳିତ ବର୍ଷର ବିଦ୍ୟାଳୟର ଉନ୍ନତି ତଥା ପ୍ରଗତିର ଗୁଣଗାନ କରିଥିଲେ ଇଂରାଜୀ ଶିକ୍ଷକ ଶ୍ରୀ ସୁଶାନ୍ତ ମେହେର ବିଦ୍ୟାଳୟ।ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବର୍ତ୍ତିକା' ଉନ୍ମୋଚିତ ହୋଇଥିଲା। ଶେଷରେ ଶିକ୍ଷକ ଜିତେନ୍ଦ୍ର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ

**କେସିଙ୍ଗା, ୨୬ ।୩(ସମିସ):** କେସିଙ୍ଗା ଏନ୍ଏସି ୱାର୍ଡ ନଂ ୯ ପାଢ଼ୀ କଲୋନୀରେ ବହୁ ଅସୁବିଧା ଲାଗିରହିଛି। ବିଜୁ ପଟ୍ଟନାୟକ ଖେଳ ଭବନ ନିକଟରେ ଥିବା ଉକ୍ତ କଲୋନୀରେ ଭଲ ରାସ୍ତା ନାହିଁ, ଡ୍ରେନେଜ୍ ସିଷ୍ଟମ ତର୍ଦ୍ଦୁପ।ଡ୍ରେନ ସବୁ ପୋତି ହୋଇ ରାସ୍ତା ସହିତ ମିଶି ଗଲାଣି ରାସ୍ତା ଉପରେ ଗାଡ଼ି ଗାଡ଼ି ମାଇଲା ପଡୁଛି କିନ୍ତୁ ଏନ୍ଏସି ପକ୍ଷରୁ ମାଇଲା ପାଉଥିବା ୱାର୍ଡବାସୀଙ୍କୁ ତାଗିଦ୍ କରୁନାହିଁ।କିନ୍ତୁ ସପ୍ତାହରେ ଦୁଇରୁ ତିନି ଥର ଏନ୍ଏସିର ଗାଡ଼ି ଆସି ମାଇଲା ଫିଙ୍ଗୁଛି ସତ ତଥାପି ଅବହେଳିତ ଅବସ୍ଥାରେ ରହିଛି କଲୋନୀ।ସେପଟେ କଲୋନୀ ରେ ବିଦ୍ୟୁତ୍ ସଂଯୋଗ ପାଇଁ ରହିଥିବା ପୋଲ ଗୁଡ଼ିକ ରାସ୍ତା ମଝିରେ ରହି ଯାଇଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇ ଯାଇଛି। ପ୍ରାୟ ୪ ରୁ ୫ ବିଦ୍ୟୁତ୍ ପୋଲ ରାସ୍ତାରେ ମାଝିରେ ରହି ଯାଇଛି ଫଳରେ ଦରକାର ସମୟରେ ସାହି ଭିତରକୁ ଆମ୍ବୁଲାନ୍ସ ଆସି ପାରୁନାହିଁ।ଉକ୍ତ ବିଦ୍ୟୁତ୍ ପୋଲ ବିଷୟରେ ଗତ ୧୪.୫.୨୦୨୫ ତାରିଖରେ 'ସକାଳ'ରେ ଖବର ପ୍ରସାରଣ କରାଯାଇ ବିଦ୍ୟୁତ୍




ଅଧିକାରୀ, ଏନ୍ଏସି ଅଧିକାରୀ ଓ ଜିଲ୍ଲା ପ୍ରଶାସନର ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିଲା ଖବର ପ୍ରସାରଣର ସପ୍ତାହେ ଭିତରେ ବିଦ୍ୟୁତ୍ ବିଭାଗର ଅଧିକାରୀ ଓ ପିଏଚ୍‌ଡି ବିଭାଗର ଅଧିକାରୀ ଓ କର୍ମଚାରୀ ଆସି ବିଦ୍ୟୁତ୍ ଖୁଣ୍ଟର ଅବସ୍ଥା ଦେଖି ବିଭିନ୍ନ ବାହାନା କରି ହାତ ଟେକି ଦେଇଥିଲେ। ସେବେ ଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ବର୍ଷେ ହେଲାଣି କେହି ଶୁଣୁ ନାହାନ୍ତି ୱାର୍ଡବାସୀଙ୍କ ଦୁଃଖ। ୱାର୍ଡବାସୀଙ୍କ କହିବା ଅନୁସାରେ ଯାହାଦ୍ୱାରା କାମ ହେବ ଯାହାର ଆଦେଶ ରେ କାମ ହେବ ସେମାନେ ଯଦି ହାତ ଟେକି ଦେବେ ହେଲେ ଲୋକଙ୍କ ସମସ୍ୟା ବୁଝିବ କିଏ। ସାହିର ୧୫ ଫୁଟିଆ ରାସ୍ତା ବିଦ୍ୟୁତ୍ ପୋଲ ପାଇଁ ଦୁଇ ଭାଗ ହୋଇ ଯାଇଛି ଦିନକୁ ଦିନ ବୃଦ୍ଧି ପାଉଛି ସମସ୍ୟା। ସେପଟେ କଲୋନୀ ଭିତରେ ତିଆରି ହୋଇଥିବା ଡ୍ରେନ ମଝିରେ ବିଦ୍ୟୁତ୍ ପୋଲ ଥିବାରୁ ଠିକ ରେ ପାଣି ନିଷ୍କାସିତ ହୋଇ ପାରୁନାହିଁ।ଏନ୍ଏସି କାର୍ଯ୍ୟାଳୟରୁ ମାତ୍ର ୪ରୁ ୫ଶହ ମିଟର ଦୂରରେ ଥିବା ପାଢ଼ୀ କଲୋନୀର ସମସ୍ୟାକୁ କର୍ତ୍ତୃପକ୍ଷ ଧ୍ୟାନ ଦେଉନାହାନ୍ତି। ସେପଟେ ଶୁଣିବାକୁ ମିଳୁଛି ଯେ କେସିଙ୍ଗା ଏନ୍ଏସି ପକ୍ଷରୁ ଉକ୍ତ ରାସ୍ତା କାମ ଶୀଘ୍ର ଆରମ୍ଭ କରାଯିବ ହେଲେ ବିଦ୍ୟୁତ୍ ପୋଲ ନ ଘୁଞ୍ଚାଇ ରାସ୍ତା କାମ କଲେ ୱାର୍ଡ ବାସୀ କୌଣସି ଲାଭ ପାଇବେ ନାହିଁ।ପ୍ରଥମେ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ପୋଲ ଗୁଡ଼ିକୁ ସ୍ଥାନାନ୍ତରିତ କରି ରାସ୍ତା କାମ କରିବାକୁ ପାଢ଼ୀ କଲୋନୀବାସୀ ଦାବି କରିଛନ୍ତି। ଜିଲ୍ଲାପାଳ ନିଜେ କଥାକୁ ଗୁରୁତ୍ୱ ଦେଇ ସମସ୍ୟା ର ସମାଧାନ କରିବା ପାଇଁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି।

# ଗୋପାଳପୁରରେ ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା

**ଥୁଆମୂଳରାମପୁର, ୨୬ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ପଞ୍ଚାୟତର ଡାକକୋଟା, ଧାମନଗୁଡା, ଗୋପାଳପୁର, ପାଲଯୋର, ପୋଖରୀଗୁଡା, କୁମଯୋର,



ପାଡେଲଗୁଡା, ଖମାରପଦର, କୁମୁଡାଲ ବାହାଲ, ଲହରାଯୋର ସମେତ ଅନ୍ୟାନ୍ୟ ଗାଁରୁ ଶତାଧିକ ପୁରୁଷ ଓ ମହିଳା, ଯୁବକ ଓ ଯୁବତୀ ଉପସ୍ଥିତ ଥିଲେ। ମେଳାରେ ଗୋପାଳପୁର ପଞ୍ଚାୟତର ୧୮ ଟି ପ୍ରମୁଖ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସେଥିରେ ବସୁଧା ଜଳ ଯୋଗାଣ ବ୍ୟବସ୍ଥା, ଧାନଖଳା, ନିର୍ମାଣ କାର୍ଯ୍ୟ, ବିବାହ ମଣ୍ଡପ, ପକ୍କା ରାସ୍ତା, ଷ୍ଟ୍ରିଟ୍‌ଲାଇଟ, ଜଳସେଚନ ବ୍ୟବସ୍ଥା ଭଳି ଅନେକ ଜରୁରୀ ସମସ୍ୟା ଉଠିଥିଲା। ସମସ୍ତ ସମସ୍ୟାକୁ ପଞ୍ଚାୟତରେ ଗଠିତ ସମନ୍ୱୟ ସମିତି ପକ୍ଷରୁ ଥୁଆମୂଳରାମପୁର ବ୍ଲକର ଭାରପ୍ରାପ୍ତ ଜିପିଇଓ ବାଲେଶ୍ୱର ନାଏକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିପିଇଓ ଶ୍ରୀ ନାଏକ ପଞ୍ଚାୟତର ସମସ୍ୟାଗୁଡିକୁ ଗୁରୁତ୍ୱ ସହିତ ନେଇ ସମାଧାନ ଓ ଅଞ୍ଚଳର ସମଗ୍ର ବିକାଶ ପାଇଁ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପଞ୍ଚାୟତ ସମନ୍ୱୟ ସମିତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଗ୍ରାମ ବିକାଶ ସଂସ୍ଥା ସହଯୋଗ କରିଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ବେଣି ମାଝୀ, ଶିକ୍ଷକ ରାମଚନ୍ଦ୍ର ନାୟକ, ବ୍ଲକ ଯୋଗାଣ ଅଧିକାରୀ ବିଜୁ ରଞ୍ଜନ ସାହୁ, ରାଜେନ୍ଦ୍ର ଦେବ, ସୁନା ରାମ ସୋରେନ, ପ୍ରତାପ ନାଏକ, ଜିଲ୍ଲା ସଂଯୋଜକ ସୁରେଶ ବାରିକ୍, ଥିମାଟିକ୍ ସଂଯୋଗ ଗୌତମ ରାଉତ, ପରକ୍ଷୀତ ନାୟକ, ସିନ୍ଧିପଦର ସରପଞ୍ଚ ଗୀତାଞ୍ଜଳି ମାଝୀ, ବାଜ୍ରା ଭୋଇ, ଦୁର୍ଯ୍ୟୋଧନ ନାୟକ ସମେତ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଗୋପାଳପୁର ପଞ୍ଚାୟତ ସମନ୍ୱୟ ସଦସ୍ୟା କାର୍ଯ୍ୟକ୍ରମକୁ ସଫଳ କରିଥିଲେ।ଶେଷରେ ଗୋପାଳପୁର କନ୍ୟା ଆଶ୍ରମ ଓ ଗ୍ରାମ ବିକାଶ ଶିକ୍ଷା ନିକେତନର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନୂଆପଡ଼ାରେ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

# ବରିଷ୍ଠ ନାଗରିକଙ୍କ ପାଇଁ ଘରେ ସ୍ୱାସ୍ଥ୍ୟସେବା ଅଭିଯାନ

**ନୂଆପଡ଼ା, ୨୬ ।୩(ସମିସ)**

ନୂଆପଡ଼ା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସିଡିଏମ୍‌ଓ ଡ.ଧନେଶ୍ୱର ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାର କମାଇବାକୁ ସର୍ବାଧିକ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଜୋର ଦେଇଥିଲେ। ଗତ ଫେବୃଆରୀ ମାସରେ ୩ଟି ମାତୃ ମୃତ୍ୟୁ ଓ ୧୮ଟି ଶିଶୁ ମୃତ୍ୟୁ ଘଟଣା ରିପୋର୍ଟ ହୋଇଥିବାରୁ ସେଗୁଡ଼ିକର ମୂଳକାରଣ ଚିହ୍ନଟ କରି ନିରାକରଣମୂଳକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲାରେ ଆଣ୍ଟିନେଟାଲ କେୟାର କ୍ଷେତ୍ରରେ ୧୦୩ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି ଏବଂ ଡେଲିଭରି ପଏଣ୍ଟରେ ନବଜାତ ଶିଶୁ ସ୍କ୍ରିନିଂ ୯୪ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଛି। ଯାହାକୁନେଇ




ଜିଲ୍ଲାପାଳ ସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତ ସୂଚକରେ ସୁଧାର ଆଣିବାକୁ ମଧ୍ୟ ସେ କହିଥିଲେ। ଜିଲ୍ଲାପାଳ ସମସ୍ତ ବିଦ୍ୟାଳୟରେ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟ ପରିଚୟ ପତ୍ର (ଆଭା ଆଇଡି) ସୃଷ୍ଟି କରି ସ୍ୱାସ୍ଥ୍ୟ ତଥ୍ୟକୁ ଡିଜିଟାଲ ମାଧ୍ୟମରେ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରୂପେ ୮୦ ବର୍ଷ ଊର୍ଦ୍ଧ୍ୱ ବୟସ୍କ ନାଗରିକମାନଙ୍କ ପାଇଁ ଘରେଘରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ବିଶେଷ 'ଅଭିଯାନ' ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଅଭିଯାନ ଅନ୍ତର୍ଗତ ସ୍ୱାସ୍ଥ୍ୟ କର୍ମୀମାନେ ପ୍ରତି ମାସ ଥରେ ବରିଷ୍ଠ ନାଗରିକଙ୍କ ଘରକୁ ଯାଇ ତାଙ୍କ ରକ୍ତଚାପ ଓ ମଧୁମେହ ପରୀକ୍ଷା କରିବେ। ଏହି ଅବସରରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ ସମିତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ହସ୍ପିଟାଲ ଉନ୍ନୟନ ଓ ସେବା ସୁଧାର ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ, ଡିପିଏମଓ ସତ୍ୟନାରାୟଣ ତ୍ରିପାଠୀ, ଡିଏମଓ (ଏମଏସ୍) କମ୍‌ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଲଳିତ ମୋହନ ବିଶି, ଡିପିଏଚଓ ଡାକ୍ତର ଦ୍ୱାରିକାନାଥ ସତପଥୀ, ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ଜ୍ୟୋତିର୍ମୟ ସୁଭେନ୍ଦୁ ମହାନ୍ତି, ଏଡିପିଏଚଓ (କୁଷ୍ଠ) ଡାକ୍ତର ତନ୍ମୟ ତ୍ରିପାଠୀ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୭୧- ପ୍ରଥମ ଅନ୍ତରାଷ୍ଟ୍ରୀୟ ରଗ୍‌ବି ମ୍ୟାଚ୍ ସ୍କଟ୍‌ଲ୍ୟାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଖେଳାଗଲା।
- ୧୯୩୩- ଜାପାନ ମିଳିତ ଜାତିସଂଘରୁ ଅଲଗା ହେଲା।
- ୧୯୬୧- ବିଶ୍ୱ ରଙ୍ଗମଞ୍ଚ ଦିବସ ପାଳନ ଆରମ୍ଭ ହେଲା।
- ୧୯୬୪- ଆଲାସ୍କାରେ ୮.୪ ତୀବ୍ରତାର ଭୂମିକମ୍ପ ଆସିବାରୁ ୧୧୮ ଲୋକଙ୍କ ପ୍ରାଣହାନି।
- ୧୯୭୭- ୟୁରୋପୀୟ ଫାଇଟର ଏୟାରକ୍ରାଫ୍ଟ 'ୟୁରୋଫାଇଟର' ପ୍ରଥମ ଥର ପାଇଁ ଉଡ଼ାଣ କଲା।

# ପୁରୁଷୋତ୍ତମ ଶ୍ରୀରାମ



ଚୈତ୍ର ମାସର ଶୁକ୍ଳ ପକ୍ଷ ନବମୀ ତିଥି ଓ ପୁନର୍ବସୁ ନକ୍ଷତ୍ରରେ ପ୍ରଭୁ ଶ୍ରୀରାମ ଧରାପୃଷ୍ଠରେ ଅବତରି ଥିଲେ। ତେଣୁ ଏହି ତିଥିକୁ ରାମ ନବମୀ ଭାବେ ପାଳନ କରାଯାଏ। ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ, ତ୍ରେତୟା ଯୁଗରେ ରଘୁକୂଳରେ ଜନ୍ମ ହୋଇଥିଲେ ପୁରୁଷୋତ୍ତମ ଶ୍ରୀରାମ। ଭଗବାନ ବିଷ୍ଣୁଙ୍କ ଅବତାର ଭାବେ ଶ୍ରୀରାମ ଅଯୋଧ୍ୟା ନରେଶ ଦଶରଥଙ୍କ ଘରେ ଜନ୍ମଗ୍ରହଣ କରିଥିଲେ। ଶ୍ରୀରାମଙ୍କ ଜନ୍ମ ଦୁଷ୍ଟ ରାବଣର ବଧ ନିମନ୍ତେ ହୋଇଥିଲା ବୋଲି କୁହାଯାଏ। ସେଥିପାଇଁ ରାମନବମୀ ଉତ୍ସବ ଧର୍ମ, ଶକ୍ତିର ମହିମା, ଭଲ ଓ ଖରାପ ମଧ୍ୟରେ ସଂଘର୍ଷକୁ ଦର୍ଶାଇଥାଏ। ରାମନବମୀ ଉପଲକ୍ଷେ ନବଦିନବ୍ୟାପି ଭଜନକୀର୍ତ୍ତନ, ଅଖଣ୍ଡପାଠ ଆଦି ଚାଲେ। ବିଶେଷକରି ରାମଚରିତମାନସ ପାଠ କରାଯାଏ। ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା ସମେତ ସାରା ଦେଶରେ ବଡ଼ ଧୂମ୍‌ଧାମ୍ ଜାକଜମକରେ ପାଳିତ ହୋଇଥାଏ ରାମନବମୀ। ଏହିଦିନ ବ୍ରତଧାରୀମାନେ ନିଜ ନିଜର ଘର ଅଗଣାକୁ ଧୋଇ ପରିଷ୍କାର କରି ପତ୍ର ପୁଷ୍ପରେ ସୁସଜ୍ଜିତ କରିଥାନ୍ତି ଓ ଶ୍ରୀରାମଙ୍କ ପୂଜା ସମାପ୍ତ ନ ହେବା ପର୍ଯ୍ୟନ୍ତ ଉପବାସ ବ୍ରତ ପାଳନ କରିଥାନ୍ତି। ଅଶୋକପୁଷ୍ପ, ତୁଳସୀ, କୁଶ, ଘୃତ ପକ୍ୱ ଦ୍ରବ୍ୟ ଓ ବିଭିନ୍ନ ସୁସ୍ୱାଦୁ ଫଳମୂଳ ଦ୍ୱାରା ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ଶ୍ରୀରାମଙ୍କ ବିଗ୍ରହ ପୂଜା ପାଉଥିବା ରଘୁନାଥ ମନ୍ଦିରମାନଙ୍କରେ ବିଶେଷ ଆଡ଼ମ୍ବର ସହିତ ଶ୍ରୀରାମଙ୍କର ଏହି ଜନ୍ମୋତ୍ସବ ପାଳିତ ହୋଇଥାଏ। ସ୍ଥାନେ ସ୍ଥାନେ ଶ୍ରୀରାମ ନବମୀରେ ରାମଜନ୍ମ ଲୀଳା ସମ୍ବଳିତ ଯାତ୍ରା, ପାଲା, ନୃତ୍ୟ, ସଙ୍ଗୀତ, ଅଭିନୟ ଆଦି ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ବ୍ୟବସାୟ ସଂସ୍ଥା ଶ୍ରୀରାମ ନବମୀ ଦିନ ନୂତନ ଖାତା ପ୍ରଚଳନ କରିଥାନ୍ତି। ଏହିଦିନ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ଉତ୍ସବ ବିଧିପୂର୍ବକ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥାଏ। ରାମ ନବମୀ ଦିନ ପ୍ରଭୁ ଶ୍ରୀରାମଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କଲେ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଭକ୍ତି, ଉପାସକ, ତପସ୍ୟା, ସତ୍ୟ, ବଳିଦାନ, ପ୍ରେମ ଏବଂ କର୍ତ୍ତବ୍ୟର ଏକ ଜୀବନ୍ତ ଉଦାହରଣ ଶ୍ରୀରାମ। ମହର୍ଷି ବାଲ୍ମିକୀ ହୁଅନ୍ତୁ ଅବା ଗୋସ୍ୱାମୀ ତୁଳସୀ ଦାସ, ଉଭୟ ଶ୍ରୀରାମଙ୍କ ଆଦର୍ଶ ଚରିତ୍ରକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି। ସକଳ ଦୃଷ୍ଟିରୁ ମର୍ଯ୍ୟାଦାବନ୍ତ ଏବଂ ସକଳ ପରିସ୍ଥିତିରେ ନିଜ ମର୍ଯ୍ୟାଦା ଧାରଣ କରି ତାହାକୁ ପ୍ରତିଷ୍ଠିତ କରିଥିବାରୁ ସେ ଯଥାର୍ଥରେ ମର୍ଯ୍ୟାଦା ପୁରୁଷୋତ୍ତମ। ରାମ ଥିଲେ ସକଳ ଆଦର୍ଶର ଅକ୍ଷୟ ମାନଦଣ୍ଡ।

# ହରର୍ ଫିଲ୍ମରେ ଅଜୟ



ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ଏବେ 'ଦୃଶ୍ୟମ୍ ୩' ଓ 'ଗୋଲମାଲ ୫' ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ତାଙ୍କର ଅନ୍ୟ ଏକ ଫିଲ୍ମକୁ ନେଇ ଖବର ଆସିଛି। ଅଜୟ ଏବେ ଏକ ହରର୍ ଫିଲ୍ମରେ ନଜର ଆସିବେ ବୋଲି ଜଣାପଡ଼ିଛି। ଏହି ଫିଲ୍ମ ପାଇଁ ସେ 'ସର୍ଦ୍ଦାରଜୀ' ଫେମ୍ ନିର୍ଦ୍ଦେଶକ ରୋହିତ୍ ଯୁଗରାଜଙ୍କ ସହ ହାତ ମିଳାଇଛନ୍ତି। ଏହାପୂର୍ବରୁ ଅଜୟଙ୍କ ଅଭିନୀତ ହରର୍ ଫିଲ୍ମ 'ଭୂତ୍'(୨୦୦୩), 'କାଲ୍'(୨୦୦୫) ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଫିଲ୍ମର ଟାଇଟଲ୍ 'ଗୃହ ପ୍ରବେଶ' କିମ୍ବା 'ବାସ୍ତୁ ଶାସ୍ତ୍ର' ରଖିବା ପାଇଁ ଏହାର ନିର୍ମାତା ଯୋଜନା କରୁଛନ୍ତି। ତେବେ ଫିଲ୍ମର କାହାଣୀକୁ ଆଖି ଆଗରେ ରଖି 'ଗୃହ ପ୍ରବେଶ' ରଖାଯାଇପାରେ ବୋଲି ଅନୁମାନ କରାଯାଉଛି। ଏହାର ସୁଟିଂ ବ୍ରିଟେନରେ ହେବ। ଏବେ ଏହାର ପ୍ରିପ୍ରଡକ୍ସନ କାମ ଚାଲିଛି। କୁମାର ମଙ୍ଗତ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ତେବେ ଏହା ଚିରାଚରିତ ହରର୍ ଫିଲ୍ମଠାରୁ ଅଲଗା ହେବ ବୋଲି ଫିଲ୍ମ ନିର୍ମାତା କହିଛନ୍ତି। ଏବେ ଅଜୟଙ୍କ ବ୍ୟତୀତ ଅନ୍ୟ କଳାକାରମାନଙ୍କୁ ଫାଇନାଲ କରାଯାଉଛି। ଫିଲ୍ମର ସୁଟିଂ ଆସନ୍ତା ଜୁଲାଇ ମାସଠାରୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଏହା ଆସନ୍ତାବର୍ଷ ମୁକ୍ତିଲାଭ କରିବ।

# ବିଶ୍ୱ ରଙ୍ଗମଞ୍ଚ ଦିବସ



ଆଜି ବିଶ୍ୱ ରଙ୍ଗମଞ୍ଚ ଦିବସ। ରଙ୍ଗମଞ୍ଚ କଳାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଆନ୍ତର୍ଜାତିକ ରଙ୍ଗମଞ୍ଚ ପ୍ରତିଷ୍ଠାନ ଦ୍ୱାରା ୧୯୬୧ରେ ଆରମ୍ଭ ହୋଇଥିଲା ବିଶ୍ୱ ରଙ୍ଗମଞ୍ଚ ଦିବସ। ନାଟକ ଓ ନାଟ୍ୟକଳାର ମୂଲ୍ୟବୋଧ, ମନୋରଞ୍ଜନ କ୍ଷେତ୍ରରେ ସେମାନଙ୍କର ଭୂମିକା ଓ ନାଟ୍ୟକଳାରେ ଆସିଥିବା ପରିବର୍ତ୍ତନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ୧୯୬୧ ମସିହାରେ ଫିନ୍‌ଲାଣ୍ଡର ହେଲସିଙ୍କି ଠାରେ ଆୟୋଜିତ ଆନ୍ତର୍ଜାତିକ ଥିଏଟର ପ୍ରତିଷ୍ଠାନର ବିଶ୍ୱ ସମାବେଶରେ ବିଶ୍ୱ ରଙ୍ଗମଞ୍ଚ ଦିବସ ପାଳନର ପରିକଳ୍ପନା କରାଯାଇଥିଲା। ସେହିଦିନଠାରୁ ନିରନ୍ତର ଭାବେ ପ୍ରତିବର୍ଷ ଆଜିର ଦିନରେ ବିଭିନ୍ନ ଦେଶରେ ନାଟକ ମଞ୍ଚସ୍ଥ ପୂର୍ବକ ଏହି ଦିବସ ପାଳିତ ହୋଇ ଆସୁଛି। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ କେବଳ ଲୋକଙ୍କ ମନୋରଞ୍ଜନ କରେ ନାହିଁ, ବରଂ ସେମାନଙ୍କୁ ସାମାଜିକ ସମସ୍ୟା ବିଷୟରେ ଅବଗତ କରାଏ।

ଯେତେବେଳେ ଲୋକେ ସିନେମା କ'ଣ ଜାଣିନଥିଲେ, ସେତେବେଳେ ରଙ୍ଗମଞ୍ଚ ଲୋକମାନଙ୍କର ମନୋରଞ୍ଜନର ମାଧ୍ୟମ ଥିଲା। ଆଜି ବି ଲୋକେ ଥିଏଟର ଦେଖିବାକୁ ପସନ୍ଦ କରନ୍ତି। କାରଣ ଥିଏଟରରେ ପ୍ରକୃତ ନାଟକର ସଂଜ୍ଞା ମିଳିଥାଏ। ତେବେ ନାଟକର ଏହି ଧାରାକୁ ଜୀବନ୍ତ ରଖିବା ଏବଂ ସାମାଜରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ବର୍ଷ ରଙ୍ଗମଞ୍ଚ ଦିବସ ପାଳନ କରାଯାଏ। ଏହାଦ୍ୱାରା ନାଟ୍ୟକଳାର ମହତ୍ତ୍ୱ, ମନୋରଞ୍ଜନରେ ତାହାର ଭୂମିକା ଏବଂ ଲୋକଙ୍କ ଜୀବନରେ ତାହା ଦ୍ୱାରା ଗ୍ରହଣ କରାଯାଉଥିବା ସମ୍ଭାବ୍ୟ ଉନ୍ନତି ବିଷୟରେ ଜନସଚେତନତା ସୃଷ୍ଟି ହୋଇପାରୁଛି। ଭାରତରେ ରଙ୍ଗମଞ୍ଚର ଇତିହାସ ଖୁବ୍ ପୁରୁଣା। ଭରତ ମୂନିଙ୍କ ରଚିତ ଆମ ଭାରତୀୟ ନାଟ୍ୟଶାସ୍ତ୍ର ହେଉଛି ବିଶ୍ୱର ସର୍ବପୁରାତନ ନାଟ୍ୟଶାସ୍ତ୍ର। ଯେଉଁଥିରେ ଭାବ ଆଉ ରସକୁ ପ୍ରମୁଖତାର ସହ ବାଖ୍ୟା କରାଯାଇଛି। ସେହିଭଳି 'ବାବାଜୀ'ରୁ ଆରମ୍ଭ ହୋଇଥିଲା ଓଡ଼ିଆ ନାଟକର ଅଭିଯାନ। ଦିନ ଥିଲା ଓଡ଼ିଶାରେ ମଞ୍ଚନାଟକର ଲୋକାଦୃତି ଥିଲା। ହେଲେ ଏବେ କାଁ ଭାଁ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି। ଧୀରେ ଧୀରେ ନାଟକର ଚାହିଦା କମୁଥିବାରୁ ନାଟକ ଲେଖୁଥିବା ନାଟ୍ୟକାର, ମଞ୍ଚକାର ଏବଂ କଳାକାରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ରଙ୍ଗମଞ୍ଚ ସହ ଜଡ଼ିତ କଳାକାରଙ୍କୁ ଏହିଦିନ ସମ୍ମାନିତ କରାଯାଏ। ଅନ୍ୟପଟେ ଆଜି ମନୋରଞ୍ଜନର ଏକାଧିକ ମାଧ୍ୟମ ଆସିବା ସତ୍ତ୍ୱେ ରଙ୍ଗମଞ୍ଚର ଆଦର ସମ୍ପୂର୍ଣ୍ଣ ହଜି ନାହିଁ।






# ଡୋପାମାଇନ୍ ରିସେଟ୍

ବର୍ତ୍ତମାନର ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟମିତ ଖାଦ୍ୟ ସେବନ ଆଦି ଅନେକ କାରଣରୁ ଲୋକେ ନାନା ରୋଗରେ ପୀଡ଼ିତ ହେଉଛନ୍ତି। ତନ୍ମଧ୍ୟରୁ ଯୁବପିଢ଼ିଙ୍କ ମଧ୍ୟରେ ଏକାକୀପଣ ଅଧିକ ଦେଖାଯାଉଛି। ସାଧାରଣତଃ କୌଣସି କାରଣ ନଥାଇ ସେମାନେ ଉଦାସ, ଅବସାଦ ଏବଂ ଏକାକୀ ଅନୁଭବ କରିଥାନ୍ତି। ଏହାକୁ 'ଡୋପାମାଇନ୍ ଡିସେନ୍‌ସିଟାଇଜେସନ' କୁହାଯାଏ। ଶରୀରରେ ଖୁସି ହରମୋନ୍ ଡୋପାମାଇନ୍ କମ୍‌ରୁ ଏହା ହୋଇଥାଏ। ଡୋପାମାଇନ୍ ଡିସେନ୍‌ସିଟାଇଜେସନ ସ୍ଥିତିରେ ମସ୍ତିଷ୍କ ଠିକ୍ ଭାବେ ପ୍ରତିକ୍ରିୟା ଦେଇପାରେ ନାହିଁ। ଏହାଦ୍ୱାରା ଜଣେ ଖୁସି ହେବା ବଦଳରେ ଚିନ୍ତାଗ୍ରସ୍ତ ରହିଥାନ୍ତି। କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରନ୍ତିନି। ସେହିପରି ବର୍ତ୍ତମାନ ମୋବାଇଲ୍ ଏବଂ ସ୍କ୍ରିନ୍ ଟାଇମ୍ ଦ୍ୱାରା ଲୋକଙ୍କ ଉଦାସୀନତା ଅଧିକ ବଢ଼ୁଛି। ଲୋକେ ୨୪ ଘଣ୍ଟା ହ୍ୱାଟସଅପ୍, ଇମେଲ୍ ଆଦି ଉପରେ ନଜର ରଖୁଥିବାରୁ ଡୋପାମାଇନ୍ (Dopamine) ପ୍ରଭାବିତ ହୋଇଥାଏ। ମସ୍ତିଷ୍କରେ ଏହି ରାସାୟନିକ ପଦାର୍ଥ କମ୍ ହେବାକୁ ଲାଗେ। ଏହି କାରଣରୁ ଲୋକ ଉଦାସ, ଦୁଃଖ ଅନୁଭବ କରନ୍ତି। ତେଣୁ ଡୋପାମାଇନ୍‌କୁ ରିସେଟ୍ କରିବାକୁ ଜଣେ ବ୍ୟକ୍ତିଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ କଥାକୁ ଗ୍ରହଣ କରିବାକୁ ପଡ଼ିବ। ପ୍ରଥମତଃ ୨୪ ଘଣ୍ଟା ସ୍କ୍ରିନ୍‌ଠାରୁ ଦୂରେଇ ରହିବାକୁ ଚେଷ୍ଟା କରିବା। ଟିଭି, ମୋବାଇଲ ଦେଖି ଖାଇବା ଅଭ୍ୟାସକୁ ପରିତ୍ୟାଗ କରିବା, ଶୋଇବା ସମୟେ ସ୍କ୍ରୀନ୍ ବ୍ୟବହାର ନ କରିବା ଏବଂ ବିନା ଚିନ୍ତାରେ ଶୋଇବା, ଶୌଚାଳୟରେ ମୋବାଇଲ୍ ବ୍ୟବହାର ନ କରିବା ଆବଶ୍ୟକ। ତା ସହିତ କିଛି କୁ-ଅଭ୍ୟାସ ଛାଡ଼ି ପ୍ରକୃତି ସହିତ ସମୟ ବିତାଇବା, ସୂର୍ଯ୍ୟକିରଣ ଏବଂ ଖୋଲା ବାୟୁଚଳାଚଳରେ ସମୟ ଅତିବାହିତ କରିବା, ନିଜକୁ ଖୁସି ଦେଉଥିବା ପରି କାମ କରିବା, ଚାଲିବା, ପଢ଼ିବା, ବ୍ୟାୟାମ, ପ୍ରାଣାୟମ, ଶାନ୍ତଭାବେ ବସିବା ଆଦି ଦ୍ୱାରା ଡୋପାମାଇନ୍ ରିସେଟ ହୋଇପାରେ।

## 'ସକାଳ'ର ସ୍ୱାସ୍ଥ୍ୟ

# ମଧୁମେହ ଓ ଗ୍ୟାଙ୍ଗ୍ରିନ୍

ବିଶୃଙ୍ଖଳିତ ଜୀବନଶୈଳୀ, ପରିବର୍ତ୍ତିତ ଖାଦ୍ୟଶୈଳୀ, ଚିନ୍ତା, ବଂଶାନୁଗତ ରୋଗ, ଅନିଦ୍ରା ଆଦି କାରଣରୁ ମଧୁମେହ ରୋଗ ହୋଇଥାଏ। ଏହାଦ୍ୱାରା ଶରୀରରେ ଇନ୍‌ସୁଲିନ୍ ଓ ରକ୍ତ ଶର୍କରା ଉପଯୋଗ ହେବାକୁ ଅସମର୍ଥ ହୋଇଥାଏ। ମଧୁମେହରେ ଶରୀରରେ ବିଭିନ୍ନ ଲକ୍ଷଣ ଦେଖା ଯାଉଥିଲେ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣକୁ ଅଣଦେଖା କଲେ ଏହା ଗମ୍ଭୀର ସ୍ଥିତି ଉପୁଜାଇ ପାରେ। ଏହି କ୍ରମରେ ଗ୍ୟାଙ୍ଗ୍ରିନ୍ (Gangrene) ଏକ ଗମ୍ଭୀର ସ୍ଥିତି। ଉଚ୍ଚ ରକ୍ତ ଶର୍କରା ସ୍ନାୟୁ ଓ ଧମନୀକୁ କ୍ଷତି ପହଞ୍ଚାଇ ଥାଏ। ଏହା ଦ୍ୱାରା ଅଙ୍ଗକୁ ରକ୍ତ ପ୍ରବାହ ହ୍ରାସ ପାଇଥାଏ। ଟିସୁ ନଷ୍ଟ ହୋଇଥାଏ। ତେଣୁ ଗ୍ୟାଙ୍ଗ୍ରିନ୍ ହେଉଛି ରକ୍ତ ଯୋଗାଣର ଅଭାବ ଯୋଗୁଁ ହେଉଥିବା ଏକ ପ୍ରକାରର ଟିସୁ ମୃତ୍ୟୁ। ଦୁର୍ବଳ ସ୍ନାୟୁ ପାଇଁ ଟିସୁ ନଷ୍ଟ ହୋଇ ଗ୍ୟାଙ୍ଗ୍ରିନ୍ ହେବା ଆରମ୍ଭ ହେଲେ ମଧ୍ୟ ରୋଗୀ ଜାଣିପାରେ ନାହିଁ। ସାମାନ୍ୟ ଆଘାତ



ବି ଗ୍ୟାଙ୍ଗ୍ରିନ୍‌ର ରୂପ ନେଇଥାଏ। ପରବର୍ତ୍ତୀ ସମୟରେ ଜଟିଳ ପରିସ୍ଥିତି ସୃଷ୍ଟି ହେଉଥିବାରୁ ନଷ୍ଟ ହେଉଥିବା ଅଙ୍ଗ ମଧ୍ୟ କାଟିବାକୁ ପଡ଼େ।

**ଗ୍ୟାଙ୍ଗ୍ରିନ୍‌ର ଲକ୍ଷଣ:** ଲକ୍ଷଣଗୁଡ଼ିକ ମଧ୍ୟରେ ଶର୍କରା ନିୟନ୍ତ୍ରଣରେ ନ ରହିଲେ ଚର୍ମର ରଙ୍ଗରେ ପରିବର୍ତ୍ତନ। ଚର୍ମ ଲାଲ କିମ୍ବା କଳା ରଙ୍ଗ ହେବା। ଗୋଡ଼ ଝିମ୍ ଝିମ୍ ଲାଗିବା, ଶୂନ୍ୟତା, ଅସହନୀୟ ଯନ୍ତ୍ରଣା, ଫୁଲା, ପାଦର ସମ୍ବେଦନଶୀଳତା କମ୍ ହେବା, ଚର୍ମ ଭାଙ୍ଗିଯିବା, ପ୍ରଭାବିତ ସ୍ଥାନରୁ ଦୁର୍ଗନ୍ଧଯୁକ୍ତ ତରଳ ପଦାର୍ଥ ବାହାରିବା ଆଦି ଲକ୍ଷଣ ଦେଖାଯାଇଥାଏ। ଏହି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କୁ ଦେଖାଇବା ଦରକାର। ରକ୍ତ ସଞ୍ଚାଳନ ହେଉଛି କି ନାହିଁ ଓ ସ୍ନାୟୁ ସଠିକ୍ କାମ କରୁଛି କି ନାହିଁ ତାହାକୁ ନିୟମିତ ପରୀକ୍ଷା କରିବା ଦରକାର।

ସେହିପରି ମଧୁମେହର ନିମ୍ନ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ। ପ୍ରଥମତଃ ଯଦି ପାଦରେ ଲାଗିଥିବା ଆଘାତ ଠିକ୍ ହେଉନି କିମ୍ବା ଘା' ଶୁଖିବାକୁ ବହୁତ ବିଳମ୍ବ ହେଉଥିଲେ ଏହା ଗ୍ୟାଙ୍ଗ୍ରିନ୍‌ର ପ୍ରାରମ୍ଭିକ ଲକ୍ଷଣ ହୋଇପାରିଥାଏ। ଥକ୍କା ଲାଗିବା କିମ୍ବା ଆଖିକୁ ଝାପ୍ସା ଦେଖାଯିବା ଶରୀରରେ ଶର୍କରା ସ୍ତର ଅସନ୍ତୁଳିତ ହେବାର ମୁଖ୍ୟ ଲକ୍ଷଣ। ଅତ୍ୟଧିକ ରକ୍ତ ଶର୍କରା ପାଇଁ ବାରମ୍ବାର ପରିସ୍ରା ମଧ୍ୟ ହୁଏ।

ଗ୍ୟାଙ୍ଗ୍ରିନ୍ ଅଙ୍ଗୁଠି, ପାଦ, ଅଙ୍ଗୁଠି ସନ୍ଧି, ହାତ ଆଦି ଅଙ୍ଗକୁ ପ୍ରଭାବିତ କରିପାରେ। ଏହା ଶୀଘ୍ର ବ୍ୟାପି ଶରୀରର ଅନ୍ୟ ଅଙ୍ଗକୁ କ୍ଷତି ପହଞ୍ଚାଇ ପାରେ। ଏହାଦ୍ୱାରା ଅଙ୍ଗକୁ କାଟିବାକୁ ପଡ଼ିପାରେ। ସେପ୍‌ସିସ କାରଣରୁ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇପାରେ। ତେଣୁ ଅଙ୍ଗୁଠି ମଧ୍ୟରେ ଧଳା ଧଳା ରଙ୍ଗରେ ଫଙ୍ଗାଲ ସଂକ୍ରମଣ ହୋଇଥିଲେ ଡାକ୍ତର ଦେଖାଇ ଔଷଧ ଖାଆନ୍ତୁ। ଶର୍କରା ନିୟନ୍ତ୍ରଣ କରନ୍ତୁ।

## ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ଦର୍ଶାଏ

# ପରିସ୍ରାରେ ରକ୍ତ ପଡ଼ିବାର କାରଣ



**ପରିସ୍ରାରୁ ରକ୍ତ ପଡ଼ିବାକୁ ଡାକ୍ତରୀ ଭାଷାରେ ହେମାଟୁରିଆ କୁହାଯାଏ। ପରିସ୍ରାରେ ରକ୍ତସ୍ରାବକୁ ଅଧିକାଂଶ ସାଧାରଣ ଭାବି ଅଣଦେଖା କରିଥାନ୍ତି। ଡାକ୍ତରଙ୍କ ମୁତାବକ, ପରିସ୍ରାରେ ରକ୍ତ ପଡ଼ିବାକୁ ଅଣଦେଖା କଲେ ଏହା ଭବିଷ୍ୟତରେ କର୍କଟ ରୋଗ ସୃଷ୍ଟି କରିପାରେ। ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ କରିବା ଜରୁରି।**

ବିନା ଯନ୍ତ୍ରଣାରେ ପରିସ୍ରାରେ ରକ୍ତ ପଡ଼ିବା ଚିନ୍ତାର କାରଣ। ବୃକ୍କ ପଥୁରୀ, ପରିସ୍ରା ସଂକ୍ରମଣ ଓ ମୁତ୍ରନଳୀରେ ଦୀର୍ଘକାଳୀନ ସଂକ୍ରମଣ ଆଦି ଯୋଗୁଁ ପରିସ୍ରାରେ ରକ୍ତସ୍ରାବ ହୋଇଥାଏ। ଏଥିପାଇଁ ପରିସ୍ରା ଜଳାପୋଡ଼ା ଏବଂ ପେଟ ବ୍ୟଥା ହୋଇପାରେ। ପରିସ୍ରାରେ ରକ୍ତ ଆସିବା ବ୍ଲାଡର କର୍କଟ ଆରମ୍ଭର ସଙ୍କେତ। ଅନେକ କ୍ଷେତ୍ରରେ ପ୍ରଥମେ ପରିସ୍ରା ରଙ୍ଗ ଗୋଲାପୀ, ନାରଙ୍ଗୀ କିମ୍ବା ଗାଢ଼ ଲାଲ ହୋଇପାରେ। ବୃକ୍କ କ୍ୟାନ୍‌ସର ଓ ପ୍ରୋଷ୍ଟେଟ କର୍କଟରେ ମଧ୍ୟ ଏହି ଲକ୍ଷଣ ଦେଖାଯାଇପାରେ। ଏହା ସହ ପିଠି ଯନ୍ତ୍ରଣା, ଓଜନ କମ୍ ହେବା, ଦୁର୍ବଳ ଲାଗିବା ଆଦି ଲକ୍ଷଣ ମଧ୍ୟ ଦେଖାଯାଏ। ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଏହି ଲକ୍ଷଣ ଦେଖାଯିବା ମାତ୍ରେ ସଠିକ୍ ସମୟରେ ଯାଞ୍ଚ, ପରିସ୍ରା ପରୀକ୍ଷା ଜରୁରି। ପରିସ୍ରା ପରୀକ୍ଷା ସହ ଅଲଟ୍ରାସାଉଣ୍ଡ, ସିଟି ସ୍କାନ କିମ୍ବା ସିଷ୍ଟୋସ୍କୋପି ପରି ଯାଞ୍ଚ କରିବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ଏହାଦ୍ୱାରା ପରିସ୍ରାରେ ରକ୍ତ ପଡ଼ିବାର ପ୍ରକୃତ କାରଣ ଜଣାପଡ଼େ। ବିନା ଯନ୍ତ୍ରଣାରେ ପରିସ୍ରାରେ ରକ୍ତ ଦେଖାଗଲେ, ତୁରନ୍ତ ୟୁରୋଲୋଜିଷ୍ଟଙ୍କ ପରାମର୍ଶ ନେବା ଜରୁରି।

## ଘରୋଇ ଉପଚାର



# ପେଟ ଫମ୍ପା

- ଦୁଇ ଚାମଚ ଲେମ୍ବୁରସରେ ଦୁଇ ଅଣି ଓଜନ ପାନମହୁରୀ ବଟା ମିଶାଇ ୩/୪ ରତି ବିଟ ଲବଣ ଦେଇ ଖାଇଲେ ପେଟଫମ୍ପା ଆରୋଗ୍ୟ ହୁଏ।
- ଆମିଳିତ ଶାଗ ରସରେ ଯବକ୍ଷାର ଗୋଳି ପେଟ ଉପରେ ପ୍ରଲେପ ଦେଇ ଅଥବା ଏହି ରସ ସହିତ ଖସା ଅଭାବେ ସୋରିଷ ତେଲ ଫେଣାଇ ପେଟରେ ମାଲିସ୍ କଲେ ପେଟଫମ୍ପା ଭଲ ହୁଏ।
- ହିଙ୍ଗୁଳ ମଞ୍ଜି ପାଣିରେ ବାଟି ପେଟରେ ଲେପ ଦେଲେ ପେଟଫମ୍ପା ଓ ଶୂଳ ଭଲ ହୁଏ। ବକ୍ଷରେ ଲେପ ଦେଲେ ବକ୍ଷ ବେଦନା ଭଲ ହୁଏ।
- କଦମ୍ବ ପତ୍ର ରସ ଏକ ତୋଳା ଖାଇଲେ ପେଟଫମ୍ପା ଭଲ ହୋଇ ଝାଡ଼ା ସଫା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

■ ଆଇପିଏଲ୍-୧୯ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଜାରି

## ୧୩ଟି ଭେନ୍ୟୁରେ ଖେଳାଯିବ ୭୦ ଲିଗ୍ ମ୍ୟାଚ୍

**ମୁମ୍ବଇ, ୨୬ ।୩ (ଏଜେନ୍ସି):** ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁଯାଉଛି । ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ । ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ଆଇପିଏଲ୍‌ର ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୮ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ୨୦ଟି ମ୍ୟାଚର କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା । ଗୁରୁବାର ଦ୍ୱିତୀୟ ଫେଜ୍‌ରେ ଏପ୍ରିଲ ୧୩ରୁ ମେ ୨୪ ପର୍ଯ୍ୟନ୍ତ ହେବାକୁ ଥିବା ଆଉ ୫୦ଟି ଲିଗ୍ ମ୍ୟାଚର କାର୍ଯ୍ୟସୂଚୀ ଘୋଷଣା ହୋଇଛି । ଏପ୍ରିଲରେ ହେବାକୁ ଥିବା ୪ଟି ରାଜ୍ୟର ନିର୍ବାଚନ ନେଇ ତାରିଖ ଘୋଷଣା ହେବାପରେ ବିସିସିଆଇ ଆଇପିଏଲ୍‌ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଏବେ ଜାରି କରିଛି । ଫଳରେ ଆଇପିଏଲ୍-୧୯ର ଲିଗ୍ ପର୍ଯ୍ୟାୟର ସମସ୍ତ ୭୦ଟି ଯାକ ମ୍ୟାଚର ସୂଚୀ ସ୍ପଷ୍ଟ ହୋଇଯାଇଛି । ମୋଟ୍ ୧୩ଟି ଭେନ୍ୟୁରେ ଏହି ସମସ୍ତ ଲିଗ୍ ମ୍ୟାଚ୍ ଖେଳାଯିବ । ପାଞ୍ଚ ପାଞ୍ଚଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପରସ୍ପର ସହ ଏପ୍ରିଲ ୨୩ ଓ ମେ ୨ରେ ଦୁଇଥର ସାମ୍ନାସାମ୍ନି ହେବେ । ଦ୍ୱିତୀୟ ଫେଜରେ ୮ଟି ଡବଲ୍ ହେଡର୍ ମ୍ୟାଚ୍ ରହିଛି । ଅପରାହ୍ଣ ମ୍ୟାଚଗୁଡ଼ିକ ୩ଟା ୩୦ରୁ ଏବଂ ରାତି ୭ଟା ୩୦ରୁ ଡବଲ୍ ହେଡର୍‌ର ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବ ।

ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗ୍‌ସ ଓ ବେଙ୍ଗାଲୁରୁ ଦୁଇଟି ଲେଖାଏ ଘରୋଇ ଭେନ୍ୟୁ କରିଛନ୍ତି । ରାଜସ୍ଥାନ ଜୟପୁରର ସବାଇ ମାନସିଂ ବ୍ୟତୀତ ଗୌହାଟୀକୁ ଦ୍ୱିତୀୟ ଘରୋଇ ଭେନ୍ୟୁ କରିଛି । ଯେଉଁଠାରେ ଦଳ ୩ଟି ଲିଗ୍ ମ୍ୟାଚ୍ ଖେଳିବ । ସେହିଭଳି ପଞ୍ଜାବ ଧର୍ମଶାଳା ଓ ମୁଲାନପୁରକୁ ଘରୋଇ ଭେନ୍ୟୁ ଚୟନ କରିଛି । ବିରାଟ କୋହଲିଙ୍କ ବେଙ୍ଗାଲୁରୁ ମଧ୍ୟ ଏମ ଚିନ୍ନାସ୍ୱାମୀରେ ୫ଟି ଓ ଦ୍ୱିତୀୟ ଘରୋଇ ଗ୍ରାଉଣ୍ଡ ରାୟପୁରରେ ୨ଟି ମ୍ୟାଚ୍ ଖେଳିବ ବୋଲି ଜଣାପଡ଼ିଛି ।

## ହାଜ୍‌ଲେଉଡ୍ ପହଞ୍ଚିଲେ, ଆର୍‌ସିବି ଆଶ୍ୱସ୍ତ



**ବେଙ୍ଗାଲୁରୁ, ୨୬।୩ (ଏଜେନ୍ସି):** ଆରସିବି ପକ୍ଷରୁ ଆଇପିଏଲ୍ ଖେଳୁଥିବା ପ୍ରମୁଖ ଫାଷ୍ଟ ବୋଲର ଆହତ ସମସ୍ୟାରୁ ମୁକୁଳିବାକୁ ସଂଘର୍ଷ କରୁଥିବା ଜୋଶ ହାଜ୍‌ଲେଉଡ୍ ଆଜି ବେଙ୍ଗାଲୁରୁରେ ପହଞ୍ଚିଛନ୍ତି । ସେ ପହଞ୍ଚିବା ପରେ ଆର୍‌ସିବିର କର୍ମକର୍ତ୍ତା ଓ ସମର୍ଥକ ମାନେ ଆଶ୍ୱସ୍ତ ହୋଇଛନ୍ତି । ସେ ପହଞ୍ଚିବା ସତ୍ତ୍ୱେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଖେଳିବେ ନାହିଁ । କିମ୍ବା ସେ କେବେ ଖେଳିବେ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ । ସୂଚନାରୁ ଜଣାଯାଇଛି, କ୍ରିକେଟ ଅଷ୍ଟ୍ରେଲିଆ ଫିଟ୍‌ନେସ୍ ସାର୍ଟିଫିକେଟ ନ ଦେଲାଯାଏ ହାଜ୍‌ଲେଉଡ୍ ଆଇପିଏଲ୍ ଖେଳିବେ ନାହିଁ ବୋଲି କୁହାଯାଉଛି । ଏଣୁ ଆର୍‌ସିବି ଏବେ ତାଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର ଜ୍ୟାକବ ଡଫିଙ୍କୁ ଖେଳାଇବ । ଚୂଡ଼ାନ୍ତ ଏକାଦେଶରେ ସ୍ଥାନ ପାଇବାକୁ ଆଶାୟୀ ଥିବା ନୁୱାନ୍ ଥୁସାରାଙ୍କୁ ଶ୍ରୀଲଙ୍କା କ୍ରିକେଟ ବୋଲି ଏନ୍‌ଓସି ଦେଇ ନାହିଁ । ବୋର୍ଡ ପକ୍ଷରୁ କରାଯାଇଥିବା ଫିଟ୍‌ନେସ ଟେଷ୍ଟରେ ସେ ପାସ କରିପାରି ନାହାନ୍ତି । ଏଣୁ ସେ କେବେ ଦଳ ସହ ଯୋଗଦେବେ ତାହା କହିବା ମୁସ୍କିଲ । ଦଳର ଅନ୍ୟତମ ପ୍ରମୁଖ ବୋଲର ଯଶ ଦୟାଲଙ୍କ ବିରୋଧରେ ଧର୍ଷଣ ଅଭିଯୋଗ ରହିଥିବାରୁ ସେ ଚଳିତ ସିଜନରେ ଆଇପିଏଲ୍ ଖେଳିବେ ନାହିଁ ବୋଲି ଆର୍‌ସିବି ସ୍ପଷ୍ଟ କରିଛି ।

■ ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ୍

## ପାକିସ୍ତାନକୁ ହରାଇ ସେମିଫାଇନାଲରେ ଭାରତ

**ନୂଆଦିଲ୍ଲୀ, ୨୬ ।୩ (ଏଜେନ୍ସି):** ମାଳଦୀପରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ ଚାମ୍ପିଅନସିପ୍‌ରେ ଭାରତୀୟ ଫୁଟବଲ୍ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି । ଗୁରୁବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ଭାରତୀୟ ଯୁବ ଦଳ ୩-୦ ଗୋଲରେ ପାକିସ୍ତାନକୁ ହରାଇଦେଇଛି । ମ୍ୟାଚର ଦ୍ୱିତୀୟ ମିନିଟରେ ଭାରତ ପକ୍ଷରୁ ବିଶାଲ ଯାଦବ ପ୍ରଥମ ଗୋଲ୍‌ସ୍କୋର କରିଥିଲେ । ଏହାପରେ ଦ୍ୱିତୀୟାର୍ଦ୍ଧରେ ଓମାଙ୍ଗ ଡୋଡୁମ ଦୁଇଟି ଗୋଲ୍ ଦେଇଥିଲେ । ସେ ୬୩ତମ ମିନିଟରେ ପ୍ରଥମ ଓ ୮୭ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ । ବିଜୟ ସହ ଭାରତ ୩ ପଏଣ୍ଟ ପାଇ ଖାତା ଖୋଲିବା ସହ ସେମିଫାଇନାଲରେ ସ୍ଥାନ ପକ୍କା କରିଛି । ଅପରପକ୍ଷରେ ପୂର୍ବରୁ ବାଂଲାଦେଶ ନିକଟରୁ ହାରିଥିବା ପାକିସ୍ତାନ ଏଥିସହ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି । ଭାରତ ଏହାର ଅନ୍ତିମ ତଥା ୨ୟ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଶନିବାର ବାଂଲାଦେଶକୁ ଭେଟିବ ।

ବିସିସିଆଇର ୨୦୨୬-୨୭ ଘରୋଇ ଖେଳସୂଚୀ; ୧୭ ଭେନ୍ୟୁରେ ୨୨ ମ୍ୟାଚ୍

# କଟକରେ ଭାରତ-ଶ୍ରୀଲଙ୍କା ଟି-୨୦



**ନୂଆଦିଲ୍ଲୀ,୨୬।୩(ଏଜେନ୍ସି)**

ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ୨୦୨୬-୨୦୨୭ର ଘରୋଇ ସିଜନ ଲାଗି ଟିମ୍ ଇଣ୍ଡିଆର ଖେଳସୂଚୀ ଚୂଡ଼ାନ୍ତ କରାଯାଇଛି । ଏହି ସିଜିନରେ ଟିମ୍ ଇଣ୍ଡିଆ ୧୭ଟି ଭେନ୍ୟୁରେ ୨୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ୨୨ଟି ମ୍ୟାଚ୍ ମଧ୍ୟରେ ୯ଟି ଦିନିକିଆ, ୮ଟି ଟି-୨୦ ଓ ୫ଟି ଟେଷ୍ଟ ମ୍ୟାଚ୍ ଅନ୍ତର୍ଭୁକ୍ତ । ସେପ୍ଟମ୍ବର ୨୭ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ୨୦୨୭ ସେପ୍ଟେମ୍ବର ୨୭ରେ ଶେଷ ହେବ । ଏହି ସମୟ ମଧ୍ୟରେ ୪ଟି ଦେଶ ଯଥା ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା, ଜିମ୍ବାୱେ ଭାରତ ଗସ୍ତରେ ଆସିବେ । ଚଳିତ ସିଜନରେ ବା ଆଇପିଏଲ୍ ଶେଷ ହେବା ପରେ ପରେ ଆଫଗାନିସ୍ତାନ ଭାରତ ଗସ୍ତରେ ଆସି ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତସୂଚୀ ୨୦୨୫-୨୬ ସିଜନରେ ଅନ୍ତର୍ଭୁକ୍ତ । ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ପଞ୍ଜାବର ନୂଆ ଷ୍ଟାଡିୟମ ମୋହାଲିସ୍ଥିତ ମୁଲାନପୁରରେ, ଦିନିକିଆ ମ୍ୟାଚ୍ ଗୁଡ଼ିକ ଧର୍ମଶାଳା, ଲକ୍ଷ୍ନୌ ଓ ଚେନ୍ନଇରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ମିଶାଇରେ ଆଇପିଏଲ୍ ପରେ ଓ ୨୦୨୬-୨୭ ସିଜନ ଶେଷ ସୁଦ୍ଧା ଘରୋଇ ମାଟିରେ ଟିମ୍ ଇଣ୍ଡିଆ ୧୨ ଦିନିକିଆ, ୮ ଟି-୨୦ ଓ ୬ ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି ।

**ୱେଷ୍ଟଇଣ୍ଡିଜ୍ ଟୁର୍ :** ୨୦୨୬-୨୭ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଟୁର୍‌ରେ ଆସିବ । ସେପ୍ଟେମ୍ବର ୨୭ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍‌ରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳାଯିବ । ଦିନିକିଆ ମ୍ୟାଚ୍ ଗୁଡିକ ଯଥାକ୍ରମେ ତ୍ରିଭାନ୍ଦ୍ରମ, ଗୌହାଟୀ ଓ ନ୍ୟୁ ଚଣ୍ଡିଗଡ଼ ବା ମୁଲାନପୁରରେ ଖେଳାଯିବ । ଟି-୨୦ ମ୍ୟାଚ୍ ଗୁଡିକ ଲକ୍ଷ୍ନୌ, ରାଞ୍ଚି, ଇନ୍ଦୋର, ହାଇଦରାବାଦ୍ ଓ ବେଙ୍ଗାଲୁରୁରେ ଆୟୋଜିତ ହେବ ।

**ଡିସେମ୍ବରରେ ଶ୍ରୀଲଙ୍କା ସିରିଜ୍ :** ୨୦୨୬ ବର୍ଷ ଶେଷରେ ଶ୍ରୀଲଙ୍କା ଦଳ ଏକ ସୀମିତ ଓଭର ସିରିଜ୍ ଖେଳିବାକୁ ଭାରତ ଗସ୍ତରେ ଆସିବ । ଏହି ସିରିଜ୍‌ରେ ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳାଯିବ । ଦିନିକିଆ ମ୍ୟାଚ୍ ଗୁଡିକ ଦିଲ୍ଲୀ, ବେଙ୍ଗାଲୁରୁ ଓ ଅହମ୍ମଦାବାଦ୍‌ରେ ଓ ଟି-୨୦ ମ୍ୟାଚ୍ ଗୁଡ଼ିକ ରାଜକୋଟ, କଟକ ଓ ପୁଣେରେ ଖେଳାଯିବ ।

**ନୂଆ ବର୍ଷରେ ଜିମ୍ବାୱେ :** ନୂଆବର୍ଷ ବା ୨୦୨୭ରେ ଜିମ୍ବାୱେ ପ୍ରଥମ ଦଳ ଭାବେ ଭାରତ ଗସ୍ତରେ ଆସିବ । ଏହି ଗସ୍ତରେ ଦଳ ୩ଟି ଦିନିକିଆ ମ୍ୟାଚ୍ କୋଲକାତା, ହାଇଦରାବାଦ୍ ଓ ମୁମ୍ବଇରେ ଖେଳିବ । ଟିମ୍ ଇଣ୍ଡିଆର ନୂଆବର୍ଷ ଏହି ଗସ୍ତରୁ ଆରମ୍ଭ ହେବ ।

**ଅଷ୍ଟ୍ରେଲିଆ ଖେଳିବ ଟେଷ୍ଟ ସିରିଜ୍ :** ଟିମ୍ ଇଣ୍ଡିଆର ଘରୋଇ ସିଜନ ବର୍ଡର-ଗାଭାସ୍କର ଟ୍ରଫି ସହ ଶେଷ ହେବ । ଜାନୁଆରୀ ୨୧ରୁ ଆରମ୍ଭ ହେବାକୁ ଥିବା ଏହି ସିରିଜ୍‌ରେ ୫ଟି ଟେଷ୍ଟ ଖେଳାଯିବ । ଟେଷ୍ଟ ମ୍ୟାଚ୍ ଗୁଡିକ ନାଗପୁର, ଚେନ୍ନଇ, ଗୌହାଟୀ, ରାଞ୍ଚି ଓ ଅହମ୍ମଦାବାଦ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

### ଡିସେମ୍ବର ୨୪ରେ ବାରବାଟୀ ମୁକାବିଲା

ଏହି ସିଜନରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଗୋଟିଏ ଟି-୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ଏହି ମୁକାବିଲା ଡିସେମ୍ବର ୨୪ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ୨୦୨୫ରେ ବାରବାଟୀ ୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନର ଅଧିକାର ପାଇଥିଲା । ଫେବୃଆରୀ ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ଟି-୨୦ ମ୍ୟାଚ୍ ଆୟୋଜିତ ହୋଇଥିଲା । ଏହା ପରେ ଡିସେମ୍ବର ୯ ତାରିଖ ଦିନ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା । ଏହାର ବର୍ଷକ ପରେ ପୁଣିଥରେ ବାରବାଟୀକୁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନର ସୁଯୋଗ ମିଳିଛି ।

### ଭାରତର ଘରୋଇ ଖେଳସୂଚୀ

**ଆଫଗାନିସ୍ତାନ (୧ଟେଷ୍ଟ, ୩ଦିନିକିଆ)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଜୁନ୍ ୬ରୁ୧୦ | ଟେଷ୍ଟ | ମୁଲାନପୁର |
| ଜୁନ୍ ୧୪ | ପ୍ରଥମ ଦିନିକିଆ | ଧର୍ମଶାଳା |
| ଜୁନ୍ ୧୭ | ଦ୍ୱିତୀୟ ଦିନିକିଆ | ଲକ୍ଷ୍ନୌ |
| ଜୁନ୍ ୨୦ | ତୃତୀୟ ଦିନିକିଆ | ଚେନ୍ନଇ |

**୨୦୨୬-୨୭ ସିଜନ**

**ୱେଷ୍ଟଇଣ୍ଡିଜ୍ ଟୁର୍ (୩ଦିନିକିଆ, ୫ଟି-୨୦)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ସେପ୍ଟେମ୍ବର ୨୭ | ପ୍ରଥମ ଦିନିକିଆ | ତ୍ରିଭାନ୍ଦ୍ରମ୍ |
| ସେପ୍ଟେମ୍ବର ୩୦ | ଦ୍ୱିତୀୟ ଦିନିକିଆ | ଗୌହାଟୀ |
| ଅକ୍ଟୋବର ୦୩ | ତୃତୀୟ ଦିନିକିଆ | ମୁଲାନପୁର |
| ଅକ୍ଟୋବର ୦୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୦୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |

**ଶ୍ରୀଲଙ୍କା ଟୁର୍ (୩ ଦିନିକିଆ, ୩ ଟି-୨୦)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଡିସେମ୍ବର ୧୩ | ପ୍ରଥମ ଦିନିକିଆ | ଦିଲ୍ଲୀ |
| ଡିସେମ୍ବର ୧୬ | ଦ୍ୱିତୀୟ ଦିନିକିଆ | ବେଙ୍ଗାଲୁରୁ |
| ଡିସେମ୍ବର ୧୯ | ତୃତୀୟ ଦିନିକିଆ | ଅହମ୍ମଦାବାଦ୍ |
| ଡିସେମ୍ବର ୨୨ | ପ୍ରଥମ ଟି-୨୦ | ରାଜକୋଟ |
| ଡିସେମ୍ବର ୨୪ | ଦ୍ୱିତୀୟ ଟି-୨୦ | କଟକ |
| ଡିସେମ୍ବର ୨୭ | ତୃତୀୟ ଟି-୨୦ | ପୁଣେ |

**ଜିମ୍ବାୱେ ଟୁର୍ (୩ ଦିନିକିଆ)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଜାନୁଆରୀ ୦୩ | ପ୍ରଥମ ଦିନିକିଆ | କୋଲକାତା |
| ଜାନୁଆରୀ ୦୬ | ଦ୍ୱିତୀୟ ଦିନିକିଆ | ହାଇଦରାବାଦ୍ |
| ଜାନୁଆରୀ ୦୯ | ତୃତୀୟ ଦିନିକିଆ | ମୁମ୍ବଇ |

**ଅଷ୍ଟ୍ରେଲିଆ ଟୁର୍ (୫ ଟେଷ୍ଟ)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୨୧ରୁ ୨୫।୧ | ପ୍ରଥମ ଟେଷ୍ଟ | ନାଗପୁର |
| ୨୯।୧ରୁ ୨।୨ | ଦ୍ୱିତୀୟ ଟେଷ୍ଟ | ଚେନ୍ନଇ |
| ୧୧।୨ରୁ ୧୫।୨ | ତୃତୀୟ ଟେଷ୍ଟ | ଗୌହାଟୀ |
| ୧୯।୨ରୁ ୨୩।୨ | ଚତୁର୍ଥ ଟେଷ୍ଟ | ରାଞ୍ଚି |
| ୨୭।୨ରୁ ୩।୩ | ପଞ୍ଚମ ଟେଷ୍ଟ | ଅହମ୍ମଦାବାଦ୍ |

## ଜାତୀୟ ସିନିଅର ମହିଳା ହ୍ୟାଣ୍ଡବଲ୍‌ରେ ଭାଗନେବ ୧୮ ଜଣିଆ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୬ ।୩ (ସମିସ):** ଜାତୀୟ ସିନିଅର ମହିଳା ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୫୪ତମ ସଂସ୍କରଣ ଉତ୍ତରପ୍ରଦେଶର ବରେଲୀଠାରେ ମାର୍ଚ୍ଚ ୩୦ରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଜ୍ୟୋତି ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାର ୧୮ ଜଣିଆ ଦଳ ଅଂଶଗ୍ରହଣ କରିବ । ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଅଧିନାୟିକା ଜ୍ୟୋତି ପାତ୍ର, ଅଙ୍କିତା ବାରିକ, ସନ୍ଧ୍ୟାରାଣୀ ଦାସ, କସ୍ତୁରୀ ପ୍ରଧାନ, ସୋନମ ପ୍ରତିହାରୀ, ସ୍ୱପ୍ନେଶ୍ୱରୀ ଦାସ, ବର୍ଷା ସେଠୀ, ସଞ୍ଜନା ସ୍ୱାଇଁ, ଅଙ୍କିତା ପଟ୍ଟନାୟକ, ପୂଜା ସ୍ୱାଇଁ, ଆଦ୍ୟାଶା ଦାସ, ସୁନିତା ମହନ୍ତ, ରାଜଲକ୍ଷ୍ମୀ ନାୟକ, ଅଙ୍କିତା ସାହୁ, ବିଜୟଲକ୍ଷ୍ମୀ ପ୍ରଧାନ, ସମୀକ୍ଷା ମଣ୍ଡଳ, ରଣିକାର୍ଣ୍ଣ ରାଉତ, ମାନସୀ ପ୍ରଧାନ, କୋଚ ବିଶ୍ୱରଞ୍ଜନ ପାତ୍ର, ମ୍ୟାନେଜର ଗୀତାଞ୍ଜଳି ଦାସ ଓ ବର୍ଷା ପ୍ରିୟଦର୍ଶିନୀ ବାରିକ ଦଳ ସହ ବରେଲି ଯାତ୍ରା କରିଛନ୍ତି । ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ୍ ଗୌରୀ ଶଙ୍କର ମିଶ୍ର, ଗୋପାଳଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା

## ଅଞ୍ଜଳିଙ୍କୁ ହ୍ୟାଟ୍ରିକ ସ୍ୱର୍ଣ୍ଣ; ଝିଲ୍ଲିଙ୍କ ଝଲକ

**ଭୁବନେଶ୍ୱର, ୨୬ ।୩ (ସମିସ):** ଛତିଶଗଡ଼ର ରାୟପୁରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାରେ ଓଡ଼ିଶାର ପ୍ରତିଯୋଗୀଙ୍କ ପଦକ ବିଜୟଧାରା ଜାରି ରହିଛି । ଦ୍ୱିତୀୟ ଦିବସରେ ଗୁରୁବାର ଓଡ଼ିଶା ୪ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି । ଯେଉଁଥିରୁ ସନ୍ତରଣକାରୀ ଅଞ୍ଜଳି ମୁଣ୍ଡା ଏକାକୀ ୨ଟି ସ୍ୱର୍ଣ୍ଣ ଜିତିଛନ୍ତି । ଅଞ୍ଜଳି ମହିଳା ୨୦୦ ମିଟର ବ୍ୟକ୍ତିଗତ ମେଡଲେ ଓ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ଏହି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ପୂର୍ବରୁ ସେ ପ୍ରଥମ ଦିବସରେ ୨୦୦ ମିଟର ଫ୍ରିଷ୍ଟାଇଲରେ ପ୍ରଥମ ହୋଇଥିଲେ । ଫଳରେ ଅଞ୍ଜଳି ଏହି ପ୍ରତିଯୋଗିତାରେ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ



ଅଞ୍ଜଳି ମୁଣ୍ଡା



ଝିଲ୍ଲୀ ଦଳବେହେରା

ଜିତିଛନ୍ତି । ସେହିଭଳି ସନ୍ତରଣର ୪ ଗୁଣା ୧୦୦ ମିଟର ରିଲେରେ ଓଡ଼ିଶା ମହିଳା ଦଳ ପ୍ରଥମ ହୋଇଛି । ଅପରପକ୍ଷରେ ଭାରୋତ୍ତୋଳନ କ୍ରୀଡ଼ାରୁ ଓଡ଼ିଶାକୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ମିଳିଛି । ଝିଲ୍ଲୀ ଦଳବେହେରା ମହିଳା ୫୩ କିଗ୍ରା ବର୍ଗରେ ରାଜ୍ୟ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି । ସେହିଭଳି ମହିଳା ୪୮ କିଗ୍ରାରେ ଦୀପାରାଣୀ ମଲ୍ଲିକ ରୌପ୍ୟ ପଦକ ହାସଲ କରିଛନ୍ତି । ଦୁଇ ଦିନରେ ଓଡ଼ିଶା ୫ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୮ଟି କାଂସ୍ୟ ସହ ମୋଟ୍ ୧୪ ପଦକ ଜିତି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ।

ଓସିଏ କ୍ଲବ୍ କ୍ରିକେଟ

## ଶ୍ରେୟାଂସ, ଆୟୁଷଙ୍କ ଶତକ ବେକାର; ଓଜିପି ପରାସ୍ତ

**ଭୁବନେଶ୍ୱର, ୨୬ ।୩ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଟୁର୍ଣ୍ଣାମେଣ୍ଟର ଫେଜ୍-୨ ପର୍ଯ୍ୟାୟ ୪ଟି ମ୍ୟାଚ୍ ଗୁରୁବାର ଖେଳାଯାଇଥିଲା । ଏଥିରେ କିଶୋର କ୍ଲବ, ବାରବାଟୀ କଲଚୁରାଲ ୟୁନିୟନ, ମଙ୍ଗଳା କ୍ଲବ ଓ ରୟାଲ କ୍ଲବ ବିଜୟୀ ହୋଇଛି । ସନ୍‌ସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଶ୍ରେୟାଂସ ଭରଦ୍ୱାଜ (୧୪୬) ଓ ଆୟୁଷ ବାରିକ (୧୧୨) ଶତକୀୟ ପାଳି ଖେଳିଥିଲେ । କିନ୍ତୁ ତାଙ୍କ ଦଳ ଓଜିପି କ୍ଲବ ୧ ୱିକେଟରେ ବାରବାଟୀ ନିକଟରୁ ପରାସ୍ତ ହୋଇଥିଲା । ୩୧୩ ରନର ଟାର୍ଗେଟକୁ ବାରବାଟୀ ଦଳ




୪୯.୩ ଓଭରରେ ୯ ୱିକେଟ୍ ହରାଇ ହାସଲ କରିନେଇଥିଲା । ବିଜୟୀ ଦଳର ଅନିରୁଦ୍ଧ ଶ୍ରୀବାସ୍ତବ (୬୫ ରନ) ଶ୍ରେଷ୍ଠ ଖେଳାଳି ହୋଇଥିଲେ । ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ କିଶୋର କ୍ଲବ ୬ ୱିକେଟରେ ଟାଉନ କ୍ଲବକୁ, ବାରବାଟୀ ଷ୍ଟାଡିୟମରେ ମଙ୍ଗଳା କ୍ଲବ ୪୫ ରନରେ ରାଇଜିଂ ଷ୍ଟାରକୁ ଏବଂ ରେଭେନସା ଗ୍ରାଉଣ୍ଡ-୧ରେ ରୟାଲ୍ କ୍ଲବ ୪ ୱିକେଟରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି । ରୟାଲ୍ କ୍ଲବର ଅଙ୍କିତ ଚୌଧୁରୀ (୫ ୱିକେଟ), ମଙ୍ଗଳା କ୍ଲବର ନୌତମ ଭଞ୍ଜ (୨ ୱିକେଟ ଓ ୪୦ ରନ) ଏବଂ କିଶୋର କ୍ଲବର ନୟନ ଗୁପ୍ତା (୫ ୱିକେଟ) ଶ୍ରେଷ୍ଠ ଖେଳା ଳି ବିବେଚିତ ହୋଇଥିଲେ ।

## ଅଲିମ୍ପିକ୍ସରେ ଖେଳି ପାରିବେନି ଟ୍ରାନ୍ସଜେଣ୍ଡର ମହିଳା

**ଲାଉସାନେ, ୨୬ ।୩ (ଏଜେନ୍ସି):** ଅଲିମ୍ପିକ କ୍ରୀଡ଼ାକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି । ବିଶ୍ୱ କ୍ରୀଡ଼ାର ଏହି ମହାକୁମ୍ଭରେ ଏଥର ଟ୍ରାନ୍ସଜେଣ୍ଡର ମହିଳା ଆଥ୍‌ଲେଟ୍‌ମାନେ ଅଂଶଗ୍ରହଣ କରିପାରିବେ ନାହିଁ । ଅର୍ନ୍ତଜାତୀୟ ଅଲିମ୍ପିକ କମିଟି (ଆଇଓସି) ଗୁରୁବାର ଏକ ବଡ଼ ନିଷ୍ପତ୍ତି ନେଇ ଅଲିମ୍ପିକ୍ସରୁ ଟ୍ରାନ୍ସଜେଣ୍ଡର ମହିଳାଙ୍କୁ ଏବେ ବାଦ୍ ଦେଇଛି । ଫଳରେ ୨୦୨୮ରେ ହେବାକୁ ଥିବା ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରୁ ଆଉ ଏହି ଶ୍ରେଣୀର ଆଥ୍‌ଲେଟଙ୍କୁ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବନି । ମହିଳା କ୍ରୀଡ଼ା ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାରୀ ନିର୍ଦ୍ଦେଶ ସହିତ ନୂତନ ଯୋଗ୍ୟତା ନୀତିରେ ଆଇଓସି ରାଜି ହେବାପରେ ଏହି ନିୟମ ଲାଗୁ ହୋଇଛି ।

ଜାତୀୟ ପାରା ଅସିଚାଳନା

## ୨ ଦିନରେ ଓଡ଼ିଶାକୁ ୬ ସ୍ୱର୍ଣ୍ଣ

**ଭୁବନେଶ୍ୱର,୨୬।୩(ସମିସ)**




ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଜାତୀୟ ପାରା ଅସିଚାଳନା ପ୍ରତିଯୋଗିତାରେ ଓଡ଼ିଶା ଦଳର ସଫଳତା ହାସଲ ଅବ୍ୟାହତ ରହିଛି । ଏହି ପ୍ରତିଯୋଗିତାର ୨ ଦିନ ଶେଷରେ ଓଡ଼ିଶାକୁ ୬ ସ୍ୱର୍ଣ୍ଣ ଓ ୬ଟି କାଂସ୍ୟ ପଦକ ମିଳିଛି । ଆଜି ଅନୁଷ୍ଠିତ ଇଭେଣ୍ଟ ମଧ୍ୟରୁ ଓଡ଼ିଶା ଦଳ କାଂସ୍ୟରୁ ପଦକ ଅଭିଯାନ ଆରମ୍ଭ କରିଥିଲା । ମହିଳା ଫଏଲ କାଟେଗୋରୀରେ ବି ନର୍ମଦା ସିଂ ସେମିଫାଇନାଲରେ ପରାଜିତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା । କିନ୍ତୁ ଏହି କାଟାଗୋରୀର ମହିଳା ଦଳଗତ ଇଭେଣ୍ଟରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ଜିତିଥିଲା । ଆଶା ସିଂ, କୁମାରୀ ମାଳତୀ ପାନୁରେ, ଶିଳା ମନ୍ତ୍ରୀ ଓ ମଧୁସ୍ମିତା ସାହୁ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିଲେ । ମହିଳା ସହ ପୁରୁଷ ଦଳ ମଧ୍ୟ ସ୍ୱର୍ଣ୍ଣପଦକ କବ୍‌ଜା କରିଥିଲା । ଏହି ଦଳରେ ଓମ୍‌ପ୍ରକାଶ ବେହେରା, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଖାଲ କୁମାର ସେଠୀ ଓ ଭି ରମେଶ ରାଓ ସଦସ୍ୟ ରହିଥିଲେ । ରାଖାଲ କୁମାର ସେଠୀ ମଧ୍ୟ ଏହି ଇଭେଣ୍ଟର ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ପଦକ କବ୍‌ଜା କରିଥିଲେ । ଭି. ରମେଶ ରାଓଙ୍କୁ କାଂସ୍ୟ ପଦକ ମିଳିଥିଲା । ପୁରୁଷ ଫଏଲ କାଟାଗୋରୀ-ବି'ରେ ଓମ୍‌ପ୍ରକାଶ ବେହେରା ସ୍ୱର୍ଣ୍ଣ ଓ ଓମ୍‌ଙ୍କଠାରୁ ସେମିଫାଇନାଲରେ ପରାଜିତ ରାହୁଲ ମଲିକ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ । ଏହା ଫଳରେ ୬ଟି ସ୍ୱର୍ଣ୍ଣ ସହ ଓଡ଼ିଶା ଦଳର ପାରା ଅସିଚାଳକମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଯାଉଛନ୍ତି । ଆସନ୍ତାକାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ ।

## କାରୋଲିନା ମାରିନଙ୍କ ଅବସର

**ମାଦ୍ରିଦ, ୨୬ ।୩ (ଏଜେନ୍ସି):** ପୂର୍ବତନ ଅଲିମ୍ପିକ ଚାମ୍ପିଅନ କାରୋଲିନ ମାରିନ ୧୫ ବର୍ଷର ପ୍ରଫେସନାଲ କ୍ୟାରିୟର ଅନ୍ତ ଘଟାଇ ବ୍ୟାଡ୍‌ମିଣ୍ଟନକୁ ଅଲ୍‌ବିଦା କହିଛନ୍ତି । ମାରିନ ଗୁରୁବାର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ଅବସର ନେଇ ଘୋଷଣା କରିଛନ୍ତି । ୩୨ ବର୍ଷୀୟା ଏହି ସ୍ପାନିଶ ତାରକା ତାଙ୍କ ଘରୋଇ ସହର ହୁଏଲଭାରେ ମ୍ୟାଚ୍ ଖେଳି ଅବସର ନେବେ ବୋଲି ଚିନ୍ତା କରିଥିଲେ । କିନ୍ତୁ ଆଘାତଜନିତ ସମସ୍ୟା ଲାଗି ଦୀର୍ଘ ୨ ବର୍ଷ ହେବ କୋର୍ଟରୁ ଦୂରେଇ ରହିଥିଲେ । ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ । ୨୦୧୬ ରିଓ ଅଲିମ୍ପିକରେ ମାରିନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ସେହିଭଳି ବ୍ୟାଡ୍‌ମିଣ୍ଟନ ଇତିହାସର ପ୍ରଥମ ମହିଳା ଖେଳାଳି ଭାବେ ୩ଥର ବିଶ୍ୱ ଚାମ୍ପିଅନ ଟାଇଟଲ୍ ହାସଲ କରିଥିଲେ ।

ଏଲ୍‌ଏଲ୍‌ସିସି କପ୍ କ୍ରିକେଟ

## ପାରାମାଉଣ୍ଟ-ରେଡ୍ ଷ୍ଟାର ସେମିଫାଇନାଲ

**ଭୁବନେଶ୍ୱର,୨୬।୩(ସମିସ):** ଭୁବନେଶ୍ୱରର ଦୁଇ ଦଳ ପାରାମାଉଣ୍ଟ ସ୍ପୋର୍ଟିଂ ଓ ୟୁନିଟ୍-୬'ର ରେଡ୍‌ଷ୍ଟାର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଶନିବାର ଖେଳାଯିବ । ଆଜି ଖେଳାଯାଇଥିବା ଏଲ୍‌ଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ତଥା ଶେଷ କ୍ୱାର୍ଟରଫାଇନାଲରେ ଏମ୍‌ସିଏକୁ ୯ ୱିକେଟରେ ପରାସ୍ତ କରି ପାରାମାଉଣ୍ଟ ସ୍ପୋର୍ଟିଂ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସହିଦ୍ ସ୍ପୋର୍ଟିଂ ସହ ଆୟୋଜକ ଏଲ୍‌ଏଲ୍‌ସିସି-ଏ'ର ମୁକାବିଲା ହେବ । ଆଜିର ମ୍ୟାଚ୍‌ରେ ୫୫ ବଲ୍‌ରୁ ଅପରାଜିତ ୬୫ ରନ୍ କରିବା ସହ ୨ଟି ୱିକେଟ ନେଇଥିବା ଆୟୁଷ୍ମାନ୍ ପାତ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଆର୍ଣ୍ଣିସ କନ୍‌ଷ୍ଟ୍ରକସନର ଏମ୍‌ଡି ରିଷି ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।



ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଏମ୍‌ସିଏ ୩୫ ଓଭରରେ ୧୨୭ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ଅଖିଳ ପ୍ରଧାନ ୪୪ ରନ କରିଥିଲେ । ଜବାବରେ ପାରାମାଉଣ୍ଟ ଗୋଟିଏ ୱିକେଟ ହରାଇ ବିଜୟୀ ହୋଇଥିଲା । ଆୟୁଷ୍ମାନଙ୍କ ସହ ସୁସଙ୍କେତ ରାଉତ ୫୬ରନ୍‌ରେ ଅପରାଜିତ ରହିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS